ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ରବିବାର ୦୫ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 SEPTEMBER 2021
Vol.No. 32 ■ No. 227 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

# ଆସନ୍ତା ୩୦ରେ ପିପିଲି ଉପନିର୍ବାଚନ

## ପ୍ରଚାରରେ ରୋଡ ସୋ, ରାଲି ମନା




ଭୁବନେଶ୍ୱର,୦୪/୦୯(ନି.ପ୍ର): ଆସନ୍ତା ସେପ୍ଟେମ୍ବର ୩୦ତାରିଖରେ ପିପିଲି ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ ହେବ। ଅକ୍ଟୋବର ୩ ତାରିଖରେ ଭୋଟ ଗଣତି ହେବ। ଏନେଇ ଶନିବାର ଘୋଷଣା କରିଛନ୍ତି ନିର୍ବାଚନ କମିଶନ। ପିପିଲି ସହିତ ପଶ୍ଚିମବଙ୍ଗର ୩ଟି ଆସନ ପାଇଁ ମଧ୍ୟ ଉପନିର୍ବାଚନ ହେବ । ପିପିଲି ପାଇଁ ଆଜିଠାରୁ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି । ପିପିଲି ଉପନିର୍ବାଚନ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ ଗଣମାଧ୍ୟମକୁ କହିଛନ୍ତି ଯେ କରୋନା କଟକଣା ମାନି ନିର୍ବାଚନ କରାଯିବ। ଆସନ୍ତା ୨୦ ତାରିଖରୁ ନିର୍ବାଚନ ପ୍ରଚାର କରିବା ନିମନ୍ତେ ଅନୁମତି ମିଳିଛି। ରୋଡ୍ ସୋ’, ସାଇକେଲ ରାଲି, ବାଇକ ରାଲିକୁ ବାରଣ ହୋଇଛି। ସେହିଭଳି ଦ୍ୱାରକୁ ଦ୍ୱାର ନିର୍ବାଚନ କ୍ୟାମ୍ପେନରେ ପ୍ରାର୍ଥୀଙ୍କ ସହ ମାତ୍ର ୫ ଜଣ କର୍ମୀ ମତଦାତାଙ୍କ ପାଖକୁ ଯାଇପାରିବେ। ମତଦାନର ୭୨ ଘଂଟା ପୂର୍ବରୁ ପ୍ରଚାର ବନ୍ଦ ହେବ । ନିୟମ ଭାଙ୍ଗିଲେ ଷ୍ଟାର ପ୍ରଚାରକଙ୍କୁ ବାଦ ଦିଆଯିବ। ମତଦାନ ପୂର୍ବରୁ ଭୋଟରଙ୍କ ତାପମାତ୍ରା ମପାଯିବ। ଭୋଟ ବେଳେ ସାମିଲ ରହୁଥିବା ସମସ୍ତଙ୍କୁ ୨ ଡୋଜ୍ ଟିକା ନେବା ନିହାତି ଜରୁରୀ। ନିବର୍ବାଚନ କମିଶନ ଜାରି କରିଥିବା କୋଭିଡ୍ ଗାଇଡଲାଇନ୍ ପାଳନ କରାଯିବ । ପ୍ରଚାର ପାଇଁ ଆବଦ୍ଧ ଗୃହ କ୍ଷମତାର ୩୦ ପ୍ରତିଶତ କିମ୍ବା ସର୍ବାଧିକ ୨୦୦ ଲୋକ ସାମିଲ୍ ହୋଇପାରିବେ। ଆଉଟ ଡୋର୍ କ୍ୟାମ୍ପେନ ବେଳେ ଷ୍ଟାର କ୍ୟାମ୍ପେନର ଥିଲେ ସର୍ବାଧିକ ୧ ହଜାର ଲୋକ ସାମିଲ୍ ହୋଇପାରିବେ। ଷ୍ଟାର କ୍ୟାମ୍ପେନରଙ୍କ ବ୍ୟତୀତ ଅନ୍ୟ କେହି ପ୍ରଚାର କରୁଥିଲେ ସର୍ବାଧିକ ୫୦୦ ଲୋକ ଭାଗ ନେଇ ପାରିବେ ।ଏଥିପାଇଁ ପୂର୍ବରୁ ଅନୁମତି ନେବାକୁ ପଡ଼ିବ । ପ୍ରଚାର ପଡ଼ିଆକୁ ବ୍ୟାରିକେଡିଂ କରାଯିବ । ସମସ୍ତ କୋଭିଡ୍ ନିୟମ ପାଳନ କରାଯିବ । ଏଥିପାଇଁ ପ୍ରାର୍ଥୀ କିମ୍ବା ଦଳ ଟଙ୍କା ଖର୍ଚ୍ଚ କରିବେ । କୋଭିଡ୍ ଯୋଗୁଁ ଷ୍ଟାର କ୍ୟାମ୍ପେନର ତାଲିକା ୨୦ ଜଣରେ ସୀମିତ କରାଯାଇଛି । ପିପିଲି ଉପନିର୍ବାଚନ ଲାଗି ୧୦ ଜଣଙ୍କ ପ୍ରାର୍ଥିପତ୍ର କାଏମ୍ ରହିଛି। ବିଜେପିରୁ ଆଶ୍ରିତ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସରୁ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ଓ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ରୁଦ୍ର ପ୍ରତାପ ମହାରଥୀ। ୩ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ଅନ୍ୟାନ୍ୟ ଦଳରୁ ୭ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ୍ ରହିଛି । ସୂଚନାଯୋଗ୍ୟ, ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ପିପିଲି ବିଧାନସଭା ଆସନ ଖାଲି ପଡ଼ିଥିଲା। ଏହାପରେ ମେ ୧୬ ତାରିଖରେ ସେଠାରେ ଉପନିର୍ବାଚନ କରାଯିବା ନିମନ୍ତେ ଘୋଷଣା ହୋଇଥିଲା। ହେଲେ ଏହା ମଧ୍ୟରେ କରୋନାରେ ଆକ୍ରାନ୍ତ ହୋଇ ପିପିଲି ଉପନିର୍ବାଚନ ର କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ବିୟୋଗ ହୋଇଥିଲା। ତାଙ୍କ ଦେହାନ୍ତ ଯୋଗୁ ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା।

## ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବିଧାନସଭାରେ ୩ ଟି ବିଲ୍ ପାରିତ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଧାନସଭାରେ ୩ ଟି ବିଲ୍ ପାରିତ ହୋଇଛି। ଏହି ବିଲ୍ ଗୁଡିକ ହେଲା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ବିଲ୍ ୨୦୨୧ , ଓଡିଶା ବିନିୟୋଗ ଅଧିନିୟମ (ନିରସନ) ବିଲ୍ ୨୦୨୧ ଓ ଓଡିଶା ସହର ଯୋଜନା ଓ ଅଭିବୃଦ୍ଧି ନ୍ୟାସ (ସଂଶୋଧନ) ବିଲ୍ ୨୦୨୧। ବିଲ୍ ପାରିତ ହେବା ପରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ବିଧେୟକ ପାରିତ ହେବା ଦ୍ୱାରା କଲେଜ ଅଫ୍ ଇଞ୍ଜିନିୟରିଂ ▶▶ପୃଷ୍ଠା ୭

# ପାରା ଅଲମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଲେ ଓଡ଼ିଆ ପୁଅ ପ୍ରମୋଦ



ଭୁବନେଶ୍ୱର,୦୪/୦୯(ନି.ପ୍ର): ଚଳିତ ଟୋକିଓ ପାରାଲିମ୍ପିକ୍ସରେ ଇତିହାସ ରଚିଲେ ଓଡ଼ିଆ ପୁଅ ପ୍ରମୋଦ ଭଗତ। ବ୍ୟାଡ୍‌ମିଣ୍ଟନ ପୁରୁଷ ଏକକ ବର୍ଗରେ ସେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ଏହା ସହିତ ପ୍ରଥମ ଭାରତୀୟ ଭାବେ ସେ ପାରାଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ଜିତିଛନ୍ତି। ଅଲିମ୍ପିକ୍ସରେ ମଧ କୌଣସି ଭାରତୀୟ ଏ ପର୍ଯ୍ୟନ୍ତ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ପଦକ ଜିତି ନାହାନ୍ତି। ସେହି ଅଭାବକୁ ଆଜି ପ୍ରମୋଦ ପୂରଣ କରି ଦେଇଛନ୍ତି। ସେ ତାଙ୍କର ବିଶ୍ୱର ୧ ନମ୍ବର ଖେଳାଳି ମାନ୍ୟତାକୁ ବି ବଜାୟ ରଖିଛନ୍ତି । ବିଶ୍ୱର ୧ ନମ୍ବର ଖେଳାଳି ପ୍ରମୋଦ ଫାଇନାଲରେ ବ୍ରିଟେନ୍‌ର ଡାନିଏଲ ବେଥେଲଙ୍କୁ ୨୧-୧୪, ୨୧-୧୭ ଗେମ୍‌ରେ ହରାଇଛନ୍ତି। ୪୫ ମିନିଟ୍ ଧରି ଏହି ଖେଳ ଚାଲିଥିଲା। ପ୍ରଥମ ଗେମ୍‌ରେ ଆଗୁଆ ରହିବା ପରେ ୨ୟ ଗେମ୍‌ରେ ବି ପ୍ରମୋଦ ନିଜ ଦବଦବା ବଜାୟ ରଖି ଏହି ସଫଳତା ହାସଲ କରିଛନ୍ତି । ପ୍ରମୋଦ ସ୍ୱର୍ଣ୍ଣ ଜିତିବା ସହିତ ଟୋକିଓ ଅଲିମ୍ପିକ୍ସରେ ଭାରତ ପଦକ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ଆଜିର ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦଙ୍କ ମୁକାବିଲା ଜାପାନରେ ଡି ଫୁଜିହାରାଙ୍କ ସହ ହୋଇଥିଲା। ଏହି ମ୍ୟାଚ୍‌କୁ ପ୍ରମୋଦ ଏକତରଫା ଭାବେ ଜିତି ଫାଇନାଲରେ ପ୍ରବେଶ କରିଥିଲେ। ବିଶ୍ୱ ଚାମ୍ପିଅନଶିପରେ ପ୍ରମୋଦ ଭଗତ ୪ ଥର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୧୮ ଏସିଆନ୍ ପାରା ଗେମ୍ସରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ। ୫ ବର୍ଷ ବର୍ଷ ହୋଇଥିବା ବେଳେ ପୋଲିଓର ଶିକାର ହୋଇଥିବା ପ୍ରମୋଦ ଭଗତ ହେଉଛନ୍ତି ଦେଶର ସର୍ବଶ୍ରେଷ୍ଠ ପାରା ଶଟଲର। ସେ ୪୫ଟି ଅନ୍ତର୍ଜାତୀୟ ପଦକ ଜିତିଛନ୍ତି। ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଧାନସଭାରେ ଅସୁସ୍ଥ ହେଲେ ତାରା ବାହିନୀପତି

ଭୁବନେଶ୍ୱର,୦୪/୦୯(ନି.ପ୍ର): ବିଧାନସଭା ଗୃହ ଭିତରେ ଅସୁସ୍ଥ ହୋଇପଡ଼ିଛନ୍ତି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି। ଓଡିଶା ବୈଷୟିକ ଓ ଗବେଶଣା ବିଶ୍ୱବିଦ୍ୟାଳୟ ବିଲ୍ ପାରିତ ହେବା ବେଳେ ବାଚସ୍ପତିଙ୍କ ପୋଡିୟମ ତଳେ ଚେୟାର ଉପରେ ଚଢ଼ି ପ୍ରତିବାଦ କରିବା ବେଳେ ସେ ଅସୁସ୍ଥ ହୋଇପଡିଥିଲେ। ଅନ୍ୟ ସଦସ୍ୟମାନେ ସେଠାରୁ ଡାକ୍ତରଖାନା ନେଇଥିଲେ। ନିକଟରେ ବିଧାୟକ ଶ୍ରୀ ବାହିନୀପତି କରୋନାରେ ପୀଡ଼ିତ ହୋଇ ସୁସ୍ଥ ହୋଇଥିଲେ।

# ସେପ୍ଟେମ୍ବର ୩୦ରେ ପଶ୍ଚିମବଙ୍ଗରେ ଉପ ନିର୍ବାଚନ

## ଭବାନୀପୁରରୁ ଲଢ଼ିବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ



ପଶ୍ଚିମବଙ୍ଗ,୦୪/୦୯(ନି.ପ୍ର): ପଶ୍ଚିମବଙ୍ଗର ଭବାନୀପୁର ଆସନରେ ସେପ୍ଟେମ୍ବର ୩୦ ଉପ ନିର୍ବାଚନ ହେବ । ଏହି ଆସନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି କାରଣ ଏଠାରୁ ଉପ ନିର୍ବାଚନ ଲଢ଼ିବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ପଶ୍ଚିମବଙ୍ଗରେ ୩ଟି ଆସନରେ ଉପ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି ନିର୍ବାଚନ କମିଶନ । ଭବାନୀପୁର ସହ ସମସେରଗଞ୍ଜ ଓ ଜାଙ୍ଗିପୁରରେ ସେପ୍ଟେମ୍ବର ୩୦ରେ ଉପନିର୍ବାଚନ ହେବ । ଅକ୍ଟୋବର ୩ରେ ଏସବୁ ଆସନରେ ଭୋଟ ଗଣତି କରାଯିବ । ଚଳିତବର୍ଷ ଏପ୍ରିଲ-ମେ’ ମାସରେ ପଶ୍ଚିମବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିକୁ ହରାଇ ପୁଣି ଥରେ କ୍ଷମତାକୁ ଫେରିଥିଲା ତୃଣମୂଳ କଂଗ୍ରେସ । ନିର୍ବାଚନରେ ୨୧୩ ଆସନ ଜିତିଥିଲା ତୃଣମୂଳ କଂଗ୍ରେସ । ଆଉ ବିଜେପିକୁ ୭୭ ଆସନରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା । ହେଲେ ସମସ୍ତଙ୍କ ନଜର ଥିବା ନନ୍ଦିଗ୍ରାମରେ ବିଜେପିର ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ହାରିଯାଇଥିଲେ ମମତା । ନିଜର ପାରମ୍ପରିକ ଆସନ ଭବାନୀପୁର ଛାଡ଼ି ଏଥର ନନ୍ଦୀଗ୍ରାମରୁ ଲଢ଼ିଥିଲେ ମମତା । ନିର୍ବାଚନ ଫଳାଫଳ ପରେ ଯଦିଓ ମମତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ, ହେଲେ ନିୟମ ଅନୁସାରେ ତାଙ୍କୁ ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ । ସେଥିପାଇଁ ମମତା ଉପନିର୍ବାଚନ ପାଇଁ ବାରମ୍ବାର ନିର୍ବାଚନ କମିଶନଙ୍କ ନିକଟରେ ଦାବି ରଖିଆସୁଥିଲେ । ବିଧାନସଭା ନିର୍ବାଚନରେ ଭବାନୀପୁର ଆସନରୁ ତୃଣମୂଳ କଂଗ୍ରେସର ଶୋଭନଦେବ ଚଟ୍ଟୋପାଧ୍ୟାୟ ଜିତିଥିଲେ । ହେଲେ ଫଳାଫଳର ଠିକ ପରେ ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ ଆଉ ଭବାନୀପୁରରୁ ତୃଣମୂଳ ସୁପ୍ରିମୋ ଉପନିର୍ବାଚନ ଲଢ଼ିବେ ବୋଲି ଦଳ ଘୋଷଣା କରିଥିଲା ।

# ୮୭ ଦିନର ସଂଘର୍ଷ ପରେ ହାରିଗଲେ ଅଭିଷେକ



ଭୁବନେଶ୍ୱର,୦୪/୦୯(ନି.ପ୍ର): କରୋନା ସହ ସଂଘର୍ଷ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ଅଭିଷେକ ମହାପାତ୍ର । କୋଲକାତାରେ ୮୭ ଦିନ ଇକମୋ ଚିକିତ୍ସା ହେବା ପରେ ଚିରନିଦ୍ରାରେ ଶୋଇଯାଇଛନ୍ତି ଅଭିଷେକ । ଆଉ ତାଙ୍କ ମୃତ୍ୟୁ ଖବର ଭଦ୍ରକ ବାସୁଦେବପୁର ସମେତ ସାରା ଓଡିଶାରେ ଶୋକର ଛାୟା ଖେଳାଇ ଦେଇଛି । କରୋନା ଆକ୍ରାନ୍ତ ହେବା ପରେ ଅଭିଷେକ ମହାପାତ୍ରଙ୍କ ଫୁସଫୁସ କିଛି ମାତ୍ରାରେ ନଷ୍ଟ ହୋଇଯାଇଥିଲା । ଦିନକୁ ଦିନ ସ୍ଥିତି ବିଗିଡିବା ପରେ ଡାକ୍ତରଙ୍କ ପରାମର୍ଶରେ କୋଲକତାକୁ ନିଆଯାଇ ତାଙ୍କର ଇକମୋ ଚିକିତ୍ସା କରାଯାଉଥିଲା । ହେଲେ ଅଲଗା ଥିଲା ନିୟତିର ବିଧାନ । ସୂଚନା ଅନୁସାରେ ଭଦ୍ରକ ବାସୁଦେବପୁର ଅଞ୍ଚଳର ଅଭିଷେକ ମହାପାତ୍ର ବିବାହର ୮ ଦିନ ପରେ କରୋନାରେ ଆକ୍ରାନ୍ତ ହୋଇଥିଲେ । ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ କଳିଙ୍ଗ ହସ୍ପିଟାଲରେ ୨୨ଦିନ ଭେଣ୍ଟିଲେଟରରେ ▶▶ପୃଷ୍ଠା ୭

# ପୁଣି ଘୁଞ୍ଚିଲା ଆଫଗାନରେ ସରକାର ଗଠନ

## ଆସନ୍ତା ସପ୍ତାହରେ ଗଢ଼ା ହୋଇପାରେ ସରକାର



ନୂଆଦିଲ୍ଲୀ,୦୪/୦୯: ଆମେରିକାର ସୈନ୍ୟ ଅପସାରଣ ପରେ ସହଜରେ ତାଲିବାନ ଆଫଗାନିସ୍ତାନ ଦଖଲ କରିନେଇଛି । ହେଲେ ସରକାର ଗଠନ କରିବା ଏତେ ସହଜ ହେଉ ନାହିଁ ଆଉ ଏଥିପାଇଁ ବାରମ୍ବାର ସରକାର ଗଠନର ତାରିଖ ବଦଳାଇ ଚାଲିଛି ତାଲିବାନ । ଶନିବାର ଆଫଗାନିସ୍ତାନରେ ସରକାର ଗଠନ ହେବ ବୋଲି ପୂର୍ବରୁ ତାଲିବାନ କହିଥିବା ବେଳେ ଶେଷ ମୂହୂର୍ତ୍ତରେ ଏହାକୁ ଆର ସପ୍ତାହକୁ ଘୁଞ୍ଚାଇ ଦିଆଯାଇଛି । ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି ଯେ, ଏବେ ସରକାର ଗଠନ ନିଷ୍ପତ୍ତିକୁ ଘୁଞ୍ଚାଇ ଦିଆଯାଇଛି ଓ ଆସନ୍ତା ସପ୍ତାହରେ ଏହି ନିଷ୍ପତ୍ତି ନିଆଯିବ । ତେବେ ବାରମ୍ବାର କାହିଁକି ସରକାର ଗଠନ ସମୟ ▶▶ପୃଷ୍ଠା ୭

# ରାଜ୍ୟରେ କରୋନାରେ ଆଉ ୫ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୦୪୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଭଦ୍ରକ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ ନବରଙ୍ଗପୁର ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତ ଅଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ୧୨୧ଟି ସିଟି ବସ୍ ବିକ୍ରୀ ପ୍ରତିବାଦରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ‘ମୋ ସାଇକଲ୍’ କୁ କବାଡିଖାନା ହାତକୁ ଟେକି ଦେଲା ପରେ ବର୍ତ୍ତମାନ ‘ସିଟି ବସ୍’ କୁ ମଧ ଅନ୍ୟ ରାଜ୍ୟର କବାଡିଖାନା ହାତକୁ ଟେକି ଦେଇଛନ୍ତି ରାଜ୍ୟ ସରକାର ଓ ବିଏମସି ପ୍ରଶାସନ। ୧୨୧ଟି ବସ୍ କୁ କବାଡିବାଲାଙ୍କ ହାତକୁ ଟେକି ଦେଇ ରାଜ୍ୟ ରାଜକୋଷର ୨୨ କୋଟି ଟଙ୍କା ସ୍ୱାହା କରିଦିଆଯାଇଛି। ରାଜ୍ୟସରକାରଙ୍କ ଏଭଳି କାର୍ଯ୍ୟକଳାପ ପ୍ରତିବାଦରେ ଆଜି ମାଷ୍ଟର କ୍ୟାଂଟିନ ଛକରେ ଭୁବନେଶ୍ୱର ଜିଲ୍ଲା ବିଜେପି ତରଫରୁ ‘ସିଟି ବସ୍ ର ଡମି’କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡିଶାବାସୀଙ୍କ ଝାଳବୁହା ଅର୍ଥରୁ ଆଦାୟ ହୋଇଥିବା ଟିକସ ଅର୍ଥକୁ ପାଣି ଭଳି ଅଯଥା ଖର୍ଚ୍ଚ କରିବାର ଅଧିକାର ରାଜ୍ୟ ସରକାରଙ୍କ ନାହିଁ ବୋଲି ଜିଲ୍ଲା ସଭାପତି ବାବୁ ସିଂ କ୍ଷୋଭ ପ୍ରକାଶ କରି କହିଛନ୍ତି। ଏହି ବିକ୍ଷୋଭରେ ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପଧକ୍ଷା ଅର୍ପିତା ଅପରାଜିତା ବଡଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ହିମାଂଶୁ ଛୋଟରାୟ ଓ ଦିଲ୍ଲୀପ ବେହେରା, ଜିଲ୍ଲା ଉପସଭାପତି ବିଭାସ ସେନଗୁପ୍ତା, ନିରଂଜନ ରାଉତରାୟ, ତୃପ୍ତିମୟୀ ମକଦ୍ଦମ, ମାନସୀ ରାୟ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ଜିଲ୍ଲା ମଣ୍ଡଳ ସଭାପତି ସନ୍ତୋଷ ଜେନାଙ୍କ ସମେତ ବହୁ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ୪୮ ଘଂଟାରେ ବଙ୍ଗୋପସାଗରରେ ଲଘୁଚାପ ! ବଢ଼ିବ ବର୍ଷା

ଭୁବନେଶ୍ୱର,୦୪/୦୯ (ନି.ପ୍ର): ବଙ୍ଗୋପସାଗରରେ ଦାନା ବାନ୍ଧୁଛି ତିନି ତିନୋଟି ଲଘୁଚାପ । ଉତରପୂର୍ବ ଓ ତତସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୪୮ ଘଂଟା ମଧ୍ୟରେ ଏହା ଉତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହୋଇପାରେ। ସେହିଭଳି ଦକ୍ଷିଣ ଛତିଶଗଡ଼ ଏବଂ ଆନ୍ଧ୍ର ଉପକୂଳରେ ଆଉ ୨ଟି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ । ୪ ତାରିଖରୁ ୮ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଗାମୀ ୨୪ ଘଂଟା ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସହ ଅନ୍ୟ କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି । କୋରାପୁଟ, ମାଲକାନଗିରି, କେନ୍ଦୁଝର ଓ ମୟୂରଭଞ୍ଜରେ ▶▶ପୃଷ୍ଠା ୭

# ବିଜେପି ଉଠାଇଲା ଆବାସ ଦୁର୍ନୀତି ପ୍ରସଙ୍ଗ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଘର ଦିଆ ନ ଯାଇ ଦଳୀୟ ଆଧାରରେ ଘର ଦିଆ ଯାଉଛି । ଯୋଗ୍ୟ ହିତାଧିକାରୀ ମାନଙ୍କୁ ବାଦ ଦିଆ ଯାଉଛି । ଏ ସମ୍ପର୍କରେ ଏକ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି । କେନ୍ଦ୍ର ସରକାରଙ୍କ ଜାଂଚ ପରେ ଦୋଷୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖାଗଲେ ସୁଦ୍ଧା ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନାହିଁ । ଏହା କହିଛନ୍ତି ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ। ତେବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କୁ ଅଧିକ କହିବାକୁ ସୁଯୋଗ ନ ଦେବାରୁ ବିଜେପି ବିଧାୟକ ମାନେ ହଟ୍ଟଗୋଳ କରିଥିଲେ । ପରେ ସେମାନେ ଏହି ମାମଲାରେ କକ୍ଷତ୍ୟାଗ କରି ଗାନ୍ଧୀଜୀଙ୍କ ପ୍ରତିମୂର୍ତି ଆଗରେ ଧାରଣା ଦେବାର ଦେଖା ଯାଇଥିଲା। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ ମୋହନ ମାଝୀ । ସେ କହିଥିଲେ ଯେ ବିରୋଧୀ ଦଳର ନେତା ତଥା ଉପନେତାଙ୍କ ତରଫରୁ ସେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଉଛନ୍ତି । ତେଣୁ ତାଙ୍କୁ କିଛି ସମୟ ଅଧିକ ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ମାଝୀ କହିଥିଲେ ଯେ ଓଡିଶାରେ କେନ୍ଦ୍ରୀୟ ଯୋଜନା ଗୁଡିକ ଠିକ ଭାବେ କାମ କରୁ ନାହିଁ। କେନ୍ଦ୍ର ଯୋଜନା ଗୁଡିକୁ ନିଜର ବୋଲି ପ୍ରଚାରିତ କରି ରାଜ୍ୟ ସରକାର ଲୋକ ମାନଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି । ଶ୍ରୀ ମାଝୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ଘର ଯୋଜନାରେ କାମ କରୁଛନ୍ତି । ହେଲେ ଓଡିଶାରେ ଗରୀବ ଲୋକ ମାନେ ଯାହାଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ତାଙ୍କ ବଦଳରେ ଶାସକ ଦଳର ଧନୀ ଲୋକଙ୍କୁ ଘର ଦିଆ ଯାଉଛି । ଏଥିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଛି । ତେଣୁ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କରେ ଅଭିଯୋଗ କରା ଯିବା ପରେ କେନ୍ଦ୍ର ସରକାରଙ୍କ ଟିମ ଜାଂଚ ପାଇଁ ଆସିଥିଲା ଓ ଅନେକ ସ୍ଥାନରେ ଦୁର୍ନୀତି ହୋଇଥିବା ପ୍ରମାଣ ପାଇଥିଲା । ଏହା ପରେ ଏ ବାବଦରେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ ▶▶ପୃଷ୍ଠା ୭

## ରାଜ୍ୟରେ ୨୪ ଟି ନୂଆ ଆଇଟିଆଇ କଲେଜ ଖୋଲିବ

ଭୁବନେଶ୍ୱର,୦୪/୦୯(ନି.ପ୍ର): ରାଜ୍ୟରେ ବର୍ତ୍ତମାନ ୪୯ଟି ସରକାରୀ ଆଇଟିଆଇ ରହିଥିବା ବେଳେ ୪୪୮ଟି ବେସରକାରୀ ଆଇଟିଆଇ କଲେଜ ରହିଛି। ରାଜ୍ୟରେ ୨୪ ଟି ନୂଆ ଆଇଟିଆଇ କଲେଜ ଖୋଲିବ। ଦିଗରେ ପଦକ୍ଷେପ ନିଆ ଯାଉଛି । ପ୍ରଶ୍ନକାଳରେ ଏ ସମ୍ପର୍କିତ ପ୍ରଶ୍ନର ଉତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ▶▶ପୃଷ୍ଠା ୭

# ସୋର ସରକାରୀ ଡାକ୍ତରଖାନା ଅବ୍ୟବସ୍ଥା ନେଇ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା

ବାଲେଶ୍ୱର,୪/୯ (ନି.ପ୍ର): ସୋର ନାଗରିକ ମଞ୍ଚ ଓ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବଙ୍କୁ ସାକ୍ଷାତ ସହ ସୋର ସରକାରୀ ଡାକ୍ତରଖାନର ଅବ୍ୟବସ୍ଥା ସଂପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଜିଲା ପ୍ରକଳ୍ପ ମ୍ୟାନେଜର ଅନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ବିଶେଷ କରି ଡାକ୍ତରଖାନାର କ୍ୟାବିନଗୁଡ଼ିକ ରୋଗୀସେବାରେ ବ୍ୟବହାର କରା ନ ଯିବା, ମହିଳା ୱାର୍ଡ଼ରେ ପୁରୁଷରୋଗୀଙ୍କୁ ନ ରଖିବା, ସରକାରଙ୍କ ପକ୍ଷରୁ ଦିଆଯାଉଥିବା ମାଗଣା ଔଷଧ ନଦେଇ ବାହାରୁ ଔଷଧ କିଣିବାକୁ ପ୍ରବର୍ତ୍ତାଇବା, ଡାକ୍ତରମାନେ ଡ୍ୟୁଟି ସମୟରେ ଘରୋଇ ଚିକିତ୍ସା ନକରିବା, ଡାକ୍ତରଖାନାକୁ ପ୍ରାୟ ଦୁଇଲକ୍ଷ ଟଙ୍କା ଅନୁଦାନରେ ଦିଆଯାଇଥିବା ଶଯ୍ୟାଗୁଡ଼ିକୁ ବାହାରେ ପକାଇ ନଷ୍ଟ ନ କରିବା ସହିତ ଖାଲି ପଡ଼ିଥିବା ଡାକ୍ତର ପଦ ପୂରଣ, ଆବଶ୍ୟକ ସଂଖ୍ୟକ ସ୍ୱାସ୍ଥ୍ୟକର୍ମୀ ଓ ସୁରକ୍ଷାକର୍ମୀ ନିଯୁକ୍ତି ଦେବା ପ୍ରଭୃତି ଦାବି ସମ୍ପର୍କରେ ପ୍ରତିନିଧିମାନେ ଡାକ୍ତର ଜଗଦେବଙ୍କ ସହ ଆଲୋଚନା କରିଥିଲେ। ସାତଦଫା ଦାବି ଉପରେ ପ୍ରତିନିଧିମାନେ ଦୀର୍ଘସମୟ ଆଲୋଚନା କରିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହିସବୁ ସମସ୍ୟାର ସମାଧାନ ପାଇଁ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗଦେବ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପ୍ରତିନିଧି ମଣ୍ଡଳୀର ବରିଷ୍ଠ ସଦସ୍ୟ ନବକିଶୋର ଦାସ କହିଛନ୍ତି। ଆଲୋଚନା ବେଳେ ଏହି ପ୍ରତିନିଧି ମଣ୍ଡଳୀରେ ସୋର ନାଗରିକ ମଞ୍ଚର ସମ୍ପାଦକ ଡା. ନରହରି ନାୟକ, କ୍ରିୟାନୁଷ୍ଠାନ କମିଟିର ସଂପାଦକ ମାୟାଧର ନାୟକଙ୍କ ସମେତ ଦାମୋଦର ଦାସମହାପାତ୍ର, ଉଦ୍ଧବ ଚରଣ ବିଶ୍ୱାଳ, କମଳାକାନ୍ତ ତିହାଡ଼ି ଓ ମେଡିକାଲ କଲେଜ ଜିଲା କ୍ରିୟାନୁଷ୍ଠାନ କମିଟିର ସଭାନେତ୍ରୀ ମମତା ମହାପାତ୍ର ଏବଂ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଏମପିଙ୍କୁ ଦାବିପତ୍ର ଦେଲେ ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘ

ଧାମନଗର ,୪/୯ (ନି.ପ୍ର): ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳଙ୍କ ବାସଭବନରେ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ସାଂସଦଙ୍କୁ ଭେଟି ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ପକ୍ଷରୁ ଏକ ପ୍ରଦାନ କରାଯାଇଛି । ସାଂସଦଙ୍କ ଭଦ୍ରକସ୍ଥିତ ବାସଭବନ ପରିସରରେ ସଂଘର ନେତାମାନେ ଏହି ଦାବି ପତ୍ର ପ୍ରଦାନ ସହ ଓଡିଶା ସରକାରଙ୍କୁ ସେମାନଙ୍କ ନିବେଦନ ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ରାଜ୍ୟରେ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ୨୦୦୩ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ଥିବା କଳା ଓ କ୍ରୀଡା ଶିକ୍ଷକ ମାନଙ୍କୁ ସାମୟିକ, ପ୍ରଶିକ୍ଷକ ଉଚ୍ଛେଦ କରି ପୂର୍ଣ୍ଣ ଶିକ୍ଷକର ମାନ୍ୟତା ପ୍ରଦାନ କରିବାକୁ ନିବେଦନ କରାଯାଇଛି । କେନ୍ଦ୍ର ସରକାରଙ୍କ ମାନବ ସଂଶୋଧକ ବିକାଶ ମନ୍ତ୍ରଣାଳୟ , ବିଦ୍ୟାଳୟ ଏବଂ ଗଣଶିକ୍ଷା ଓ ସ୍ୱାକ୍ଷରତା ବିଭାଗ ୧୨ ମାସିଆ ହିସାବରେ ଦରମା ପ୍ରଦାନ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ରାଜ୍ୟସରକାର ଏହା ଲାଗୁ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଓଡିଶା ରାଜ୍ୟ କଳା, ସଂସ୍କୃତି ଓ କ୍ରୀଡା କ୍ଷେତ୍ରରେ ବିଶ୍ୱଦରବାରରେ ପ୍ରସିଦ୍ଧ ଲାଭ କରୁଥିବା ବେଳେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ତୃଣମୂଳ ସ୍ତରରୁ ସେହି କାର୍ଯ୍ୟପ୍ରତିପାଦନ କରୁଥିବା କଳା ଓ ସଂସ୍କୃତି ଶିକ୍ଷକ ମାନଙ୍କ ପ୍ରତି ସହୃଦୟତା ପୂର୍ବକ ବିଚାର କରି ସେମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସାଂସଦ ଶ୍ରୀମତୀ ମଣ୍ଡଳଙ୍କ ମାଧ୍ୟମରେ ଶିକ୍ଷକ ସଂଘ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିବା ଜଣାଯାଇଛି । ଶିକ୍ଷକ ନେତା ସିଦ୍ଧାର୍ଥ ସାହୁ, ବିପିନ କୁମାର ବସନ୍ତିଆ, ଆଶିଷ କୁମାର ସାହୁ, ଶୌଭ୍ୟରାଣୀ ରାଉତ, ଶିବଶଙ୍କର ମଲ୍ଲିକ ପ୍ରମୁଖ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉପସ୍ଥିତିରେ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

## ଗଣଦୁଷ୍କର୍ମ ଘଟଣାକୁ ନେଇ ସିନାପାଲି ବ୍ଲକ ଯାଦବ ସମାଜର ବୈଠକ

ନୂଆପଡ଼ା,୪/୯ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ପଂଚାୟତ କାନ୍ଦୁଲକୋନା ଗ୍ରାମର ଜୈନିକ ବିବାହିତା ମହିଳାଙ୍କୁ ଗାଧୁଆ ତୋଠରୁ ଉଠାଇ ନେଇ ୨ଜଣ ଯୁବକ ଗଣଦୁଷ୍କର୍ମ କରିଥିଲେ। ଏନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭର୍ତ୍ତି କରି ସିନାପାଲି ଥାନା ପକ୍ଷରୁ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଥିବା ବେଳେ ଅଭିଯୁକ୍ତ ମାନେ ଜେଲ୍ କାରାଦଣ୍ଡରେ ବନ୍ଦୀ ରହିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଆଜି ସିନାପାଲି ବ୍ଲକ ଯାଦବ ସମାଜର ଏକ ବୈଠକ କେନ୍ଦୁମୁଣ୍ଡା ପଂଚାୟତ କାନ୍ଦୁଲକୋନା ଠାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ୨ଜଣ ଅଭିଯୁକ୍ତଙ୍କୁ ଫାସି ଦଣ୍ଡ ମିଳିବା କଥା ଯାହା ଫଳରେ ଆଗାମୀ ଦିନରେ କୌଣସି ବ୍ୟକ୍ତି ଏମିତ ଦୁଷ୍କର୍ମ କରିବାକୁ ସାହାସ କରି ପାରିବେନାହି ବୋଲି ସମାଜର ଅନେକ ଲୋକେ ପ୍ରକାଶ କରିଛନ୍ତି। ହେଲେ ଆଗାମୀ ଦିନରେ ଅଭିଯୁକ୍ତ ମାନଙ୍କୁ ଫାସି ଦଣ୍ଡ ନମିଲେ ତେବେ ସିନାପାଲି ପୋଲି ଥାନା ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତି ନେଇଛନ୍ତି। ଏହି ଅବସରରେ ନୂଆପଡା ଜିଲ୍ଲା ଯାଦବ ସମାଜ ସମ୍ପାଦକ ଲମ୍ବୋଦର ନିଆଲ, ଜିଲ୍ଲା ଯାଦବ ସମାଜ ସଭାନେତ୍ରୀ ମମତା ମଞ୍ଜୁର ଥପା, ଖରିଆର ବ୍ଲକ ଯାଦବ ସମାଜ ସଭାପତି ସନ୍ତୋଷ ନିଆଲ, ଚାରିଗଡ ସମାଜ ସଭାପତି କେନୁରମ୍ ଯାଦବ୍, କେନ୍ଦୁମୁଣ୍ଡା ସରପଂଚ କ୍ଷୀରମତି ମାଝି, ପୁର୍ବତନ ସରପଂଚ କୈଳାଶ ବାଗ, ରାମଜିତ ବେମାଲ ସମେତ ସମାଜର ଅନ୍ୟାନ୍ୟ ଲୋକେ ଉପସ୍ଥିତ ଥିଲେ।

# ଅଚଳ ଉଠାଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ନେଇ ଭଣ୍ଡାରିପୋଖରୀ ବିଜେପି ପକ୍ଷରୁ ଆନ୍ଦୋଳନ ଚେତାବନୀ

ଭଦ୍ରକ,୪/୯ (ନି.ପ୍ର): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକରେ ଉଠାଜଳସେଚନ ପ୍ରକଳ୍ପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବା ଦାବିରେ ଆଜି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବିଜେପି ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଓ ଭଦ୍ରକ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଭଦ୍ରକ ଜିଲ୍ଲାର ଶତପ୍ରତିଶତ ଜଳସେଚିତ ଅଞ୍ଚଳ ଭାବେ ପରିଚିତ ବନ୍ତ ବ୍ଲକରେ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ନହେବା କାରଣରୁ ଏବେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। କୃଷି ବିଭାଗ ଆକଳନ ଅନୁଯାୟୀ ଏହି ବ୍ଲକରେ ୧୮ହଜାର ୯୦୦ହେକ୍ଟର ଜଳସେଚିତ ଜମି ରହିଛି। ସେଥିମଧ୍ୟରୁ ୧୭,୧୩୫ ହେକ୍ଟର ଜମିରେ ଧାନଚାଷ ହେଉଥିବା ବେଳେ ୧୭୬୫ ହେକ୍ଟର ଜମିରେ ଅଣଧାନ ଚାଷ ହେଉଛି। ଏହି ବ୍ଲକରେ ୨୫ ହଜାରରୁ ଉର୍ଦ୍ଧ୍ୱ ପରିବାର କୃଷି ଉପରେ ନିର୍ଭର କରିଥାନ୍ତି। ଏଠାରେ ୧୬୬୧ ହେକ୍ଟର ଡିପଜମି ଚିହ୍ନଟ କରାଯାଇଥିବା ବେଳେ ଉଠା ଜଳସେଚନ ବିଭାଗ ପକ୍ଷରୁ ୧୪୪୬ ହେକ୍ଟର ଜମିରେ ୭୧ଟି ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ବାସ୍ତବରେ ବନ୍ତ ବ୍ଲକରେ ୭୧ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ମାତ୍ର ୨୧ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୧୪ଟି ଆଂଶିକ ଭାବେ କାର୍ଯ୍ୟକ୍ଷମ ହେଉଛି। ଅବଶିଷ୍ଟ ୩୬ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇ ପଡ଼ିରହିଛି। ସେହିପରି ଭଣ୍ଡାରିପୋଖରୀ ବ୍ଲକରେ ୪୧୮୮ ହେକ୍ଟର ଜମି ପାଇଁ ୨୨୧ଟି ଉଠା ଜଳସେଚନ ପ୍ରକଳ୍ପ ଥିବା ବେଳେ ୧୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଅଚଳ ହୋଇ ପଡିରହିଛି। ଉଠାଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଚାଷୀମାନେ ବିଭାଗୀୟ ଅବହେଳା ପାଇଁ ମରୁଡି ଆଶଙ୍କାରେ ଭାଙ୍ଗି ପଡ଼ିଛନ୍ତି। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଯଥେଷ୍ଟ କମ୍ ବୃଷ୍ଟିପାତ କାରଣରୁ ଏହି ଦୁଇ ବ୍ଲକର ଚାଷୀମାନଙ୍କ ମଧ୍ୟରେ ହତାଶା ଭାବ ଦେଖା ଦେଇଛି। ବନ୍ତ ବ୍ଲକ ଅଧିନରେ ଥିବା ପଞ୍ଚାୟତ ମଧ୍ୟରୁ ରାମକୃଷ୍ଣପୁର, ରାମପୁର, ତୋଡଙ୍ଗା, କେନ୍ଦୁଆପଦା, କ୍ଷେଣ୍ଡତୀରା, ଗଣିଜାଙ୍ଗ, ଗୋବିନ୍ଦପୁର, ଛୟାଳସିଂ, ଓଡ଼ଙ୍ଗ, ପୁରୁଷଣ୍ଡ, ଅଣିଜୋ, ଚାରିଗାଁ, ବନ୍ତ, ଟିଲୋ, କାଦବରାଙ୍ଗ ଆଦି ପଞ୍ଚାୟତରେ ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକର ତେସିଙ୍ଗା, ନାଆମୀ, ଦକ୍ଷିଣବାଡ, ପାଟୁଳି, ରାଜେନ୍ଦ୍ରପୁର, ରାମଚନ୍ଦ୍ରପୁର, ବାଲିପୋଖରୀ, ରହଣିଆ, କୁରିଗାଁ ଆଦି ପଞ୍ଚାୟତରେ ଉଠାଜଳସେଚନ ପ୍ରକଳ୍ପ ଗୁଡିକ ଅକାମୀ ହୋଇ ପଡ଼ି ରହିଛି। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ହୋଇ ପଡିରହିଥିବା ଉଠାଜଳସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରାନଗଲେ ଭାରତୀୟ ଜନତା ପାର୍ଟି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜି ଦାବିପତ୍ର ପ୍ରଦାନରେ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଶଙ୍କର୍ଷଣ ଜେନା, ବନମାଳୀ ଜେନା, ଖଗେଶ୍ୱର ବେହେରା, ନବକିଶୋର ବଳ, ମନୋଜ କୁମାର ବିଶ୍ୱାଳ, ବସନ୍ତ ବାରିକ, ରତ୍ନାକର ବିଶ୍ୱାଳ, ମହେଶ୍ୱର ସେଠୀ, ନରନାରାୟଣ ପରିଡା, ପ୍ରକାଶ ମହାପାତ୍ର, ଗିରିଶ ସାମଲ, ମୁକୁନ୍ଦ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜଳେଶ୍ୱର ୨/୯(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଶିକ୍ଷାଜିଲା ଅଧିନସ୍ଥ ଖୁଆଡ କ୍ଲଷ୍ଟର ଦୁଇଜଣ ପ୍ରବୀଣ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସିଆର୍‌ସିସି ରଂଜନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଦୀନକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶିଶିର କୁମାର ଗାନ୍ଧୀ ଓ ବେଗୁନିଆ ଶାନ୍ତାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାଗୁ ବାସ୍କେଙ୍କୁ ଉତ୍ତରିୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରଧାନ ଶିକ୍ଷକ ଦୀନବଂଧୁ ଦାସ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ସୁଶାନ୍ତ ଜେନା ଯୋଗ ଦେଇ ବିଦାୟୀ ଶିକ୍ଷକମାନଙ୍କ ସ୍ମୃତିଚାରଣ କରିବା ସହିତ ଆଦର୍ଶ ଶିକ୍ଷକ ସବୁଠାରେ ପୂଜା ପାଆନ୍ତି ବୋଲି କହିଥିଲେ । ମୃତ୍ୟୁବରଣ କରିଥିବା ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ରୂପାଞ୍ଜଳୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟର ଆସିଥିବା ଶିକ୍ଷକ, ଶିକ୍ଷୟତ୍ରୀମାନେ ସହାୟତା କରିଥିଲେ ।

## କୋଟି କୋଟି ଟଙ୍କାର ସମ୍ପତ୍ତି ଏବେ ପାଲଟିଛି ଭୂତକୋଠି

ପୁରୀ,୪/୯ (ନି.ପ୍ର): ବଡ଼ଦାଣ୍ଡରେ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ସ୍ଥାନ ମିଳୁନଥିବା ବେଳେ କୋଟି କୋଟି ଟଙ୍କାର ମୂଲ୍ୟବାନ ସମ୍ପତିରେ ବଡ଼ ବଡ଼ ଚୁଲି ଖୋଳାଯାଇଛି । ଅକ୍ଷୟପାତ୍ର ଫାଉଣ୍ଡେସନ ନାମକ ଏକ ସଂସ୍ଥା ରାଜ୍ୟ ସରକାରଙ୍କ ଠାରୁ ଏହି ସମ୍ପତିକୁ ଭଡ଼ା ସୂତ୍ରରେ ଏଗ୍ରିମେଂଟ କରି ସେଠାରେ ଭାତ ରାନ୍ଧୁଛି । ବଗଲା ଧର୍ମଶାଳା ସଂଲଗ୍ନ ଏହି କୋଠାଟି ବଡ଼ଦାଣ୍ଡର ଛାତି ଉପରେ ଠିଆ ହୋଇଛି । ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ ପାଇଁ ଉଠାଦୋକାନୀ ଓ ବେବସାୟୀ ଦୋକାନ ଭାଙ୍ଗି ଘରେ ବସିଥିବାବେଳେ ସେମାନଙ୍କ ପାଇଁ ବ୍ୟବସାୟିକ କୋଠା ନିର୍ମାଣ କରାଯାଉନାହିଁ । ପୂର୍ବରୁ ଏହି କୋଠାରେ ବହୁ ବର୍ଷ ଧରି ସରକାରୀ ମହିଳା ମହାବିଦ୍ୟାଳୟ ଭଡ଼ା ସୂତ୍ରରେ ଚାଲିଥିଲା । ମହିଳା ମହାବିଦ୍ୟାଳୟଟି ନିଜସ୍ୱ ସ୍ଥାନକୁ ଷ୍ଟେସନ ରୋଡ଼କୁ ଉଠିଯିବା ପରେ ସେହି କୋଠାଟି ଖାଲି ପଡ଼ିଥିଲା । ପୁରୀ ଜିଲ୍ଲାର ସବୁ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଦେବା ପାଇଁ ରାଜ୍ୟ ସରକାର ହସ୍ତାନ୍ତର କରିଥିଲେ । କୋଠାଟିର ପୁରୁଣା ରୂପରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ଚୁକ୍ତିପତ୍ର ହୋଇଥିଲେ ମଧ ସମ୍ପୃକ୍ତ ସଂସ୍ଥା ବଡ଼ ବଡ଼ ଚୁଲା ନିର୍ମାଣ କରି କାଠ ଜାଳିବା ସହ ସମ୍ପୃକ୍ତ ଅଂଚଳକୁ ଧୂଆଁମୟ କରିଥିଲା । ଧୂଆଁ ଯୋଗୁଁ ସେହି ଅଂଚଳର ବାସିନ୍ଦାମାନେ ବିଭିନ୍ନ ଶ୍ୱାସଜନିତ ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଥିଲେ । ମଙ୍ଗଳାହାଟ ସମଙ୍ଗ ମୌଜାରେ ଏହି ଅନୁଷ୍ଠାନକୁ ଏକର ଏକର ଯାଗା ଦିଆଯାଇଛି । ପୁରୁଣା ମାର୍କେଟ କୋଠାକୁ ଭଙ୍ଗାଯାଇ ଯେପରି ବହୁତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ କରାଗଲା ସେହିପରି ଏହି କୋଠାକୁ ଭଙ୍ଗାଯାଇ ପାର୍କିଂ ସହ ଦୋକାନ ଗୃହ ନିର୍ମାଣ କରାଯାଇ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଗଣେଷ ପୂଜା ପାଇଁ ପ୍ରଶାସନିକ ବୈଠକ




ଭଦ୍ରକ,୪/୯ (ନି.ପ୍ର): ଭଦ୍ରକ ସହରରେ ଆସନ୍ତା ଗଣେଷ ପୂଜାକୁ ସରକାରୀ ନିର୍ଦ୍ଦେଶମତେ କୋଭିଡ଼ ମାର୍ଗ ଦର୍ଶିକା ଅନୁପାଳନ ଆଧାରରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି ଚରଣ ସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ମଧୁ ସୂଦନ ଦାଶ, ଉପଜିଲ୍ଲାପାଳ ପୀତାମ୍ବର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଭଦ୍ରକରେ ଦୀର୍ଘ ଦିନରୁ ପାଳନ ହୋଇଆସୁଥିବା ପୁରୁଣା ବଜାର ବୁଢ଼ା ଗଣେଶ, ଟୋକା ଗଣେଶ, କୁଆଁସର ପିଲା ଗଣେଷ, ଛୁଆ ଗଣେଷ, କାଞ୍ଚନ ଗଣେଶ ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ସଂପୃକ୍ତ ପ୍ରଶାସନିକ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କୋଭିଡ଼ ମାର୍ଗ ଦର୍ଶିକା ଅନୁଯାୟୀ ପୂଜାମଣ୍ଡପ ମାନଙ୍କରେ ତିନି ପାଖକୁ କଭର କରାଯିବ । ସମ୍ମୁଖ ପାଖକୁ ମୂର୍ତ୍ତି ଦେଖି ହେଲା ଭଳି ଆବଦ୍ଧ କରାଯିବ । ପୂଜା ସ୍ଥାନରେ ଜନ ସମାବେଶ ହେବ ନାହିଁ , ଦର୍ଶନ କି ପୂଜା ନିମନ୍ତେ ମଣ୍ଡପ ଭିତରକୁ ଜନ ସାଧାରଣଙ୍କୁ ଅନୁମତି ଦିଆଯିବ ନାହିଁ । ପୂଜା ସ୍ଥାନରେ କୌଣସି ପରିସ୍ଥିତିରେ ୭ଜଣରୁ ଅଧିକ ଲୋକ ଏକାଠି ହେବେ ନାହିଁ । ଭସାଣି ଶୋଭାଯାତ୍ରା ହେବ ନାହିଁ । ମେଲୋଡ଼ି ଆଦି ସାଂସ୍କୃତିକ କାର୍ଯ୍ୟ କିମ୍ବା ଡ଼ାକବାଜି ଯନ୍ତ୍ର ବାଜିପାରିବ ନାହିଁ । ଯେତିକି ପୂଜା ମଣ୍ଡପ ଅଛି ସେତିକିରେ ପୂଜା ହେବା ବ୍ୟତୀତ ଅନ୍ୟ କୌଣସି କ୍ଲବ୍ ବା ଛକ ଜାଗାମାନଙ୍କରେ କୌଣସି ଅନୁଷ୍ଠାନ ଦ୍ୱାରା ଗଣେଶ ପୂଜା ଅନୁଷ୍ଠିତ ହୋଇ ପାରିବ ନାହିଁ । ପୂଜା ଆୟୋଜନ ପୂର୍ବରୁ ସଂପୃକ୍ତ କର୍ମକର୍ତ୍ତାମାନେ ସଂପୃକ୍ତ ଅଧିକାରୀଙ୍କ ଠାରୁ ଅନୁମତି ନେବେ । ମୂର୍ତ୍ତି ଗୁଡ଼ିକର ଉଚ୍ଚତା ୪ ଫୁଟ ରୁ ଅଧିକ ହେବ ନାହିଁ । ପୂଜା ଉତ୍ସବ, ଘଟୋତ୍ତଳନ କି ଭସାଣିରେ ଯେତେ ସମ୍ଭବ କମ୍, ସରଳ ଓ ନିରାଡ଼ମ୍ବର ଭାବେ ଆୟୋଜନ କରାଇବାକୁ ଏସ୍.ପି ସମସ୍ତ ପୂଜାକମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । କୌଣସି ଭୋଜିଭାତ, ସାମୂହିକ ପ୍ରସାଦ ସେବନ ପାଇଁ ଅନୁମତି ନାହିଁ ବୋଲି ମଧ ଦର୍ଶାଇଥିଲେ । ଏହି ସମାନ ମାର୍ଗ ଦର୍ଶିକାରେ ଗତ ବର୍ଷ ପୂଜା ପାଳନ କରାଯାଇଥିବାରୁ କର୍ମକର୍ତ୍ତାମାନେ ଏ ବର୍ଷ ମଧ ସେହି ଆଧାରରେ ପାଳନ କିରବା ନେଇ ନିଷ୍ପତ୍ତି ନେଇଛନ୍ତି ଓ ଏ ଦିଗରେ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ମତ ରଖିଥିଲେ । ଘଟ ଉତ୍ତୋଳନ ସ୍ଥାନ, ପୂଜାସ୍ଥଳୀ ଆଦି ଜାଗାରେ ସଫେଇ ପାଇଁ କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ଜିଲ୍ଲାପାଳ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ । ଡ଼ି.ଆଇ.ବି.ର ଡ଼ି.ଏସ୍.ପି. କମଳ ଲୋଚନ ଭୂୟାଁ ଗତ ବର୍ଷ ପୂଜା ସମୟର କ୍ଷେତ୍ରୀୟ ଅନୁଭୂତି ବୈଠକରେ ଉପସ୍ଥାପନ କରିଥିଲେ । ଏସ୍.ଡ଼ି.ପି.ଓ ସାର୍ଥକ ରାୟ, ଟାଉନ୍ ଥାନାଧିକାରୀ ଉମା ଶଙ୍କର ନାୟକ, ପୁରୁଣା ବଜାର ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ପୋଲିସ ଅଧିକାରୀମାନେ ମଧ ଏହି ବୈଠକରେ ଉପସ୍ଥିତ ଥିଲେ ।

# ଓଡ଼ିଶା- ମୋ ପରିବାର ଏବଂ ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିରରେ ୫୯ ୟୁନିଟ୍ ରକ୍ତ ସଂଗ୍ରହ



ଧାମନଗର ,୪/୯ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଂଚାୟତ ସ୍ଥିତ ନାରାୟଣପୁର କବିତା ସେବାସଦନ ପରିସରରେ ଓଡ଼ିଶା- ମୋ ପରିବାର, ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ବିଜୁ ଯୁବଜନତାଦଳ ସହଯୋଗରେ ଏକ ସ୍ୱଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଶୁଭଉଦ୍‌ଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତସଂକଟ ଦୂର କରିବାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଯୋଜନା କରିଛନ୍ତି ଏବଂ ରକ୍ତଦାନ ମହାପୁର୍ଣ୍ଣ୍ୟ ବୋଲି ସାଂସଦ ଶ୍ରୀମତୀ ମଣ୍ଡଳ କହିଥିଲେ। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୯ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଭଦ୍ରକ- ବାଲେଶ୍ୱର ସମବାୟ ବ୍ୟାଙ୍କ ଭାପତି ରଘୁନାଥ ଲେଙ୍କା, ଜିଲ୍ଲା ବିଜୁ ଯୁବଜନତାଦଳର ସଭାପତି ମୁକୁନ୍ଦଦେବ ସାମଲ, ବ୍ଲକ ବିଜୁ ଯୁବଜନତାଦଳ ସଭାପତି ଭାରତବିଜୟ ଦଳାଇ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ବ୍ଲକ ମହିଳା ସଭାନେତ୍ରୀ ତନୁଶ୍ରୀ ପୁହାଣ, ସାଂସଦପ୍ରତିନିଧି ନାରାୟଣଚନ୍ଦ୍ର ସାହୁ, ବରିଷ୍ଠ ସମିତିସଭ୍ୟ ପ୍ରଦୀପକୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ସାଂସଦ ନଗରପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ଜିଲ୍ଲା ବିଜୁ ଜନତାଦଳର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ଛାତ୍ରସଭାପତି ତୁସାରକାନ୍ତ ମହାପାତ୍ର, ସଂଖ୍ୟାଲଘୁ ନେତା ସେକ୍ ଜାଫର ଅଲ୍ଲୀ, ବିଜେଡ଼ି ନେତା ସୁଶାନ୍ତ କୁମାର ନାୟକ, କୃଷ୍ଣଚନ୍ଦ୍ର ପତି, ପ୍ରଶାନ୍ତ ଦ୍ୱିବେଦୀ, ରବିନ୍ଦ୍ର ନାଥ, ଜ୍ୟୋତିରଂଜନ ଘୋଷ, ପ୍ରକାଶ କେଶ, ସୁନିଲ ମହାନ୍ତି, ତାପସ ନାୟକ, ସୁନିଲ ଧଳ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିବାବେଳେ ବିଜୁ ଯୁବ ଜନତାଦଳର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚ୍ଛଳନା କରିଥିଲେ।

## ଶ୍ରୀମନ୍ଦିରର ୭ଟି ଦ୍ୱାରରେ ରୂପାଛାଉଣୀ କାର୍ଯ୍ୟ ଶେଷ

ପୁରୀ,୪/୯ (ନି.ପ୍ର): ଶ୍ରୀମନ୍ଦିରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। ଏଏସଆଇର ଅନୁମୋଦନ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୮ଟି ଦ୍ୱାର ରୂପା ଛାଉଣୀ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜି ସୁଦ୍ଧା ୭ଟି ଦ୍ୱାରର ରୂପା ଛାଉଣୀ କାର୍ଯ୍ୟ ଶେଷ ହୋଇଛି। ନୃସିଂହ ମନ୍ଦିର, ମା ବିମଳା ମନ୍ଦିର, ମା ଲକ୍ଷ୍ମୀ ମନ୍ଦିର କବାଟ ଗୁଡ଼ିକ ରୂପା ଛାଉଣୀ ହେବା ସହ ବେହେରଣ ଦ୍ୱାର,ଜୟବିଜୟ ଦ୍ୱାର, ଭୋଗମଣ୍ଡପ ପଶ୍ଚିମପାର୍ଶ୍ୱ ଦ୍ୱାର, ସାତପାହାଚ ଦ୍ୱାର କାମ ଶେଷ ହୋଇଛି।

# ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବି : ହାଇକୋର୍ଟର ମୁଖ୍ୟବିଚାରପତିଙ୍କୁ ଦାବିପତ୍ର ଦେବ ଜିଲ୍ଲା ଓକିଲ ସଂଘ

ଜୟପୁର,୪/୯ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାର ଜୟପୁର ରେ ହାଇକୋର୍ଟର ସ୍ଥାୟୀ ବେଂଚ କରିବା କୁ ପୁଣି ଦାବି ଉଠାଇବ ଜିଲା ଓକିଲ ସଂଘ । ଅବିଭକ୍ତ କୋରାପୁଟ ଜିଲାର ଜୟପୁର ଠାରେ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବୀ ପୁଣି ଜୋର ଧରିଲା । ଆସନ୍ତା ୧୦ ତାରିଖ ରେ ହାଇକୋର୍ଟର ମୁଖ୍ୟବିଚାରପତି ଜୟପୁର ଆସିବେ । ଜୟପୁର ସ୍ଥିତ ଜିଲା କୋର୍ଟର ନୂତନ କୋଠାର ଲୋକକାର୍ପଣ କରିବେ । ସେହି ଦିନ ଜିଲା ଓକିଲ ସଂଘ ତରଫରୁ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ନେଇ ଦାବି ପତ୍ର ପ୍ରଦାନ କରାଯିବ ବୋଲି ଜିଲା ଓକିଲ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନି କରି ସୁଚନା ଦିଆଯାଇଛି । ପବବତି ସମୟରେ କେନ୍ଦ୍ରୀୟ କିୟାନୁଷ୍ଠାନ କମିଟି ତରଫରୁ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବାର ସଦସ୍ୟ ଙ୍କୁ ନେଇ ଆଲୋଚନା କରିବୁ ଓ ପରବତି ପଦକ୍ଷେପ ନିଆଯିବ ବୋଲି ସଭାପତି ସରୋଜ ଦାଶ ସୁଚନା ଦେଇଥିଲେ ।ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେଂଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି ।ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ । ଜସଓନ୍ତ ସିଂ ରିପୋର୍ଟ ଅନୁସାରେ ଜୟପୁର ଠାରେ ହାଇକୋର୍ଟ ବେଂଚ ପାଇଁ ସବୁ ସତ ପୁରଣ କରୁଥିବା କହିଛି କମିଟି । ସଂଘ ସୁଚନା ଦେଇଛନ୍ତି ଯେ ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ଅନୁକୁଳ ତାହା ହେଉଛି ଜୟପୁର ସହର କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି ଦୁରରେ ରହିଥିବା ବେଳେ ଟ୍ରେନତ ଦୁରର କଥା ସିଧା ସଳଖ ଗୋଟିଏ ବସ ରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦାର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରିହ ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞନତା ହେତୁ ଏ ଅଂଚଳର ବହୁ ଆଦିବାସି ଓ ହରିଜନ ଶ୍ରେଣିର ଲୋକ ମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେଂଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି । ରାଜ୍ୟ ସରକାର ଏହି ପଛୁଆ, ମାଓପ୍ରବଣ, ଗମନା ଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷ୍ୟରତା ଦୃଷ୍ଟିରୁ ପଛରେ ରହିଥିବା ଅଂଚଳକୁ ପ୍ରଧାନ୍ୟ ଦେଇ ଜୟପୁର ଠାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା କରିବାକୁ ନିଷ୍ପତି ନିଆଯାଉ ବୋଲି କମିଟି ଦାବୀ କରିଛି । ଗତ ଦିନରେ ଆନ୍ଦୋଳନ ଚାଲିଥିବା ବଳେ ଜୟପୁର ରେ ଭିତି ଭୁମିର ଅଭାବ କଥା କୁହାଯାଇଥିବା ବେଳେ ବତମାନ ଆସନ୍ତା ୧୦ ତାରିଖରେ ଜିଲା କୋର୍ଟ ନୁତନ କୋଠା ମଧ ଲୋକାର୍ପଣ ହେବାକୁ ଯାଉଛି । ତାହା ମଧ ପୁରଣ ହୋଇ ଯାଇଛି ବୋଲି ସଂଘ ସୁଚନା ଦେଇଛି । କେନ୍ଦ୍ର ସରକାରଙ୍କ ଯଶବନ୍ତ ସିଂ କମିଶନର ସୁପାରିଶ ଆଧାରରେ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଂଚ ସ୍ଥାପନ ଦିଗରେ ସମସ୍ତ ସତ ପୂରଣ କରୁଛି ।କିନ୍ତୁ ଏନେଇ କୌଣସୀ ସୁଫଳ ମିଳି ପାରିନାହିଁ । ଏହି ସାମ୍ବାଦିକ ସମ୍ମିଳନିରେ ଜିଲା ଓକିଲ ସଂଘର ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଫିଂଟୁମାଝୀ, ଯୁଗ୍ମ ସମ୍ପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ଗୋପ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ସେପ୍ଟେମ୍ବର, ୨୦୨୧
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

ଭାଗ-୪୨

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ରାଜା ଶ୍ରୀ ସୁରପ୍ରତାପ ମହେନ୍ଦ୍ର ବାହାଦୂରଙ୍କ ଅମଳରେ ଆସିଥିଲେ ରାଜ୍ୟର ବଡ଼ ବଡ଼ ପଦରେ କେତେକ ବଙ୍ଗାଳୀ ଓ ପଞ୍ଜାବୀ । ସେମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ର ବୋଷ୍ ଦେୱାନ ପଦରେ, ସହକାରୀ ଦେୱାନ୍ ପଦରେ ଦେବେନ୍ଦ୍ର ନାଥ ବୋଷ୍ ଓ ପ୍ରଫୁଲ୍ଲ କୁମାର ସରକାର, ଡାକ୍ତର ସାରଦାପ୍ରସାଦ ଦାସ, ହାଇସ୍କୁଲ୍ ହେଡ୍‌ମାଷ୍ଟର ରାଜେନ୍ଦ୍ର ଦତ୍ତ ଓ ସହକାରୀ ଶିକ୍ଷକ ମନମୋହନ ଘୋଷ, ଶଶୀଭୂଷଣ ନାଗ ଓ ଆଉ କେତେ ନାବାଳକ ରାଜପୁତ୍ରମାନଙ୍କ ଗୃହଶିକ୍ଷକ ପଦରେ, ଅଖିଳଚନ୍ଦ୍ର ମୁଖାର୍ଜୀ, ଷ୍ଟେଟ୍ ଇଞ୍ଜିନିୟର ପଦରେ ରାୟବାହାଦୂର ଦ୍ୱାରିକାନାଥ ସରକାର, ପଶୁଡାକ୍ତର ପଦରେ ନିତାଇଚରଣ ମିତ୍ର ଓ ଆଉ କେତେକ । ଜଙ୍ଗଲ ଅଫିସର ପଦରେ ଆସିଥିଲେ ସରଦାର୍ ବକ୍‌ସିସ୍ ସିଂହ ଓ ପୋଲିସ୍ ଇନ୍‌ସପେକ୍ଟର ପଦରେ ତାଙ୍କ ଭାଇ ବିଷନ୍ ସିଂହ ଏବଂ ବକସିସ୍ ସିଂହଭ୍‌କ ଉତ୍ତାରେ ଆସିଥିଲେ ଲାଲା ପୃଥ୍ୱୀଚାନ୍ଦ । ଏମାନେ ପଞ୍ଜାବୀ । ଏହି ଉଚ୍ଚପଦସ୍ଥ କର୍ମଚାରୀଙ୍କ ଅବଲମ୍ବନରେ କେତେକ ତଳତଳିଆ କର୍ମଚାରୀ ଓ ଠିକାଦାର ମଧ୍ୟ ଆସିଲେ । କଚ୍ଛି ବୋଇଲେ ଜଣେ ମାତ୍ର ଥିଲେ ପୂର୍ତ୍ତ ବିଭାଗର ଠିକାଦାର ପୋପଟଲାଲ, ମୁଁ ଯିବା ପର୍ଯ୍ୟନ୍ତ ସେ ଥିଲେ । ଏହାଙ୍କ କାର୍ଯ୍ୟକଳାପ ବିଶେଷ ଭାବରେ ଲୋକଙ୍କ ଚକ୍ଷୁଗୋଚର ହେଉଥିଲା । ୧୯୦୬ ମସିହାରେ ଓଡ଼ିଶା ଗଡ଼ଜାତ ରାଜ୍ୟସମୂହର ଶାସନ କମିଶନରଙ୍କ ଅଧୀନରୁ ଯାଇ ପଲିଟିକାଲ୍ ଏଜେଣ୍ଟଙ୍କ ଅଧୀନରେ ସ୍ଥାପିତ ହେଲା ଉତ୍ତାରେ ସରକାରଙ୍କ ତରଫରୁ ସମସ୍ତ ଗଡ଼ଜାତରାଜ୍ୟ ସକାଶେ ଶିକ୍ଷାବିଭାଗରେ ଏଜେନ୍‌ସି ଇନ୍‌ସପେକ୍ଟର, ଜଙ୍ଗଲ ବିଭାଗରେ ଏଜେନ୍‌ସି ଫରେଷ୍ଟ ଅଫିସର ଓ ପୂର୍ତ୍ତ ବିଭାଗରେ ଏଜେନ୍‌ସି ଇଞ୍ଜିନିୟର ରହିଲେ । ଏମାନଙ୍କ ମଧ୍ୟରେ ଏଜେନ୍‌ସି ଇଞ୍ଜିନିୟରଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରତ୍ୟେକ ରାଜ୍ୟର ଆୟର ଅଧିକାଂଶ ପୂର୍ତ୍ତବିଭାଗରେ ଖର୍ଚ୍ଚ ହେଉଥିଲା । ସରକାରଙ୍କ ଖଜଣାଖାନାର ନିୟମ ଏହି ଯେ, ଭିନ୍ନ ଭିନ୍ନ ବିଭାଗର ଟଙ୍କା ଏକ ସ୍ଥାନରେ ଏକତ୍ରିତ ହୋଇ ରହେ ଓ ତହିଁର ହିସାବ ଭିନ୍ନ ଭିନ୍ନ ବିଭାଗାନୁସାରେ ଲେଖାହୁଏ । କିନ୍ତୁ ପ୍ରତ୍ୟେକ ଗଡ଼ଜାତ ରାଜ୍ୟର ଖଜଣାଖାନାରେ ଏଜେନ୍‌ସି ଇଞ୍ଜିନିୟରଙ୍କ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ସିନ୍ଧୁକ ଥାଏ । ତାହାର ନାମ Agency Engineers' Chest। ତହିଁରେ ତାଙ୍କ ଟଙ୍କା ଯାକ ରହେ । ପୁଣି ବର୍ଷ ଶେଷରେ ପ୍ରତ୍ୟେକ ବିଭାଗର ବଜେଟରେ ନିର୍ଦ୍ଦିଷ୍ଟ ଟଙ୍କାରୁ ଯାହା ବଳେ ତାହା ସେହି ସିନ୍ଧୁକରେ ପୂରାହୁଏ । ସେହି ସମୟରେ ପ୍ରାୟ ପ୍ରତ୍ୟେକ ଷ୍ଟେଟ୍‌ରେ ଜଣେ ଲେଖାଏଁ କିଛି ଠିକାଦାର ଥିଲେ ଓ ନିଜ ନିଜ ବ୍ୟବସାୟରେ ଏମାନେ ଯଥେଷ୍ଟ ଲାଭବାନ ହେଉଥିଲେ । ୧୯୨୦ ମସିହାର ପ୍ରବଳ ବନ୍ୟାଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳର ସାହାଯ୍ୟ ସକାଶେ ମୋର ଦାବି ଓ ଅନୁରୋଧ ସତ୍ତ୍ୱେ ପଲିଟିକାଲ୍ ଏଜେଣ୍ଟ ରାମ୍‌ସେ ସାହେବ ଅର୍ଥଦାନ କରିବାରେ କୁଣ୍ଠିତ ହୋଇଥିଲେ, ଅଥଚ ଠିକାଦାର ପୋପଟଲାଲ୍‌ଙ୍କ ଅନୁରୋଧରେ ସଡ଼କର କାମ ସକାଶେ ଶହେଫୁଟ ମାଟିର ମୂଲ୍ୟ ଆଠଅଣାରୁ ଅଢ଼େଇଟଙ୍କା କରି ଦେଇଥିଲେ ଓ ଏଥିରେ ଷ୍ଟେଟ୍‌ର ଅନେକ ଟଙ୍କା ଯାଇ ଠିକାଦାରଙ୍କ ଲାଭ ହୋଇଥିଲା । ରାଜ୍ୟବାସୀଙ୍କ ଶୋଚନୀୟ ଅବସ୍ଥା ସହିତ ଏହି ପ୍ରବାସୀ ବ୍ୟକ୍ତିଙ୍କ ସମ୍ପର୍କ ନଥିଲେ ହେଁ ଉଭୟ ଶ୍ରେଣୀ ମଧ୍ୟରେ ଅବସ୍ଥାର ପ୍ରତ୍ୟକ୍ଷୀଭୂତ ବୈଷମ୍ୟ ଯୋଗୁଁ ଏହା ସହିତ ଏମାନଙ୍କ ନାମ ଯୋଡ଼ା ହୋଇଥିବା ଅନୁମିତ ହୁଏ ।

୧୯୨୦ ମସିହା ଶ୍ରାବଣ ମାସରେ ବ୍ରାହ୍ମଣୀ ନଦୀରେ ଭୀଷଣ ବନ୍ୟା ହୋଇଥିଲା । ସେହି ବନ୍ୟାରେ ନଦୀକୂଳସ୍ଥ କେତେକ ଗ୍ରାମ ଭାସି ଯାଇଥିଲା । ଷ୍ଟେଟ୍‌ର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ତାଳଚେର ଗଡ଼ର ଉତ୍ତର ପାର୍ଶ୍ୱସ୍ଥ କୁଲେଇ ଗ୍ରାମରୁ ପୂର୍ବପ୍ରାନ୍ତସ୍ଥ କଟକ ଜିଲ୍ଲାନ୍ତର୍ବର୍ତ୍ତୀ ଢେଙ୍କାନାଳ ଷ୍ଟେଟ୍‌ସ୍ଥ କବାଟବନ୍ଧ ଗ୍ରାମ ପର୍ଯ୍ୟନ୍ତ ନଦୀ ପଥରେ ଯାଇ ବନ୍ୟାବିଧୌତ ଗ୍ରାମମାନଙ୍କ ଯେଉଁ କରୁଣଦୃଶ୍ୟ ଦେଖିଲି, ତାହା ସ୍ମରଣ କଲେ ଆଜି ସୁଦ୍ଧା ଶରୀର କମ୍ପିତ ହୁଏ । ପୂର୍ବବର୍ଷରେ ରାଜ୍ୟରେ ଦୁର୍ଭିକ୍ଷ ହୋଇ ଯାଇଥିବାରୁ ଏମାନଙ୍କ ସାହାଯ୍ୟ ସକାଶେ ଷ୍ଟେଟ୍ ଓ ଲୋକମାନଙ୍କଠାରେ କିଛି ନଥିଲା। ସୁତରାଂ ବନ୍ୟାକ୍ଲିଷ୍ଟ ଲୋକଙ୍କ ଦୁଃଖ ସୀମାତୀତ ହୋଇଥିଲା । ବନ୍ୟାରେ ଯେ ସମସ୍ତ କ୍ଷତି ହୋଇଥିଲା ତାହା ମୁଁ ଅନୁଗୁଳରେ ଡେପୁଟି କମିଶନରଙ୍କଠାକୁ ଲେଖି ଜଣାଇଲି । ପଲିଟିକାଲ୍ ଏଜେଣ୍ଟ ଶାସନାଧିନ ଥିଲେ ହେଁ ଷ୍ଟେଟ୍ ସେହି ସମୟରେ ଅନୁଗୁଳ ଡେପୁଟି କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲା ସେତେବେଳେ କ୍ରେଭେନ୍ ସାହେବ (J.A. Craven) ଡେପୁଟି କମିଶନର । ସେ ଅନୁଗୁଳ ଆସିବା ପୂର୍ବରୁ ଅନେକ ଦିନଯାଏ ଗାଙ୍ଗପୁର ଷ୍ଟେଟ୍‌ର ଦେୱାନ ଥିଲା । ଗଡ଼ଜାତ ଅଞ୍ଚଳ ସମ୍ବନ୍ଧରେ ତାଙ୍କର ଗଭୀର ଅନୁଭୂତି ଥିଲା । ମୋ ରିପୋର୍ଟ ପାଇଁ ସେ ନିଜେ ଆସିଲେ ଓ ଆମ୍ଭେ ଦୁହେଁ ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଦୁଇଦିନ କାଳ ବୁଲିଲୁଁ । ସ୍ୱଚକ୍ଷୁରେ ଯାହା ଦେଖିଲି ତାଙ୍କ ହୃଦୟ ବ୍ୟଥିତ ହୋଇଥିବା ମୁଁ ସ୍ପଷ୍ଟ ଭାବରେ ତାଙ୍କ ମୁଖଭାବ ଓ କଥାବାର୍ତ୍ତାରୁ ଜାଣିପାରିଲି । ଏହାର ଅଳ୍ପ ଦିନ ପରେ ପଲିଟିକାଲ ଏଜେଣ୍ଟ ରାମ୍‌ସେ ସାହେବ ଆସିଲେ । ତାଙ୍କ ସହିତ ପ୍ରଥମ ସାକ୍ଷାତରେ ମୁଁ ବନ୍ୟା ବିଷୟରେ ଯାହା ରିପୋର୍ଟ କରିଥିଲି ସେହି ସମ୍ବନ୍ଧରେ ମୋତେ ତିରସ୍କାର କରିବାକୁ ଲାଗିଲେ ଓ ମୋ ରିପୋର୍ଟ ଅତିରଞ୍ଜିତ ଥିବା ମନ୍ତବ୍ୟ ପ୍ରକାଶ କଲେ । ମୁଁ କହିଲି ଯେ, ନିଜେ ଅବସ୍ଥା ନଦେଖି ସେପରି ମନ୍ତବ୍ୟ ପ୍ରକାଶ କରିବା ଯୁକ୍ତିସଙ୍ଗତ ନୁହେଁ । ସେ କ୍ରେଭନ୍ ସାହେବଙ୍କ ସଙ୍ଗେ ନଦୀକୂଳସ୍ଥ ଅନ୍ତସ୍ଥାନ ଦେଖିଲେ । ମୋତେ ମଧ ସଙ୍ଗରେ ନେଇଥିଲେ । ନଦୀକୂଳସ୍ଥ ବିସ୍ତୀର୍ଣ୍ଣ ଧାନକ୍ଷେତ ସବୁରେ ବାଲି ପଡ଼ିଯାଇଥାଏ; ତତ୍‌ପ୍ରତି ମୁଁ ତାଙ୍କ ଦୃଷ୍ଟି ଆକର୍ଷ କଲି । ସେ କହିଲେ ଯେ, ତାହା ଅତି ସାମାନ୍ୟ ଓ ବନ୍ୟାରେ ବାଲି ପଡ଼ିବା ସ୍ୱାଭାବିକ । ପୁଣି କହିଲେ ବନ୍ୟା ଅମଙ୍ଗଳ ଅପେକ୍ଷା ଅଧିକ ମଙ୍ଗଳ କରେ । ପଟୁମାଟି ଆଣି ଜମିକୁ ଉର୍ବର କରେ ଓ ପରବର୍ଷରେ ପୂର୍ବବର୍ଷ ଅପେକ୍ଷା ଅଧିକ ଫସଲ ଉତ୍ପନ୍ନ ହୁଏ । ମଙ୍ଗଳସୂଚକ ଚିହ୍ନବର୍ଣ୍ଣ ତ କୌଣସିଠାରେ ମୁଁ ଲକ୍ଷ୍ୟ କଲିନାହିଁ । ବନ୍ୟାର ପରବର୍ଷର ସୁନାଫଳ ଆଶାରେ କ'ଣ ଲୋକଙ୍କ ଉପସ୍ଥିତ ଦୁଃଖ ଯିବ? ଲୋକେ ହାହାକାର କରୁଅଛନ୍ତି । ଗଡ଼ ନିକଟସ୍ଥ ନଦୀର ଦକ୍ଷିଣ କୂଳବର୍ତ୍ତୀ କାଠପାଳ ଗ୍ରାମ ନିର୍ଶ୍ଚିହ୍ନ ହୋଇଯାଇଛି । ଡଙ୍ଗାରୁ ଓହ୍ଲାଇ ଆମ୍ଭେମାନେ କୂଳକୁ ଉଠିଲୁଁ ଓ ଗଡ଼କୁ ଫେରିବା ସକାଶେ ଯେତେବେଳେ ହାତୀରେ ଚଢ଼ିଲୁ ଗ୍ରାମବାସୀ ପୁରୁଷ, ସ୍ତ୍ରୀ, ପିଲା, ବୁଢ଼ାମାନ 'ଏ ସାହେବ, ଏ ସାହେବ' କହି ପାଟିକରି ହାତୀ ପଛରେ ଗୋଡ଼ାଇବାକୁ ଲାଗିଲେ ଓ କେବଳ ଧମକ ପାଇ ହତାଶ ହୋଇ ଫେରିଗଲେ । ସେତେବେଳେ ମୁଁ ଲକ୍ଷ୍ୟକଲି, ରାମ୍‌ସେ ସାହେବଙ୍କ ଲାଲ ଆଖି ମୋର ମୁହଁ ଉପରେ ଘୂରୁଛି । ମୋର ମନେହେଲା, ସେ ଭାବୁଛନ୍ତି, ଏହି ଯେତେ ଅନର୍ଥର ମୂଳ ମୁଁ । ବିଦେଶୀୟ ସାହେବ ଶାସକମାନଙ୍କ ମନୋଭାବ ଏପରି ସର୍ବତ୍ର ଦେଖାଯାଉଥିଲା । ସେମାନଙ୍କ ଆଖି ଆଗରେ ତ କେତେ କଳା ଲୋକ ପୋକମାଛି ପରି ମରିଯାଉଥିଲେ । ତତ୍‌ପ୍ରତି ସେମାନଙ୍କ ଭ୍ରୂକ୍ଷେପ ନଥାଏ । ତଥାପି ରାମ୍‌ସେ ସାହେବଙ୍କଠାରେ ଦୃଢ଼ଭାବରେ ମୁଁ ଲୋକଙ୍କ ସକାଶେ ସାହାଯ୍ୟ ଦାବି କରିଥିଲି ଓ ସେ ଯାହା ମଞ୍ଜୁର କଲେ 'ସମୁଦ୍ରକୁ ଶଙ୍ଖେ ପାଣି' ହୋଇଥିଲେ ହେଁ ଯତ୍‌କିଞ୍ଚିତ୍ ସେମାନଙ୍କ ଦୁଃଖୋପନୋଦନ କରିବାରେ ସମର୍ଥ ହୋଇଥିଲା ।(କ୍ରମଶଃ)

## ପର୍ଦ୍ଦା ପଛର କଥା -୮



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ-୧୬

### 'ଛୋଟ ପରଦାର ମୋହ-୧'

ନବେ ଦଶକ ଥିଲା ମୋ ପାଇଁ ଘଟଣା ବହୁଳ । ସଫଳତା ତୁଳନାରେ ବିଫଳତାର ସଂଖ୍ୟା ଅଧିକ ଥିଲେ ବି' ପ୍ରଚୁର ଅଭିଜ୍ଞତା ସାଉଁଟି ଥିଲି । ଏ ଅଭିଜ୍ଞତା ବୈଷୟିକ ସଂକ୍ରାନ୍ତୀୟ କେବଳ ନୁହେଁ ସାମାଜିକ ସ୍ତରରେ ମନୁଷ୍ୟର ଭିନ୍ନ ଭିନ୍ନ ଚରିତ୍ରର ମାନସିକତାକୁ ଅନୁଶୀଳନ କରିବାକୁ ସୁଯୋଗ ମିଳିଗଲା । ସହଜ ଭାବରେ ଅନ୍ୟକୁ ବିଶ୍ୱାସ କରିବା ମୋର ଗୋଟିଏ ଦୁର୍ଗୁଣ ବୋଲି କୁହାଯାଇପାରେ । ପଦେ ମିଠା କଥାରେ ମୁଁ ସାମ୍ନା ଲୋକ ପାଖରେ ବେଶ୍ ସହଜ ହୋଇଯାଏ । କିନ୍ତୁ ବେଳେବେଳେ ମୋର ଏହି ସ୍ୱଭାବ ମତେ ମାନସିକ କଷ୍ଟ ଦେଇଛି ଅନେକ ।

ଅଶୀଦଶକରେ ମୁଁ ଜଣେ ଶିଶୁ ସାହିତ୍ୟ ଲେଖକ ଭାବରେ ବେଶ୍ ପ୍ରତିଷ୍ଠିତ ଥିଲି । ଓଡ଼ିଶାରୁ ପ୍ରକାଶ ପାଉଥିବା ପ୍ରାୟ ସବୁ ଅଗ୍ରଣୀ ଶିଶୁ ପତ୍ରିକାରେ ମୋର ଲେଖା ପ୍ରକାଶିତ ହେଉଥିଲା । ଗୋଟିଏ ଶିଶୁ ପତ୍ରିକା 'ଜହ୍ନ ରାଇଜ'ରେ ଗୋଟିଏ ଶିଶୁ ରହସ୍ୟ ଉପନ୍ୟାସ 'କୁନି ଗୋଇନ୍ଦା' ଶୀର୍ଷକରେ ପ୍ରକାଶିତ ହେଉଥିଲା । କାହାଣୀଟି ଥିଲା ପିଲାଚୋରୀ ଓ ଦୁଇଜଣ ଶିଶୁଙ୍କ ଗୋଇନ୍ଦାଗିରି ମାଧ୍ୟମରେ ଗୋଟାଏ ବଡ଼ ଅପରାଧୀ ର୍ୟାକେଟ୍‌ର ପର୍ଦ୍ଦାଫାସ୍ । ଗୋଟିଏ ମାଙ୍କଡ଼ ଓ କୁକୁରର ଭୂମିକା ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ । ଏହି କାହାଣୀଟିକୁ ମୁଁ ମୋ ବୋଉଙ୍କ ଲିଖିତ ଏକ କ୍ଷୁଦ୍ର ଗଳ୍ପକୁ ଆଧାର କରି ଲେଖିଥିଲି ।

ତେବେ ଏହି ରହସ୍ୟ ଧାରାବାହିକଟିର ଅସମ୍ଭବ ଲୋକପ୍ରିୟତା ଦେଖି ଭୁବନେଶ୍ୱରର ରାନୀ ପବ୍ଲିକେସନ ତାକୁ ପୁସ୍ତକ ଆକାରରେ ପ୍ରକାଶ କରିବାକୁ ମନସ୍ଥ କଲେ । ମୁଁ ବି ଉତ୍ସାହିତ ହୋଇ ପଡ଼ିଲି । ୧୯୮୧ ମସିହାରେ 'କୁନି ଗୋଇନ୍ଦା' ପ୍ରକାଶିତ ହେଲା । ସେତେବେଳେ ବାଣୀବିହାର ଶେଷବର୍ଷ ଏମ୍.ଏ ଛାତ୍ର ମୁଁ । ସେହି ସମୟରେ ଅନ୍ୟ ଗୋଟିଏ କାଳ୍ପନିକ ଶିଶୁ ଉପନ୍ୟାସ 'ନାଗକନ୍ୟା' ମଧ୍ୟ ପ୍ରକାଶିତ ହେଲା ।

ତେବେ 'କୁନି ଗୋଇନ୍ଦା' ବିଶେଷ ଲୋକପ୍ରିୟ ହେବାର କାରଣ ଥିଲା । ଚଳଚ୍ଚିତ୍ରର ଚିତ୍ରନାଟ୍ୟ ପରି ମୁଁ ଏହାକୁ ରଚନା କରିଥିଲି । ଯଦିଓ ଚିତ୍ରନାଟ୍ୟର ଧାରା ସଂପର୍କରେ ମୁଁ ଅବଗତ ନଥିଲି । ପ୍ରତ୍ୟେକଟି ଅଧ୍ୟାୟ ଥିଲା ରୋମାଞ୍ଚଭରା ।

ଏହି କ୍ଷୁଦ୍ର ଉପନ୍ୟାସଟିକୁ ପାଠକରି ବାପାଙ୍କ ବନ୍ଧୁ ଅଭିନେତା ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି (କାଶ୍ୟପ) ବହୁ ପ୍ରଶଂସା କଲେ । ପୂର୍ବରୁ କହିଛି ଅକ୍ଷୟ ମଉସା ବାପାଙ୍କର ବନ୍ଧୁ । ଅନେକ ନାଟକରେ ବାପା ତାଙ୍କ ପାଇଁ ଗୀତ ଲେଖନ୍ତି । ପିଲାବେଳେ ଭୁବନେଶ୍ୱରସ୍ଥିତ ଆମ ସରକାରୀ - କ୍ୱାର୍ଟରରେ ପ୍ରାୟତଃ ତାଙ୍କର ଆବିର୍ଭାବ । ତେବେ ତାଙ୍କ ଭଳି ଟ୍ୟାଲେଣ୍ଟେଡ୍ ପ୍ରତିଭା ଯେତିକି ସଫଳତା ହାସଲ କରିବା କଥା ସେତିକି ପାଇପାରିଲେ ନାହିଁ ବୋଲି ମୁଁ ଭାବେ । କଳା ପ୍ରତି ସମର୍ପିତ ଏହି ପ୍ରତିଭାଙ୍କ ଦୁର୍ଦ୍ଦିନ ଓ ସଂଘର୍ଷର ଛବି ମୁଁ ନିଜ ଆଖିରେ ଦେଖିଛି । ଓଡ଼ିଆ ଚଳଚ୍ଚିତ୍ରର ଦୁର୍ଦ୍ଦିନରେ ଭାରତୀୟ ଜୀବନବୀମାର ଚାକିରୀ ଛାଡ଼ି ନାୟକ ଦୌଡ଼ରେ ସାମିଲ ହେବାଠାରୁ 'ଶଙ୍ଖମହୁରୀ', 'ସଉତୁଣୀ', 'ଜୟ ମା' ମଙ୍ଗଳା' ଚଳଚ୍ଚିତ୍ରର ନିର୍ଦ୍ଦେଶନା ପର୍ଯ୍ୟନ୍ତ ସେ ଥିଲେ ଚଳଚଞ୍ଚଳ । ଏହି ପ୍ରଚଣ୍ଡ ସ୍ୱାବିମାନୀ କଳାକାର କିନ୍ତୁ ଜୀବନ ସଂଘର୍ଷରେ କୌଣସି କ୍ଷେତ୍ରରେ ନିଜ ସ୍ୱାଭିମାନ ସହ ସାମିଲ କରିନଥିଲେ ।

ତେବେ ଅକ୍ଷୟ ମଉସା ଗାଳ୍ପିକ ରବି ପଟ୍ଟନାୟକଙ୍କ 'ବନ୍ଧ୍ୟା ଗାନ୍ଧାରୀ'କୁ ଚଳଚ୍ଚିତ୍ର ରୂପ ଦେବାପାଇଁ ପରିକଳ୍ପନା କରିଥାନ୍ତି । ମତେ କହିଲେ 'ବୁଗୁଲା (ମୋ ଡାକ ନାଁ) ତୁ ସଂଳାପ ଲେଖିବୁ ।' ମୁଁ ଖୁସି ହୋଇଥିଲି, ଏହା ଥିଲା ନବେ ଦଶକ ଉତ୍ତରାର୍ଦ୍ଧର କଥା ।

ତେବେ ଦିନେ ବାପାଙ୍କ ହାତରେ ଖବର ପଠାଇଲେ 'କୁନି ଗୋଇନ୍ଦା' ଉପନ୍ୟାସର ଏକ ସିନୋପସିସ୍ ତିଆରି କରି ପଠାଇବାକୁ । ସେ 'କୁନି ଗୋଇନ୍ଦା'କୁ ଚଳଚ୍ଚିତ୍ର କରିବେ ।

ଏ ଖବରରେ ମୁଁ ବହୁତ ଖୁସି ହୋଇଥିଲି । ନିଜ ହାତରେ ସିନେପସିସ୍ ଲେଖି ଟାଇପ୍ କରି ଅସୀମ୍ ଦା (ବସୁ)ଙ୍କ ହାତରେ ମଉସାଙ୍କ ପାଖକୁ ପଠାଇଦେଲି । ଅସୀମ ଦାଦା ସେତେବେଳେ ଗୋଟିଏ ନାଟକର ନିର୍ଦ୍ଦେଶନା ଦେବାପାଇଁ ମୋ ଗାଁ ବାଳକାଟି ଆସିଥାନ୍ତି । ବାପାଙ୍କ ବନ୍ଧୁ ତଥା ଦାଦାଙ୍କ ନାଟକରେ ମୁଁ ମଧ୍ୟ ଗୀତ ଲେଖି ତାଙ୍କର ନିକଟତର ହେବାର ସୁଯୋଗ ପାଇଥିଲି । ଅସୀମ୍ ଦାଦା ମଧ୍ୟ କହିଲେ ଏଇଟି ଭଲ ଶିଶୁ ଚଳଚ୍ଚିତ୍ରଟିଏ ହେବ ।

ହେଲେ ମୋ ଆଶା ଆଶାରେ ରହିଗଲା । ଅକ୍ଷୟ ମଉସା ଓ.ଏଫ.ଡି.ସି ରୁ 'ବନ୍ଧ୍ୟା ଗାନ୍ଧାରୀ' ପାଇଁ ଋଣ ପାଇଲେ ନାହିଁ । ତେଣୁ 'କୁନି ଗୁଇନ୍ଦା' ପାଇଁ ଋଣ ଆବେଦନ କରିବା ନିଷ୍ପତ୍ତିରୁ ଓହରି ଆସିଲେ ।

ମୁଁ କିନ୍ତୁ ଭାଙ୍ଗି ପଡ଼ିନଥିଲି । ମୋର ବନ୍ଧୁ ବୁଲୁ (ସାମ୍ବାଦିକ ପ୍ରସନ୍ନ ନାୟକ)କୁ ଧରି ସମ୍ଭାବ୍ୟ ପ୍ରଯୋଜକମାନଙ୍କ ଦ୍ୱାର ଦ୍ୱାର ବୁଲି କୁନି ଗୋଇନ୍ଦାକୁ ଚଳଚ୍ଚିତ୍ର ରୂପ ଦେବାପାଇଁ କନ୍‌ଭିନ୍‌ସ କଲୁ । କିନ୍ତୁ ଫଳ ଶୂନ । ବୋଧହୁଏ ଆମ ଉପରେ କେହି ଭରସା କରି ପାରିଲେ ନାହିଁ ।

ତଥାପି 'କୁନି ଗୋଇନ୍ଦା'କୁ ଚଳଚ୍ଚିତ୍ର ରୂପ ଦେବା ପାଇଁ ମୁଁ ଯେପରି ସଂକଳ୍ପ ନେଇ ସାରିଥିଲି ।

ଏଥି ମଧ୍ୟରେ ଭାରତୀୟ ରାଜନୀତିରେ ଦୃଶ୍ୟପଟ୍ଟ ବଦଳିବାରେ ଲାଗିଥିଲା । ଦୂରଦର୍ଶନ ମାଧ୍ୟମରେ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଚାର କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ । କମିସନ୍‌ଡ ପ୍ରୋଗ୍ରାମ୍ ପାଇଁ ନୋଟିଫିକେସନ୍ କରାଗଲା । ଯେଉଁ ମାନଙ୍କର କେନ୍ଦ୍ରରେ ରାଜନୈତିକ ଦବ୍‌ଦବା ଥିଲା ସେମାନେ ଆଗେଇ ଆସିଲେ । ବଙ୍ଗୀୟ କେନ୍ଦ୍ର ସୂଚନାମନ୍ତ୍ରୀଙ୍କ କୃପାରୁ ଅନେକ କାମ ପାଇଲେ । ଅବଶ୍ୟ ପରେ କାମାକ୍ଷା ପ୍ରସାଦ ସିଂଦେଓ ସୂଚନା ଓ ପ୍ରସାରଣ ବିଭାଗ ଦାୟିତ୍ୱ ନେବାପରେ ଦୂରଦର୍ଶନରେ ଓଡ଼ିଆଙ୍କ ଖାତିର ବଢ଼ିଗଲା । (କ୍ରମଶଃ)

## କମଳ କୁମାର ପଟ୍ଟନାୟକ



### ॥ ଏ ମନ ମହକ ଚାହେଁ ॥

ହୃଦୟ, ହୃଦୟ ଚାହେଁ
ଚାହେଁନା ମାଟିର ଦେହ,
ଆଜି ଯେ ଦେଉଚି ସୁଖ
କାଲି ସେ ହେବ ବିଳୟ ।

ଫୁଲର ପାଖୁଡ଼ା ଦେହେ
ଭରିଚି ରଙ୍ଗ କେତେ,
ସକାଳେ ଚମକେ ସିନା
ସଞ୍ଜେ ମଉଳେ ସତେ
ଏମନ ମହକ ଚାହେଁ-
ଚାହେଁନା ଦେହର ଦାହ ।
ଆଜି ଯେ ଦେଉଚି ସୁଖ...

ଓଠରେ କଥାର ନଈ
ବୋହିଯାଏ ଅନାବନା,
ଏ କୂଳରେ ପ୍ରେମ ତା'ର
ସେ କୂଳରେ ପୁଣି ଘୃଣା
ଏମନ ଝରଣା ଚାହେଁ
ଚାହେଁନା ନଈର ସୁଅ ।
ଆଜି ଯେ ଦେଉଚି ସୁଖ...

+ ଏଫ୍-୧୧୩, ସେକ୍ଟର-୭
ମର୍କତ ନଗର, କଟକ-୭୫୩୦୧୪
(ମୋ) ୮୮୯୫୯୪୭୮୨୮

## କେଦାର ମିଶ୍ର



### ॥ ଏ ରାସ୍ତାରେ ମୁଁ ଏମିତି ଚାଲୁଥାଏ ତୋ ସାଙ୍ଗରେ ॥

ମୁଁ ଥକି ହାରି ବସିପଡେ ମଝି ରାସ୍ତାରେ।
ଏ ରାସ୍ତାର କୌଣସି ଠିକଣା ନାହିଁ।

ନିଆଁ ଓ ରକ୍ତର ଗାଁ କେବେଦିନେ ମୋର ଥିଲା
ମୁଁ ତାକୁ ଛାଡି ଆସିଛି ଅନେକ ଦିନ ହେଲା
ମୁଖା ପିନ୍ଧିଥିବା ପ୍ରତ୍ୟେକ ସହର ପ୍ରତ୍ୟାଖ୍ୟାନ କରିଛି ମୋତେ
ନା ଜଙ୍ଗଲ, ନା ଜନପଦ, ନା ସଂସାର, ନା ସନ୍ୟାସ
କେଉଁଠି ହେଲେ ମୁଁ ରହିପାରିନି ସ୍ଥିର
ସବୁବେଳେ ମୁଁ ରାସ୍ତାର ପ୍ରେମରେ
ଆଉ ରାସ୍ତା ମାନେ ଇ ତୁ।

ମୁଁ ତୋତେ ଚାଲୁଥାଏ
ତୋ ସାଙ୍ଗରେ, ତୋ ଭିତରେ
ତୁ ମୋର ଲକ୍ଷ୍ୟ, ତୁ ମୋର ଶୂନ୍ୟ ସହର
ତୁ ଆମ ଦୁହିଙ୍କ ଠିକଣା ମଝିରେ କଥା କହୁଥିବା ଦୂରତା ।

ମୁଁ ତୋତେ ଗୁଡେଇଥାଏ ମୋର ଦେହରେ ରାତି ପରି
ତୋର ଅଭିମାନରେ ଭାଙ୍ଗି ଯାଉଥିବା
ମୁହୂର୍ତ୍ତମାନଙ୍କୁ ମୁଁ ପିଇବାକୁ ଚେଷ୍ଟା କରୁଥାଏ ଶୋଷରେ।

ପ୍ରବଳ ଭୋକରେ, ମୁଁ ତୋତେ ମା ବୋଲି ଡାକେ
ବାଢି ଦେବାକୁ ବେଳାଏ ପଖାଳ
ଶୋଷରେ ଫାଟି ଯାଉଥିବା ମୋର କଣ୍ଠ
ତୋତେ ଅନାଏ ମେଘର ନାୟିକା ପରି
ଏମିତି କିଛି ବି ସମ୍ପର୍କ ନାହିଁ
ଯେଉଁଥିରେ ମୁଁ ପାଇନି ତୋତେ।

ତୋର ପ୍ରେମ ଇ ମାର୍ଗ
ତୋର ନଥିବା ଇ ଜଗତର ଏକମାତ୍ର ମିଛ
ତୋର ଭାବ ଇ ମୋର ଲକ୍ଷ୍ୟହୀନ ଯାତ୍ରା।

ଦିନ ରାତି, ଅଖିଆ ଅନିଦ୍ରା
ମୁଁ ଚାଲୁଥାଏ ତୋ ଆଡକୁ
ଏ ରାସ୍ତାର ଉଭୟ ପାର୍ଶ୍ୱରେ ତୁ ମୋତେ ଡାକୁଥାଉ
ତୁ ଡାକୁଥାଉ ସବୁ ଗାଁ ଓ ସହରରୁ
ସବୁ ସମ୍ପର୍କ ଓ ସବୁ ବିଭୀଷିକାରୁ
ତୁ ମୋତେ ନୟାନ୍ତ କରୁଥାଉ
ଖେଳାଉଥାଉ ତୋର ପ୍ରେମରେ।

ମୁଁ ଥକି ହାରି ଯେବେ ବସିଯାଏ ମଝି ରାସ୍ତାରେ
ତୁ ପୁଣି ଥରେ ଝୁମ ଝୁମ ବାଜିଯାଉ ମୋର ରକ୍ତରେ।

ମୋର ଚାଲିବା ଏମିତି ଅସରନ୍ତି
ତୋ ସାଙ୍ଗରେ, ତୋର ଭିତରେ।

♥ ବିନୋଦିନୀ ନିବାସ, ୨୬୭/୧୭୩୬-ଏ, ଶାସ୍ତ୍ରୀନଗର, ୟୁନିଟ-୪,
ଭୁବନେଶ୍ୱର-୯
(ମୋ) ୯୪୩୭୦୩୮୯୭୭୦

## କ୍ଷମାନିଧି ଭୋଇ



### ॥ ପରାଜିତ ସୈନିକ ॥

ପରାଜିତ ସୈନିକ ସମ
କ୍ଷତ୍ତାକ୍ତ ମୋ ଅସ୍ତିତ୍ୱ ଟିକକ ।

ପରାଜୟର ଆତ୍ମଗ୍ଲାନି ମୋତେ
ପ୍ରତ୍ୟହ କରେ ଛଟପଟ
ଯାହାକି ଅତ୍ୟନ୍ତ ଅସହ୍ୟ ।

ମୋ ଦୁର୍ଭାଗ୍ୟ ମୋତେ
ବାରମ୍ବାର ଓଗାଳୁଛି ବାଟ
ଯେବେ ବି ମୁଁ ଚାହେଁ
ମୋ ଲକ୍ଷ୍ୟପଥେ ହେବାକୁ ଅଗ୍ରସର ।

ଓଃ ! କି ଦୁର୍ବିସହ
ମୋ ସାଥେ ଦଇବ ଖେଳୁଛି
ନିତିପ୍ରତି ତା' ନିଷ୍ଠୁର ଖେଳ ।

ଧର୍ମରାଜ ଯୁଧିଷ୍ଠିର ପରି
ସତ୍ୟକୁ ଜାବୁଡ଼ି ଚାଲୁଥିବା ଲୋକ
ଏମିତି ପରା ପିଇଥାଆନ୍ତି
ଅନେକ ଦୁଃଖ ଯନ୍ତ୍ରଣା ଅନଳ ।

ସତରେ, ଭାରି ଅସହଜ
ସତ୍ୟପଥ ଯେତେକ
ଯେଉଁଠି ନିହାତି କଷ୍ଟପ୍ରଦ
କେବେ ନ ହେବାକୁ ଧୈର୍ଯ୍ୟଚ୍ୟୁତ ।

ହଁ, ପରାଜିତ ସୈନିକ ସମ
ହେ ବିଧାତା !
ଦେଖ, କେମିତି ମୁଁ
ତୁମପାଖେ କରୁଛି ଆତ୍ମସମର୍ପଣ ।

ଏବେ ତୁମେ ଦିଅ ମୋତେ ଦଣ୍ଡ
ମୋ ପାପ ଧର୍ମ କର୍ମ ମୁତାବକ ।

♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ
ଜି : ସୁନ୍ଦରଗଡ଼ (ଓଡ଼ିଶା)
ପିନ୍: ୭୭୦୦୧୬
(ମୋ) ୯୪୩୮୨୯୨୯୩୩

## ଅଶ୍ୱିନୀ କୁମାର ଦାଶ



### ॥ ସଂକଳ୍ପ ॥

ସବାଶୁନ୍ ତାଳଗଛେ
ବାଇଆର ବସାଥିବା ପରି
ନିଜକୁ ସଂକଳ୍ପେ ଏଠି ଆଦିବାସୀ
ଆପଣା ଠାଣିରେ
ଝଡର ପ୍ରକୋପ ତଳେ
ଧୂଳିଛାଟି ଆବିରାକ୍ତ ତୋଳେ ।

♥ ରେମୁଣା, ବାଲେଶ୍ୱର

## କବିତା....
ଆମ ସମୟର

### ନାରୀ ଦେହରେ ନିଆଁ

ଫଣୀନ୍ଦ୍ର ଭୂଷଣ ନନ୍ଦ

ନାରୀ ଦେହରେ ନିଆଁ କହିଲେ
ମନେ ପଡ଼ନ୍ତି ସୀତା
ପୁରୁଷମାନେ ରାମ ପାଲଟିବାକୁ
କରାଯାଏ ଅଗ୍ନି ପରୀକ୍ଷା
ମୁରୁକି ହସି ନାରୀଟିଏ ନିଆଁରେ ବିହରେ
ଯା ଦେହରେ ହୁତାଶନ
ସେହି ଜାଣେ ପ୍ରେମ ଓ ପ୍ରଣୟ
ଜ୍ୱଳନ ଓ ଜାଳିବାର ଅନୁଭବ।

ନାରୀ ଯେଉଁଠି ନିଆଁରେ ପଶେ
ସେଇଠି ଘନେଇ ଆସେ ମାଟିକୁ ବିପଦ
ମାଟି ଫାଟି ଦି' ଫାଳ ହୁଏ
ମାଟି ଭିତରେ ଥିବା ବହିନ ବନ୍ଧ୍ୟା ହୁଏ
ସବୁଜ ବେହରଣକୁ ଖୋଲି
ମାଟି ଲଙ୍ଗଳା ହୁଏ ତ
ଲୋକେ କହନ୍ତି ପ୍ରଳୟ ହେଲା
କାଳ ଆସିଲା

କାଳ କହିଲେ
ନାରୀ ହୁତ୍‌ହୁତ୍ ହୋଇ ଜଳେ
ଓ ଜଳାଏ
ନିଜ ସଂସାରକୁ ଉଚ୍ଛନ୍ନ କରେ
ଶବ୍ଦ କାହିଁ ଯେ ଏମିତି ଚିତ୍ରକୁ ବର୍ଣ୍ଣିବ
ସଂସାର ଭାଙ୍ଗିଲା ବେଳେ ନା ଥାଏ ଧ୍ୱନି
ନା ଥାଏ ଶବ୍ଦ
ବିସ୍ମୟରେ ବିସ୍ମୟରେ କବିତାର ବିସ୍ତାର।

♥ ସୃଜନିକା, ଜାଗମରା, ଖଣ୍ଡଗିରିଇ ଭୁବନେଶ୍ୱର-୩୦, ଫୋନ:୯୪୩୭୨୫୬୧୭୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୫ ସେପ୍ଟେମ୍ବର, ୨୦୨୧




## ଆଲୋଚନା

# ଗୁରୁଙ୍କୁ ମଣନାହିଁ ନର

### କାଳିକିଙ୍କର ଦାସ



ବିଶ୍ୱବିଜୟରୁ ଫେରିଥିଲେ ଆଲେକ୍‌ଜାଣ୍ଡାର । ବେବିଲୋନର ରାଜପଥରେ ତାଙ୍କୁ ସମବେତ ଜନତା ଦେଉଥିଲେ ଉଚ୍ଛସିତ ସମ୍ବର୍ଦ୍ଧନା । ସମସ୍ତେ ଜୟକାର କରୁଥିଲେ ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାରଙ୍କର ଜୟ । ବେବିଲୋନର ବିଶାଳ ପ୍ରାନ୍ତରରେ ଆୟୋଜନ କରାଯାଇଥିଲା ସମ୍ବର୍ଦ୍ଧନା ସଭା । ଲକ୍ଷ ଲକ୍ଷ ଜନତା ସେହି ପ୍ରାନ୍ତରରେ ହୋଇଥିଲେ ସମବେତ । ଆରମ୍ଭ ହେଲା ସଭା । ସମସ୍ତ ବକ୍ତା ଆଲେକ୍‌ଜାଣ୍ଡାରଙ୍କର ପ୍ରଶଂସାରେ ଶତମୁଖ ହେଲେ । କିଏ କହିଲା ଯେ କେହିଜଣେ ନାହିଁ ଯେ ଆଲେକ୍‌ଜାଣ୍ଡାରଙ୍କ ଆଗରେ ନତଶିର ନ ହୋଇ ଛିଡା ହୋଇପାରିବ ? ସେ ମହାନ, ବିଶ୍ୱରେ ସର୍ବଶ୍ରେଷ୍ଠ ଓ ସର୍ବମହାନ୍ । ତାଙ୍କଠାରୁ କେହିନାହାଁନ୍ତି ମହାନ ଏ ବିଶ୍ୱ ବ୍ରହ୍ମାଣ୍ଡରେ । ସମସ୍ତେ ଶାନ୍ତ ହୋଇ ଶୁଣୁଥିଲେ ବିଶ୍ୱବିଜୟୀ ଆଲେକଜାଣ୍ଡାରଙ୍କର ସ୍ତୁତିଗାନ । ତେବେ ହଠାତ୍ ସଭା ମଝିରୁ କାହାର ମୃଦୁ ଗୁଂଜରଣ ଶୁଣାଗଲା । ଜଣେ ବୃଦ୍ଧ ଛିଡା ହୋଇକହିଲେ ଭୁଲ୍, ଏମିତି କୁହନାହିଁ ହେ ଗ୍ରୀସ୍‌ର ଜନତା । ଆଲେକଜାଣ୍ଡାର ନିଶ୍ଚୟ ଜଣେ ବୀର କିନ୍ତୁ ସେ ଯେ ସର୍ବଶ୍ରେଷ୍ଠ ଏହା କହିବା ଅଯୁକ୍ତିକ, ସେ ମହାନ କିନ୍ତୁ ସେ ଯେ ସବୁଠାରୁ ମହାନ ଏ କଥା ଅଗ୍ରହଣୀୟ ।

ସମବେତ ଜନତା ସେହି ଶବ୍ଦକୁ ଅନ୍ୱେଷଣ କରି ଦେଖିଲେ ଏହା ଏକ ଦୁର୍ବଳ ଜରାଗ୍ରସ୍ତ ବୃଦ୍ଧଙ୍କ ଔଦ୍ଧତ୍ୱ । ଆଜି ଆଲେକ୍‌ଜାଣ୍ଡାରଙ୍କ ଖଣ୍ଡାଚୋଟରେ ମୃତ୍ୟୁ ତାଙ୍କର ଅବଶ୍ୟମ୍ଭାବୀ । ମୃତ୍ୟୁ ମଧ୍ୟ ମିଳିବା ଆବଶ୍ୟକ କାରଣ ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାରଙ୍କ ପ୍ରତି ଏ ଧୃଷ୍ଟତା ! ସୈନୀକମାନେ ଉଦ୍ୟତ ହେଲେ ସେହି ବୃଦ୍ଧଙ୍କୁ ସମୁଚିତ ଶିକ୍ଷା ଦେବାପାଇଁ । ବନ୍ଦୀକରି ଆଲେକ୍‌ଜାଣ୍ଡାରଙ୍କ ପାଖରେ କରିବେ ଉପସ୍ଥିତ । ଆପଣାର ଆସନରୁ ଉଠିଲେ ବିଶ୍ୱବିଜୟୀ ଆଲେକଜାଣ୍ଡାର । ଦୂରରେ ଦିଶୁଥିଲେ ସେହି ବୃଦ୍ଧଜଣକ । ସୈନ୍ୟମାନଙ୍କ ଉଦ୍ଦେଶ୍ୟରେ କହିଲେ ହେ ସୈନୀକଗଣ ଅଟକିଯାଅ । ସୈନୀକମାନେ ଅଟକିଗଲେ । ଆଲେକଜାଣ୍ଡାର ସ୍ୱୟଂ ସେ ବୃଦ୍ଧଙ୍କ ଆଡକୁ ହେଲେ ଅଗ୍ରସର । ଶାଣିତ ତରବାରି ତାଙ୍କର ଯେମିତି ଔଦ୍ଧତ୍ୟ ହୋଇ ଉଠିଛି ସ୍ୱୟଂ ସେ ବୃଦ୍ଧର ରକ୍ତପାନ କରିବା ପାଇଁ । ଜନତା ପୁଣିଥରେ ସ୍ୱରତୋଳିଲେ- ବିଶ୍ୱ ବିଜୟୀ ଆଲେକଜାଣ୍ଡାରଙ୍କର ଜୟ !

ବୃଦ୍ଧ ଦେଖିଲେ ଆଲେକଜାଣ୍ଡାର ତାଙ୍କ ଆଡକୁ ହେଉଛନ୍ତି ଅଗ୍ରସର । ତାଙ୍କ ମୁଖମଣ୍ଡଳରେ ଏକ ଆନନ୍ଦ ପରିପ୍ରକାଶ ହେବାକୁ ଲାଗିଲା । ସମବେତ ଜନତା ହେଲେ ଆଶ୍ଚର୍ଯ୍ୟଚକିତ । ମୃତ୍ୟୁକୁ ସାମ୍ନାରେ ଦେଖିମଧ୍ୟ କେମିତି ଏ ବୃଦ୍ଧ ଜଣକ ହୋଇପାରିଛନ୍ତି ସ୍ଥିତପ୍ରଜ୍ଞ ଓ ସ୍ଥିର । ଆଲେକଜାଣ୍ଡାର ସେ ବୃଦ୍ଧଙ୍କ ପାଖରେ ଉପସ୍ଥିତ ହେବାମାତ୍ରେ ଆଣ୍ଠୁମାଡି ଅଭିବାଦନ ଜଣାଇଲେ । ମସ୍ତକରେ ମୁକ୍ତାଖଚିତ ମୁକୁଟକୁ ସେ ବୃଦ୍ଧଙ୍କ ପାଦପାଖରେ ରଖିଦେଲେ । ଆଲେକଜାଣ୍ଡାରଙ୍କ ଆଲୁଳିତ କେଶକୁ ସାଉଁଳେଇ ବୃଦ୍ଧଜଣକ ଖୁବ୍ ଆନନ୍ଦରେ କହିଲେ ପୁତ୍ର ମୁଁ ଖୁବ୍ ଆନନ୍ଦିତ ଯେ ମୋର ଶିଷ୍ୟ ଆଜି ବିଶ୍ୱବନ୍ଦନୀୟ ହୋଇପାରିଛି । ବିଶ୍‌ବିଜୟୀ ହୋଇପାରିଛି ।

ନମ୍ରତାର ସହ ଆଲେକଜାଣ୍ଡାର କହିଲେ ହେ ଗୁରୁଦେବ, ଜୀବନର ପ୍ରତ୍ୟେକକ୍ଷଣରେ ମୁଁ ଅନୁଭବ କରିଛି ଆପଣଙ୍କର ମହତ୍ ଶିକ୍ଷା । ମୋର ଆଜି ପରମ ସୌଭାଗ୍ୟ ଯେ ବେବିଲୋନର ଏହି ପ୍ରାଙ୍ଗଣରେ ବିଶ୍ୱବିଜୟୀ ଆଲେକଜାଣ୍ଡାରଙ୍କୁ ମିଳିଛି ଗୁରୁପୂଜା କରିବାର ପରମ ସୌଭାଗ୍ୟ । ଆପଣାର ସିଂହାସନରେ ଗୁରୁଙ୍କୁ ବସାଇ ଆଲେକଜାଣ୍ଡାର ଶିରନତ କରି ଛିଡାହେଲେ । ସମବେତ ଜନତା କହିଲେ ସାଧୁ ସାଧୁ । ସତରେ ଗୁରୁହିଁ ଏ ସଂସାରରେ ସବୁଠାରୁ ମହାନ । ସେ ନୁହଁନ୍ତି ସାଧାରଣ ନର ।

ଏ ପୃଥିବୀରେ ଗୁରୁମାନଙ୍କ ସଂପର୍କରେ ଅନେକ କଥା ଶୁଣିବାକୁ ମିଳେ । ସେକ୍ରେଟିସ୍ ପ୍ଲାଟୋଙ୍କ ଠାରୁ ଗାଲିଲିଓ, ଗୁରୁନାନକ, ଶଙ୍କର ପର୍ଯ୍ୟନ୍ତ କେତେକେତେ ମହାନ ଗୁରୁ । ଚରକ, ଉପମନ୍ୟୁ ଭଳି କେଡେ କେଡେ ମହାନ ଶିଷ୍ୟ ମଧ୍ୟ ଏ ପୃଥିବୀରେ ବର୍ଣ୍ଣିତ । ଗୁରୁ ଅର୍ଥାତ୍ ଶିକ୍ଷକ ଯିଏ ଶିକ୍ଷାପ୍ରଦାନ କରନ୍ତି ମଣିଷ ଶିଶୁମାନଙ୍କୁ । ଶିଶୁଟିଏ ଜନ୍ମ ହୋଇ ବଡହେବାକୁ ଲାଗେ ଏବଂ ଆଜିର ସମାଜରେ ଉଚିତ୍ ଶିକ୍ଷାପାଇଁ ଉଚିତ୍ ଶିକ୍ଷାନୁଷ୍ଠାନ ଏବଂ ଉଚିତ୍ ଶିକ୍ଷକଙ୍କର ସନ୍ଧାନ ଚାଲେ ।

ଉଚିତ୍ ଅନୁଚିତ୍ ଶବ୍ଦଦୁଇଟି ସହଜ ସରଳ ଯେତିକି ବୁଝାଯାଏ କିନ୍ତୁ ବାସ୍ତବରେ ତାହା ସେମିତି ନୁହେଁ । ଆଜିର ଶିକ୍ଷକ ନା ସେମିତି ମହାନ ପରଂପରାକୁ ବଂଚାଇ ରଖିପାରିଛନ୍ତି ନା ଶିଷ୍ୟ କିମ୍ବା ବିଦ୍ୟାର୍ଥୀମାନେ ଗୁରୁ କିମ୍ବା ଶିକ୍ଷକମାନଙ୍କୁ ସେତିକି ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରୁଛନ୍ତି । ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ନ ମଣିବ ନର ଏବଂ ଗୁରୁ ହିଁ ସାକ୍ଷାତ୍ ଈଶ୍ୱର ବୋଲି କବିତାଖଣ୍ଡ ଯେମିତି ଆପଣାର ଭାବ ଓ ମହତ୍ୱ ହରାଇବାରେ ଲାଗିଛି । ଗୁରୁଙ୍କୁ ନା ଆଜି କେହି ବିଷ୍ଣୁ, ବ୍ରହ୍ମା ବା ମହେଶ ଭାବୁଛନ୍ତି ବା ଗୁରୁ ସମାଜରେ ସେମିତି ପଦମର୍ଯ୍ୟାଦା ପାଉଛନ୍ତି । କହିବାକୁ ଗଲେ ଶିକ୍ଷକ ଚାକିରୀ ବା ବୃତି ଆଜିର ସମାଜରେ ଏକ ବାଧ୍ୟ ବ୍ୟବସାୟ ଭାବରେ ବିବେଚିତ ହୋଇଛି । ଶିକ୍ଷକମାନଙ୍କ ଦଶା ଆଦୌ ଭଲ ନୁହେଁ ଏଣୁ ଦିଶାମଧ୍ୟ ଶିକ୍ଷାର ବିପର୍ଯ୍ୟସ୍ତ ।

ଆମେ ଚରକ ଓ ଉପମନ୍ୟୁଙ୍କ କଥା ଶୁଣିଛୁ । ଚରକ ଗୁରୁଙ୍କ ଆଶ୍ରମରେ ରହି ସ୍ୱାସ୍ଥ୍ୟସେବା ସଂପର୍କରେ ଜ୍ଞାନ ଆହରଣ କରୁଥିଲେ ଅର୍ଥାତ୍ ଆଜିର ଡାକ୍ତରୀ ପାଠ୍ୟକ୍ରମ । ଗୁରୁ ପ୍ରକୃତି କୋଳରେ ବଢିଥିବା ଗଛ ଲତା ଗୁଳ୍ମରାଜିରେ ସମସ୍ତ ପ୍ରକାର ଔଷଧୀୟ ଗୁଣ ରହିଛି ବୋଲି କହିଥିଲେ । ବହୁଦିନର ଶିକ୍ଷାପରେ ଚରକ ଗୁରୁଙ୍କୁ କହିଲେ ହେ ଗୁରୁଦେବ, ନିଶ୍ଚୟ ଏମିତି କିଛି ଗଛ, ଲତା ଗୁଳ୍ମ ଏ ପୃଥିବୀରେ ଥିବ ଯାହାଭିତରେ କୌଣସି ଔଷଧୀୟ ଗୁଣ ଥାଇ ନପାରେ । ସ୍ମିତହାସ୍ୟରେଖା ଟାଣି ଗୁରୁଦେବ କହିଲେ ଅବଶ୍ୟ, ତୁମେହିଁ ସେହି ଗଛ, ଲତା ବା ଗୁଳ୍ମର ନିଶ୍ଚୟ ସନ୍ଧାନ କରିପାରିବ । ଯାଆ ବତ୍ସ, ଆପଣାର ସାଧନାରୁ କେବେ ବିଚ୍ୟୁତ ହେବନାହିଁ । ଯେତେଦିନ ପର୍ଯ୍ୟନ୍ତ ତୁମେ ଏ କର୍ମରେ ସଫଳତା ନ ପାଇଛ ସେ ପର୍ଯ୍ୟନ୍ତ ଲାଗିରହିବ, ଆଶ୍ରମକୁ ଫେରିବାର ଆବଶ୍ୟକ ନାହିଁ ।

ଠିକ୍ ଅଛି ଗୁରୁଦେବ । ଗୁରୁଙ୍କ ଆଶିର୍ବାଦ ନେଇ ଶିଷ୍ୟ ଚରକ ବାହାରିଗଲେ ବଣ ଭିତରକୁ । ପ୍ରତ୍ୟେକ ଗଛ ଲତା ଗୁଳ୍ମ ଆଦିର ପତ୍ର, ଫୁଲ, ଫଳ, ଅଂଶକୁ ପରୀକ୍ଷା ନିରୀକ୍ଷା କରିବାରେ ଲାଗିଲେ । ଏମିତି ବର୍ଷ ବର୍ଷ ବିତିଗଲା କିନ୍ତୁ ସେ ଫେରିଲେ ନାହିଁ ଆଶ୍ରମକୁ । ଚରକଙ୍କର ଆଶ୍ରମକୁ ନ ଫେରିବା ଗୁରୁଙ୍କ ମନରେ ସଂଶୟ ସୃଷ୍ଟିକଲା । ସେ ଚରକଙ୍କ ସନ୍ଧାନରେ ବାହାରିପଡିଲେ । ଜଙ୍ଗଲର ଏକ ମୁକ୍ତ ଅଂଚଳରେ ସେ ଦୂରରୁ ଏକ ପାହାଡ ଦେଖିଲେ । ପାଖକୁ ଯାଇ ବିସ୍ମିତ ହେଲେ ଯେ ତାହା ଏକ ପତ୍ର, ଫୁଲ, ଫଳ, ଡାଳ, ଲତା ଗୁଳ୍ମର ପାହାଡ ଥିଲା । ସେ ସେହି ପତ୍ରପାହାଡର ପରିକ୍ରମା କରୁ କରୁ ଦେଖିଲେ ପାହାଡର ଶୀର୍ଷରେ ଜଣେ କିଏ ବସିଛନ୍ତି । ସେ ପତ୍ରପାହାଡ ଉପରକୁ ଚଢି ଦେଖିଲେ ଖୁବ୍ ମନଯୋଗ ଦେଇ ଯିଏ ପତ୍ର ଆଦିର ପରୀକ୍ଷା ନିରୀକ୍ଷା କରୁଛନ୍ତି ସେ ତାଙ୍କର ପ୍ରୀୟ ଶିଷ୍ୟ ଚରକ । ଆପଣାର ସ୍ୱର ଶୁଣାଇଲା ପରେ ଆପଣାର ସ୍ଥାନରୁ ଉଠିଲେ ଚରକ, ମନରେ ବିଷାଦ । କହିଲେ ହେ ଗୁରୁଦେବ, ମୁଁ ଅସଫଳ ହେଲି ଆପଣଙ୍କର ଦେଇଥିବା କାମରେ । ଯେତେ ଗଛ, ଲତା ଗୁଳ୍ମକୁ ଆଣି ପରୀକ୍ଷା କଲେ ମଧ୍ୟ ମୁଁ ଏମିତି କାହାକୁ ପାଉନାହିଁ ଯେଉଁଥିଲେ ଔଷଧୀୟ ଗୁଣ ନାହିଁ ।

ମୋତେ କ୍ଷମା କରନ୍ତୁ ଗୁରୁଦେବ । ଚରକଙ୍କର କଥାଶୁଣି ଖୁବ୍ ପ୍ରସନ୍ନ ହେଲେ ଗୁରୁଦେବ ଓ କହିଲେ ହେ ମୋର ପ୍ରୀୟ ଶିଷ୍ୟ ! କିଏ କହିବ ଯେ ତୁମେ ମୋର ଅସଫଳ ଶିଷ୍ୟ । ତୁମର ଅସଫଳତାରେହିଁ ରହିଛି ବିଶେଷ ସଫଳତା । ମୁଁ ତୁମ ଉପରେ ଖୁବ୍ ପ୍ରସନ୍ନ । ଚାଲ ବତ୍ସ, ଆଶ୍ରମକୁ ଫେରିଚାଲ ଓ ସେଠାରେ ରହି ଆପଣାର ଅନୁଭବର ଏକ ପୁସ୍ତକ ରଚନାକର ଯାହା ଚରକ ସଂହିତା ନାମରେ ଯୁଗ ଯୁଗରେ ଖ୍ୟାତିଲାଭ କରିବ ।

ଏମିତି ଅନେକ ଉଦାହରଣ ରହିଛି ଶ୍ରେଷ୍ଠ ଗୁରୁ ଓ ଶ୍ରେଷ୍ଠ ଶିଷ୍ୟଙ୍କ ବିଷୟରେ । ତେବେ ସେ ଶ୍ରେଷ୍ଠତ୍ୱ କଣ ଆଜିର ପୃଥିବୀରେ ବିଦ୍ୟମାନ ? ଏ ପ୍ରଶ୍ନର ସଠିକ୍ ଉତର ହଁ କିମ୍ବା ନା ରେ ଦେବା ଦୂରୂହ ବ୍ୟାପାର । ଆଜି ବିଦ୍ୟା ପ୍ରଦାନପାଇଁ ପ୍ରକୃତିର କୋଳରେ ଗୁରୁକୁଳ ନାହିଁ କି ଆଶ୍ରମ ନାହିଁ ଅଛି ବଡ ବଡ ସୁଦୃଶ୍ୟ ବିଦ୍ୟାଳୟ ମହାବିଦ୍ୟାଳୟ । ରହିଛି ଶିକ୍ଷା ଗ୍ରହଣ ଓ ପ୍ରଦାନର ବହୁ ସୁବିଧା ସୁଯୋଗ । ତେବେ କାହିଁକି ଆଜି ଶିକ୍ଷା ବ୍ୟବସ୍ଥା ଖୁବ୍ ବିପର୍ଯ୍ୟସ୍ତ ? କାହିଁକି ସାରା ଭାରତବର୍ଷରେ ଏମିତି କୌଣସି ସରକାରୀ ବିଦ୍ୟାଳୟ ନାହିଁ ଯେଉଁଠି ଉଚିତ୍ ଭାବରେ ଶିକ୍ଷା ପ୍ରଦାନ କରାଯାଉଛି । ସେଠାରେ ଖୁବ୍ ଯୋଗ୍ୟତା ସଂପନ୍ନ ଶିକ୍ଷକ ନିଯୁକ୍ତି ଦିଆ ଯାଉଛି କିନ୍ତୁ ସେମାନେ ଶିକ୍ଷାଦାନରେ ଅସଫଳ ହେଉଛନ୍ତି ।

ତେବେ ଏ ନିବନ୍ଧରେ ଏତିକି କହିରଖୁଛି ଯେ ସରକାର କିମ୍ବା ଆଜିର ସମାଜ ଶିକ୍ଷାପ୍ରତି ଆଦୌ ସଚେତନ ଓ ଯତ୍ନବାନ ନୁହଁନ୍ତି । ସରକାରୀ ବିଦ୍ୟାଳୟ ସବୁଠାରେ ଅଛି କିନ୍ତୁ ସେଠାରେ ଆବଶ୍ୟକୀୟ ଶିକ୍ଷକ ନାହାଁନ୍ତି, ଶିକ୍ଷା ଉପକରଣ ନାହିଁ, ଶିକ୍ଷାଦାନର ସୁବିଧା ନାହିଁ । ସରକାରୀ କର୍ମଚାରୀ ବ୍ଲକ ସ୍ତରରୁ ନିରୀକ୍ଷଣ ଦାୟୀତ୍ୱରେ ଅଛନ୍ତି କିନ୍ତୁ ସେ କିଛି କରୁନାହାଁନ୍ତି ବରଂ କେବଳ ଅର୍ଥ ସଂଗ୍ରହ କରୁଛନ୍ତି । ଶିକ୍ଷା ବିଭାଗରେ ମଧ୍ୟ କଳାବଜାରୀ, ଦୁର୍ନୀତି ପ୍ରବେଶ କଲାଣି । ଏଣୁ ବିଚରା ଗୁରୁ ଆଉ ନରରୁ ଉର୍ଦ୍ଧ ହେବାର ସୁଯୋଗ ହରାଇଲେଣି । ଏମିତି କି ସରକାର ମହମ୍ମଦ ବିନ୍ ତୋଗଲକ୍ ରାଜଧାନୀ ଦିଲ୍ଲୀରୁ ଦୌଲତାବାଦ ଓ ଦୌଲତାବାଦରୁ ଦିଲ୍ଲୀ ପରିବର୍ତନ କଲାଭଳି ଶିକ୍ଷାର ନୀତି ନିର୍ଦ୍ଧାରଣ ଠିକ୍ ଭାବରେ କରୁନାହାଁନ୍ତି । ତାହାର ସୁଯୋଗ ନେଇ ବେସରକାରୀ ଶିକ୍ଷାନୁଷ୍ଠାନ ଗଢି ଉଠୁଛି ଓ ସେଠାରେ ଅଭିଭାବକ ଓ ଶିକ୍ଷକ ଖୁବ୍ ଭୟଙ୍କର ଭାବରେ ଶୋଷିତ ଓ ଲାଂଛିତ ହେଉଛନ୍ତି । ସରକାର ବିଲେଇ ଭଳି ଆଖି ବୁଜି କେବଳ କ୍ଷୀର ପିଇବାର ଅଭିନୟ କରୁଛନ୍ତି । ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ହେଉ କି ସରକାରୀ ହେଉ, ଗୁରୁ ସବୁଠାରେ ସମାନ ସମ୍ମାନ ଓ ସୁବିଧା ସୁଯୋଗ ପାଇବା ଉଚିତ୍ । ସେମିତି ସରକାରୀ ବିଦ୍ୟାଳୟ ମହା ବିଦ୍ୟାଳୟର ଛାତ୍ର ଛାତ୍ରୀ ହୁଅନ୍ତୁ କି ବେସରକାରୀ ସବୁଛାତ୍ରଙ୍କୁ ସବୁ ଛାତ୍ରଛାତ୍ରୀଙ୍କୁ ସମାନ ସୁବିଧା ସୁଯୋଗର ମୌଳିକ ଅଧିକାର ରହିବା ଉଚିତ୍ । କିନ୍ତୁ ଏ କାମ କିଏ କରିବ ? ପ୍ରଶ୍ନର ଉତର କଣ ମନ୍ତ୍ରୀ ଦେବେ ଯିଏ କେବେ ଶିକ୍ଷା ବିଭାଗର କିରାଣୀଟିଏ ମଧ୍ୟ ହୋଇ ନାହାଁନ୍ତି । ଶିକ୍ଷାକ୍ଷେତ୍ରରେ ଆବଶ୍ୟକୀୟ ଜ୍ଞାନ ନ ଥିବା ବ୍ୟକ୍ତି ଆଜି ମନ୍ତ୍ରୀ ଏଣୁ କିମିତି ହେବ ଏହାର ସମୁଚିତ୍ ନିରାକରଣ । କଥାରେ କହନ୍ତି ରାଜା ଅନ୍ଧ, ନିଆଁ ଅନ୍ଧ ଓ ପାଣି ବି ଅନ୍ଧ । ସତରେ କେଡେ ଅନ୍ଧ ଆମର ସରକାର ! ଶିକ୍ଷା ଭଳି ବିଶେଷ ମହତ୍ୱର ବିଭାଗ ଓ ଶିକ୍ଷକ ଭଳି ମହାନ ବ୍ୟକ୍ତି ଆଜି ଉପେକ୍ଷାର ଶୀକାର । ଏଣୁ ହେ ସମୟ ଓ ସରକାର ତୁମେ ଥରେ ତୁମର ଆଖି ଖୋଲି ଦେଖ, ବୁଝିବାକୁ ଚେଷ୍ଟାକର ହୃଦୟର କଥା, ସମାଜର ଆବଶ୍ୟକତା, ଗୁରୁଙ୍କୁ ସାଧାରଣ ନର ଶ୍ରେଣୀରେ ନ ରଖି ପ୍ରକୃତ ସ୍ଥାନରେ ବସାଅ, ଦେଖିବ ଏ ସଂସାରର ଅନେକ ସମସ୍ୟା ଆପଣାଛାଏଁ ଦୂର ହୋଇଯିବ । ଶିଶୁ ହସିବ, ଶୈଶବ ପୁଲକିତ ହେବ, ଆନନ୍ଦିତ ହେବ ଏହି ନିନ୍ଦିତ ପୃଥିବୀ ॥


+ ଯୋଗାଯୋଗ- ସୌଭାଗିନୀ ନିବାସ, ରଟିଲୋ, ରେଂଚ, ପୁରୀ-୭୫୨୧୧୪
(ମୋ)୯୪୩୯୫୩୯୨୨୯ ॥


## ଧାରାବାହିକ ଉପନ୍ୟାସ

# ରାଜନୀତି


ସୃଷ୍ଟିଧର ପରିଡା
ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ- ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୩

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ବିଜୟାନନ୍ଦ ବାବୁ ସଭାରେ ଭାଷଣ ଦେଉଥାନ୍ତି -

"ଭାଇ ଭଉଣୀ ଓ ମା' ମାଉସୀମାନେ, ଏ ଦେଶ ଆପଣମାନଙ୍କର । ଏ ମାଟି ଆପଣମାନଙ୍କର । ମୁଁ ମଧ ଆପଣଙ୍କର । ଆପଣମାନେ କେବଳ ପଛରେ ରହି ହଁ ମାରନ୍ତୁ ନାହିଁ, ନିଜେ ବିଚାରକର ଭୂମିକା ନିର୍ବାହ କରନ୍ତୁ । ନିଜେ ବାଛନ୍ତୁ ନିଜର ନେତା । ନିଜେ ହଟେଇ ଦିଅନ୍ତୁ ଅପାରଗ ନେତାମାନଙ୍କୁ ଏ ଦେଶରୁ । ଯେଉଁମାନେ କେବଳ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି ଆପଣମାନଙ୍କର ଅଧିକାରକୁ, ଯେଉଁମାନେ ଆପଣଙ୍କୁ ଶୋଷଣ କରୁଛନ୍ତି ସେମାନଙ୍କୁ ଉଚିତ୍ ଶିକ୍ଷା ଦିଅନ୍ତୁ । ଆପଣମାନେ ବିଚାର କରନ୍ତୁ, ସେମାନଙ୍କ ପିଲା ଆଗଧାଡିର ଚାକିରୀ ପାଇବେ, ଅଥଚ ଆମ ପାଇଁ ଆପଣଙ୍କ ପିଲାଙ୍କ ପାଇଁ ପଛଧାଡିର ଚାକିରି ବି ନାହିଁ । ଏବେ ସମୟ ଆସିଛି, ସେମାନଙ୍କୁ ହଟେଇ ଦିଅନ୍ତୁ ଗାଦିରୁ । ବାଛନ୍ତୁ ନିଜ ପାଇଁ ନିଜକଥା ବୁଝିବା ଭଳି ନେତାଟିଏ । ଯିଏ ମାଟିର ପୁଅ ପରି ବୁଝିବ ମାଟି କଥା, ବୁଝିବ ମା' କଥା ଓ ଆଉ ଆପଣମାନଙ୍କ କଥା ।"

ତାଙ୍କର ଓଜସ୍ୱିନୀ ଓ ଆକର୍ଷଣୀୟ ଭାଷଣରେ ସମବେତ ଜନତା ସ୍ତବ୍ଧ ଓ ଚକିତ । ଓଁକାରନାଥ ମଧ୍ୟ ଶୁଣୁଥିଲା ବିଜୟାନନ୍ଦ ବାବୁଙ୍କ ଭାଷଣକୁ । ତା ଦେହ ହାତ ସହ ମନ ଏହି ଭାଷଣ ଶୁଣି ଝିମ୍ ଝିମ୍ ହୋଇଗଲା । କଣ କହୁଛନ୍ତି ବିଜୟାନନ୍ଦ ! ଶୋଷଣରୁ ମୁକ୍ତି କଣ ସତରେ କେହି ଦେଇପାରିବ ସଧାରଣ ମଣିଷକୁ ? ମୁକ୍ତି ଦେଇପାରିବ କେହି ଅଭାବ, ବେକାରୀ ଓ ଅନଟନରୁ ?

ତା' ଦେହର ରକ୍ତରେ ଅସମ୍ଭବ ତାତି । ସେ ନିଜକୁ ଆଉ ଆୟତ୍ତରେ ରଖିପାରିଲା ନାହିଁ । ସ୍ୱତଃ ପ୍ରବୃତ୍ତ ହୋଇ ଉଠିଗଲା ମଞ୍ଚ ଉପରକୁ । ଉଠି ଆସି ଠିଆହେଲା ବିଜୟାନନ୍ଦ ବାବୁଙ୍କ ପାଖରେ । ହାତ ବଢେଇ ତାଙ୍କ ହାତରୁ ନେଇଗଲା ମାଇକ୍ରୋଫୋନ୍ ।

ସମବେତ ଜନତା ସ୍ତବ୍ଧ ଓ ଚକିତ ହୋଇ ଚାହିଁ ରହିଥିଲେ ଓଁକାରନାଥଙ୍କୁ । ନିଜେ ବିଜୟାନନ୍ଦ ବାବୁ ଏପରି ଅପ୍ରତ୍ୟାଶିତ ଘଟଣାକୁ ଦେଖି ବିସ୍ମୟାଭିଭୂତ ହୋଇପଡ଼ିଥିଲେ । ଭାବୁଥିଲେ ତାଙ୍କ ସଭାକୁ ଭଣ୍ଡୁର କରିବା ପାଇଁ ବିରୋଧୀ ଦଳର ବୋଧେ ଏହା ଗୋଟିଏ ଚାଲ ଓ ଷଡ଼ଯନ୍ତ୍ର ।

କଣ ଘଟିବ ଏହାପରେ ? ସେଠାକାର ଆୟୋଜକମାନଙ୍କୁ ଚାହିଁଲେ ବିଜୟାନନ୍ଦ ବାବୁ । କେହି ଭାବି ନଥିଲେ ଏମିତି ଦର୍ଶକ ଗ୍ୟାଲେରୀରୁ କେହି ଜଣେ ଉଠି ଆସି ସ୍ୱତଃ ପ୍ରବୃତ୍ତ ଭାବେ ମାଇକ୍ ଛଡେଇ ନେଇ କିଛି କହିବାର ସତ୍‌ସାହସ କରିବ । କିନ୍ତୁ କେହି କିଛି କହିବା ପୂର୍ବରୁ ଓଁକାରନାଥ ଆରମ୍ଭ କରିଦେଲେ ଶାସକ ଦଳର ଅପାରଗତା, ଶୋଷଣ ଓ ଦୁର୍ନୀତି ବିଷୟରେ ଅନର୍ଗଳ ବର୍ଣ୍ଣନା । ତାଙ୍କ ଭାଷଣରେ କେବଳ ସମବେତ ଜନତା ନୁହନ୍ତି ବରଂ ବିଜୟାନନ୍ଦ ବାବୁଙ୍କ ସମେତ ଦଳର ବରିଷ୍ଠ କର୍ମୀମାନେ ମଧ୍ୟ ସାମୟିକ ପାଇଁ ସ୍ଥିର ହୋଇ ଯାଇଥିଲେ । ଉପସ୍ଥିତ ଜନତା ଓଁକାରନାଥଙ୍କ ବକ୍ତବ୍ୟରେ ଏପରି ମନ୍ତ୍ରମୁଗ୍ଧ ଓ ପ୍ରଭାବିତ ହୋଇଥିଲେ ଯେ ଘନ ଘନ କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ ।

ଓଁକାରନାଥ କହିଚାଲିଥାନ୍ତି- ହେ ମୋର ଭାଇ ଭଉଣୀମାନେ ! ସତକଥା । ଏବେ ଭାବିବାର ବେଳ ଆସିଛି, ବିଚାର କରିବାର, ଚିନ୍ତା କରିବାର ସମୟ ଆସିଛି । ଆମେମାନେ ଥରେ ନିଜ ମନକୁ ପ୍ରଶ୍ନ କରିବା ଉଚିତ୍ । ଆମେ ଯାହା କରୁଛେ ଠିକ୍ କରୁଛେ ତ ? ଏବେ ଆମ ତଥାକଥିତ ରାଜନେତମାନେ ଯାହା ସବୁ ଅଘଟଣ ଘଟାଉଛନ୍ତି ସେ ସବୁକୁ ନିରବରେ ସହିବା ଉଚିତ୍ କି ? କିନ୍ତୁ ଆମେ ସମସ୍ତେ ମନେରଖିବା ଉଚିତ୍ ଯେଉଁଦିନ ଆମେ ସମସ୍ତେ ଅନୁଭବ କରିପାରିବା ଯେ ଆମେ ଯାହା କରୁଛେ ଠିକ୍ ନକରି ଭୁଲ କରୁଛେ ସେଦିନ ଆମେ ଆମର ଅଧିକାରକୁ ଠିକ୍ ଭାବେ ପ୍ରୟୋଗ କରିପାରିବା । ଆମେ ଆମର ଭାଇଚାରା ଓ ପୂର୍ବ ସଂସ୍କୃତିକୁ ଫେରି ପାଇବା । ସମାଜରୁ ଦୁର୍ନୀତି ଭ୍ରଷ୍ଟାଚାରକୁ ଦୂର କରି ଦେଇପାରିବା । ମୁଁ ବିଜୟାନନ୍ଦବାବୁଙ୍କୁ ସମର୍ଥନ କରୁଛି । ସେ ହିଁ ଆମପାଇଁ ଭଲଦିନ ଆଣିଦେଇ ପାରିବେ । ସମସ୍ତଙ୍କୁ ପ୍ରଗତି ଉନ୍ନତିର ସ୍ୱାଦ ଚଖାଇ ପାରିବେ ।

ଓଁକାରନାଥଙ୍କ ଭାଷଣକୁ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାନ୍ତି ବିଜୟାନନ୍ଦ । ଆଗାମୀ ନିର୍ବାଚନ ପାଇଁ ଏଭଳି ଜଣେ ପ୍ରଭାବଶାଳୀ ଯୁବ କର୍ମୀ ତାଙ୍କୁ ଏତେ ସହଜରେ ମିଳିଯିବ ସେ କେବେ ଭାବି ନଥିଲେ । ମଞ୍ଚ ଉପରେ ଠିଆ ହୋଇ ସେ କେତେ କେତେ ସ୍ୱପ୍ନରେ ବିଭୋର ହୋଇ ଉଠୁଥାନ୍ତି । ନିର୍ବାଚନରେ ଜିତିବା ପାଇଁ ଓଁକାରନାଥ ଗୋଟେ ଅମୋଘ ଅସ୍ତ୍ର । ତାଙ୍କୁ ଯେମିତି ଚାହିଁବେ ସେମିତି ବ୍ୟବହାର କରିପାରିବେ । ଓଁକାରନାଥ ବେଶ୍ ଲୋକଙ୍କୁ ତାଙ୍କ ପଟକୁ ଆଣିବାରେ ସହାୟକ ହୋଇପାରିବେ । ଜନସମର୍ଥନ ହାସଲ ପାଇଁ ଓଁକାରନାଥ ଭଳି ଜଣେ ବାକ୍‌ପଟୁ, ତୀକ୍ଷ୍ଣ ବୁଦ୍ଧିମତ୍ତା ଥିବା ଯୁବକ ଜରୁରୀ । ତା' ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷ ହିଁ କୁହୁଳା ନିଆଁ ଭଳି କାମ ଦେବ ।

ସେଇ ମଞ୍ଚ ଉପରେ ଓଁକାରନାଥଙ୍କୁ କୁଣ୍ଢେଇ ପକେଇଥିଲେ ବିଜୟାନନ୍ଦ । ପରମ ଆତ୍ମୀୟ ପରି କୋଳାଗ୍ରତ କରିଥିଲେ । ସଭା ଶେଷରେ ତାଙ୍କର ଓ କର୍ମୀମାନଙ୍କର ମିଳିତ ନିଷ୍ପତ୍ତି କ୍ରମେ ତାଙ୍କୁ ଦଳରେ ସାମିଲ କରି ନିଆଯାଇଥିଲା । ସେଇଠି ସେ ତାକୁ ନିଜ ଦଳର ଯୁବସଂଗଠନର ଦାୟିତ୍ୱ ଅର୍ପଣ କରିଦେଲେ ଏବଂ ପଞ୍ଚାୟତର କର୍ମୀମାନେ ଯେପରି ଓଁକାରନାଥଙ୍କ ଇଙ୍ଗିତରେ ଦଳୀୟ କାର୍ଯ୍ୟ କରିବେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସବୁ ଘଟିଗଲା ଅତି ଆକସ୍ମିକ ଭାବେ । ଗାଁର ସବୁ ମହଲରେ ଆନନ୍ଦ । କିନ୍ତୁ ଘରେ ଓଁକାରନାଥର ରାଜନୀତି ପ୍ରବେଶକୁ ପ୍ରଥମେ ଦୃଢ଼ ଭାବେ ବିରୋଧ କରିଥିଲେ ବାପା । କହିଥିଲେ, 'ଏ ଦେଶରେ ଆଉ ଗାନ୍ଧିବାଦୀ ନେତା ନାହାନ୍ତି । ସମସ୍ତେ ଉଗ୍ରବାଦୀ ହୋଇଗଲେଣି । ଗାନ୍ଧିଙ୍କର ଫଟୋକୁ କାନ୍ଥରେ ଟାଙ୍ଗି ଦେଲେ ଜଣେ ଆଦର୍ଶ ନେତା ହୋଇପାରେନା । ଏବେ ତ ରାଜନୀତି ଆଉ ନୀତି ଆଦର୍ଶର ରାଜନୀତି ହୋଇ ରହିନାହିଁ । ଗାନ୍ଧିଙ୍କୁ ନେଇ ସମସ୍ତେ ରାଜନୀତି କରୁଛନ୍ତି ସିନା, କିନ୍ତୁ ଗାନ୍ଧିଙ୍କର ନୀତି ଆଦର୍ଶକୁ କେହି ପାଳନ କରନ୍ତି ନାହିଁ । ଏବେ ତ ଖାଲି କ୍ଷମତା ଆଉ ସ୍ୱାର୍ଥ । ମାନବିକତା ନାହିଁ କି ଶୃଙ୍ଖଳା ନାହିଁ । ଆରେ କଥାରେ କି କାମରେ ଗାନ୍ଧୀଙ୍କର ଆଦର୍ଶକୁ ଧାଡିଏ ମାନିଲେ ସିନା ! ବିନାଶ କାଳେ ତତେ ଏ ବୀପରିତ ବୁଦ୍ଧି ଦେଲା କିଏ ? ରାଜନୀତି ଆମମାନଙ୍କ ପାଇଁ ଅଙ୍କ ବିଦ୍ୟା ଭୟଙ୍କରୀ ପରି । କେହି ଭଦ୍ରଲୋକ ଆଜିକାଲି ରାଜନୀତି କରିବାକୁ ଇଚ୍ଛା କରୁନାହାନ୍ତି ।

ନିରବ ହୋଇ ଯାଇଥିଲେ ଓଁକାରନାଥ ।

ପୁଣି ବାପା କହିଥିଲେ- ସତ୍ୟକୁ ସାମ୍ନା କରିବାକୁ ଶିଖ୍‌ରେ ବାବୁ । ଦେଖିବୁ ଜୀବନ ତୋତେ କେତେ ସତ୍ୟ କେତେ ଅମୃତମୟ ଲାଗିବ । ରାଜନୀତିରେ ସତ୍ୟ ନାହିଁ କି ଆସ୍ଥା ନାହିଁ । ରାଜନୀତି ହେଲା ବଡବଡିଆଙ୍କ ପାଇଁ । ଆମ ପାଇଁ ଆମର ନୀତି ଆଦର୍ଶ ବଡକଥା । ଆମେ ଆମର ଓଜନ ଜାଣିବା ଉଚିତ । ରାଜନୀତି ଆମପାଇଁ ଆକାଶ କଇଁଆ ଚିଲିକା ମାଛ ।

କୋଉଦିନ ବାପାଙ୍କ ମୁହଁରେ କଥା କହିନଥିବା ଓଁକାରନାଥ କିଛି କହିବ କହିବ ହୋଇ ଅଟକିଗଲା । ବାପା ତା' ମୁହଁକୁ ଚାହିଁ ପୁଣି କହିଥିଲେ- ଦେଖ୍ ପୁଅ, ମୋ କଥା ମାନ୍ । ରାଜନୀତିର ନିଶା ଛାଡ୍ । ସମସ୍ତେ ସମସ୍ତଙ୍କ ସ୍ୱାର୍ଥ ପାଇଁ ବ୍ୟଗ୍ର । ତୋତେ ଏମିତି ଫୁସୁଲା ଫୁସୁଲି କରି କାଦୁଅରେ ପୁରେଇ ଦେବେ । ତାପରେ ଆଉ ବାହାରି ପାରିବୁନି । ଅଠାକାଠି ପରି ଲାଗିଯିବ ଯେ ଆଉ ଛାଡିବନି । ଯୋଉମାନେ ବ୍ୟଭିଚାର, ଭ୍ରଷ୍ଟାଚାର, ଦୁର୍ନୀତି କରି ପାରିବେ ସେଇମାନେ ହିଁ ଦକ୍ଷ ରାଜନେତା । ସେଇମାନେ ହିଁ ବଡ଼ବଡ଼ ହସ୍ତୀ । ବାପାରେ, ଚାକିରୀ ନହେଲେ ନାହିଁ, ବରଂ ଚାଷ କରି ବଞ୍ଚିବା ଭଲ, ହେଲେ ରାଜନୀତିକୁ ଯାଆନା । ସେଥିରେ ଜମା ପଶ୍‌ନା । ଜମା ନୁହେଁ ।

ମୌସୁମୀ ବି ସମର୍ଥନ କରିଥିଲା ଶ୍ୱଶୁରଙ୍କୁ ।

କହିଥିଲା - ଦେଖ, ଭାବପ୍ରବଣତାରେ ଭାସିଯାଇ ରାଜନୀତିକୁ ଓହ୍ଲେଇ ପଡିବା ଜମା ଠିକ୍ ନୁହେଁ । ଏବେକାର ରାଜନୀତି ବଡ ଜଟିଳ । ତା' ଗତିବିଧିକୁ ଏତେ ସହଜରେ ବୁଝି ହେବ ନାହିଁ । ରାଜନୀତିର ରାସ୍ତା ଖୁବ୍ ଅଙ୍କାବଙ୍କା । ଯେଉଁଠି କୌଣସି ନୀତି ନିୟମ ନାହିଁ । ଉପରକୁ ଉଠିବା ପାଇଁ କିଏ କେତେବେଳେ କହାକୁ ମାରିବ, କିଏ କାହାକୁ ହାଣିବ, କିଏ କାହା ସହିତ ବିଶ୍ୱାସଘାତକତା କରିବ ତାର ଆକଳନ କରିହେବ ନାହିଁ । ଏ ଖେଳ ପଡ଼ିଆରେ ଯିଏ ଥରେ ଖେଳ ଖେଳିବା ଆରମ୍ଭ କରେ ସେ କେବେ ଛାଡ଼ି ଆସି ପାରେନା । ଏଇଟା ଗୋଟେ ଗୋଡିଆଗୋଡି ଖେଳ । ଏହି ଖେଳର ଶେଷ ଦୃଶ୍ୟ ଅତି ଭୟଙ୍କର, ଅତି କରୁଣ । ଯାହା ଆମେ କଳ୍ପନା ବି କରିପାରିବାନି । ବାପାଙ୍କ କଥା ମାନ ସେଥିରୁ ଓହରି ଆସ । ଆମ୍ଭମାନଙ୍କର ଜୀବନ ହେଉଛି ଗୋଟିଏ ଖୋଲା ବହି । ସରଳ ମନ ନେଇ ଆଜିର ଜଟିଳ ରାଜନୀତି କରିବା ଦୂରହ ବ୍ୟପାର । ରାଜନୀତିର ରଙ୍ଗ ବଡ ବିଚିତ୍ର । ଯିଏ ଯେତେ ଭଲ ଲୋକ ହୁଅନ୍ତୁନା କାହିଁକି ସେଥିରେ ପାଦ ଦେଲେ ତାର ଚରିତ୍ର ଆଉ ବ୍ୟବହାର ବଦଳିଯାଏ ।

ଓଁକାରନାଥ ଚାହିଁଲେ ମୌସୁମୀ ମୁହଁକୁ ।

ମୌସୁମୀକୁ କହିଥିଲେ - ଯେତେବେଳେ ନୂଆ ଗୋଟେ ସ୍ୱପ୍ନର ମୂଳଦୁଆ ପଡୁଥାଏ ସେତେବେଳେ ସମସ୍ୟା ଆସେ । ତାକୁ ଭୟ କରିବା ଉଚିତ୍ ନୁହେଁ । କାହାରି ବାଧା ମାନିବାକୁ ସିଏ ପ୍ରସ୍ତୁତ ହୁଏ ନାହିଁ । ଆଉ ଇଏ ତ ରାଜନୀତିରେ ପ୍ରବେଶର ପ୍ରଥମ ପାଦଦେଶ ।

ସେଦିନ ଓଁକାରନାଥଙ୍କ ଭିତରେ ଲୁଚି ରହିଥିବା ରାଜନୀତିର ସାତରଂଗକୁ ଦେଖିପାରିଥିଲେ ମୌସୁମୀ ।

ରାଜନୀତିକୁ ନେଇ ଓଁକାରନାଥ କେତେ ସ୍ୱପ୍ନ ବୀଜ ବୁଣି ସାରିଲାଣି ନିଜ ଭିତରେ ! ତା' ଆଖି ଆଗରେ ବିଜୟାନନ୍ଦଙ୍କ ଆହ୍ୱାନ । ନିଜକୁ ଦୃଢ଼ କରିଥିଲେ ଓଁକାରନାଥ । ସିଦ୍ଧାନ୍ତ ନେଇଥିଲେ ରାଜନୀତି କରିବା ପାଇଁ । କଣ ମିଳିବ ଫମ୍ପା ଆଦର୍ଶରୁ ? କାହିଁ କୋଉ ଆଦର୍ଶ ତ ଏଯାଏ ଚାକିରି ଗୋଟେ ଜୁଟେଇ ଦେଇ ପାରିଲାନି ତା ପାଇଁ ? ଏଇ ପାଠ ପଢି ବା ଚାକିରୀ ସିଏ କରିପାରିବ ? କଲେ ବି ସଂଘର୍ଷ ଭିତରେ ସମୟ ସରିଯିବ ସିନା, କିନ୍ତୁ ଜୀବନକୁ ଜୀବନ ପରି ଉପଭୋଗ କରି ପାରିବନି । ସମସ୍ତେ ତାରି ଆଗରେ ଛାତି ଫୁଲେଇ ଜୀବନ ଜୀଉଁଥିବା ବେଳେ ସିଏ ଆଦର୍ଶକୁ ଧରି ଗୋଟେ ଦୀନହୀନ ଜୀବନ ଜୀଇଁବ କାହିଁକି ?

ଯୁକ୍ତି କଲାନି କି କାହାରି କଥାକୁ ଗ୍ରହଣ କରିବା ଅବସ୍ଥାରେ ବି ନଥିଲା ଓମ୍ ।

ଆରମ୍ଭ ହୋଇଥିଲା ରାଜନୀତିରେ ପ୍ରବେଶକୁ ନେଇ ପରିବାର ଭିତରେ ଅଶାନ୍ତି ମନୋମାଳିନ୍ୟର ବାତାବରଣ । ଓଁକାରନାଥଙ୍କୁ ଏତେ ଭଲ ପାଉଥିବା ବାପା ବି ନରମି ଯାଇଥିଲେ । ମୌସୁମୀ ତ ଏକପ୍ରକାର ଅସହଯୋଗ ଅନଶନ ଆରମ୍ଭ କରିଦେଇଥିଲା । ଘର ଭିତରେ ମନୋମାଳିନ୍ୟ ଚରମ ସୀମାରେ । କିନ୍ତୁ ନିଜର ସ୍ୱପ୍ନର ପୂର୍ତ୍ତି ଆଗରେ କାହାର ରାଗ ଅଭିମାନର ମୂଲ୍ୟ ନଥିଲା ଓଁକାରନାଥଙ୍କ ପାଖରେ ! (କ୍ରମଶଃ)

## ଅଣୁ ଗଳ୍ପ

# ଗୁରୁ

ମୂଳହିନ୍ଦୀ- କଳ୍ପନା ଭଟ୍ଟ



ଅନୁବାଦ: ବିନୟ କୁମାର ଦାସ

ସଂଜୁଆ ମୁହଁ ଅନ୍ଧାର ନଇଁ ନଇଁ ଆସୁଥିଲା ଗାନ୍ଧୀ ପାର୍କକୁ ।

ତିନି ଲେଖକବନ୍ଧୁ ପାର୍କ ଭିତରକୁ ପ୍ରବେଶ କରିବା ମାତ୍ରେ ସେମାନଙ୍କ ନଜରକୁ ଆସିଲା ପାର୍କର ଗୋଟିଏ କୋଣରେ ଥିବା ଏକ ବେଂଚରେ ଜଣେ ବୃଦ୍ଧବ୍ୟକ୍ତି ଚୁପଚାପ୍ ଏକୁଟିଆ ବସିଛନ୍ତି । ତାଙ୍କ ଉପରେ ଆଖି ପଡିବା କ୍ଷଣି ସେମାନଙ୍କୁ ମନେ ହେଲା ଯେମିତି ସେମାନେ ଜାଣିଛନ୍ତି ତାଙ୍କୁ । ତିନିହେଁ ତାଙ୍କ ଖୁବ୍ ପାଖକୁ ଆସିଲେ । ଭଲ ଭାବରେ ଲକ୍ଷ୍ୟ କଲେ ପୁଣିଥରେ । ଭଦ୍ରଲୋକଙ୍କ ପୋଷାକପତ୍ର ଅତ୍ୟନ୍ତ ମଇଳା ଥିଲା । ମୁହଁରେ ଅଯତ୍ନବର୍ଦ୍ଧିତ ଦାଢୀ, ମୁଣ୍ଡରେ ଅସଜଡା କେଶରାଶି ଆଉ ତାଙ୍କ ପିଠି ବି ନଇଁ ଆସିଲାଣି । କିନ୍ତୁ ତାଙ୍କ ବ୍ୟକ୍ତିତ୍ୱରେ ବେଶ୍ ଚମକ ବାରି ହୋଇ ପଡୁଥିଲା । କିଛି ସମୟ ତାଙ୍କୁ ଲକ୍ଷ୍ୟ କରିବା ପରେ ଜଣେ ଲେଖକ ତାଙ୍କୁ ଚିହ୍ନି ପାରିଲେ ।

"ଆରେ..ଇଏତ ଆମର ଗୁରୁଦେବ ଆନନ୍ଦ ମିଶ୍ର ମହୋଦୟ ।"

"ସତେ ତ.. ।" ଅନ୍ୟ ଦୁଇଜଣଯାକ ଏକସଂଗରେ କହିପକାଇଲେ ।

ସେମାନଙ୍କର ଅନୁମାନ ଠିକ୍ ଥିଲା । ସେ ଥିଲେ ସେହି ମହାନ ଲେଖକ ଆନନ୍ଦ ମିଶ୍ର । ତାଙ୍କୁ ସମସ୍ତେ ଶ୍ରଦ୍ଧାରେ "ଗୁରୁଦେବ" ବୋଲି ସମ୍ବୋଧନ କରୁଥିଲେ । ତାଙ୍କର ପ୍ରତିଟି ଲେଖା ସେତେବେଳେ ପାଠକ ମହଲରେ ବେଶ୍ ହଇଚଇ ସୃଷ୍ଟି କରୁଥିଲା । ତାଙ୍କର ଲେଖାକୁ ସମସ୍ତେ ଅତି ଆଗ୍ରହ ସହକାରେ ପ୍ରତୀକ୍ଷା କରୁଥିଲେ । ତାଙ୍କର ଯେଉଁ ବିଶେଷଗୁଣଟି ରହିଥିଲା, ତାହା ହେଉଛି, ନବୋଦିତ ଲେଖକ ଲେଖିକାଙ୍କୁ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ କରାଇବାରେ ତାଙ୍କର ଅବିରତ ପ୍ରୟାସ । ଯେଉଁ ନବ ଲେଖକ ସହିତ ସେ ଥରେ ପରିଚିତ ହେଉଥିଲେ, ତାଙ୍କୁ ତାଙ୍କ କ୍ଷେତ୍ରରେ ପ୍ରତିଷ୍ଠିତ ନ କରାଇବା ଯାଏ ସେ ଶାନ୍ତିରେ ରହି ପାରୁ ନଥିଲେ । ତେବେ୍ କଣ ହେଲା କେଜାଣି ସେ ଅଚାନକ ଭାବରେ ସହରରୁ ଅନ୍ତର୍ଦ୍ଧାନ ହୋଇଗଲେ । ହୁଏତ ଏହା ବି କୁହା ଯାଇପାରେ ସେ ଅଜ୍ଞାତବାସରେ ରହିଗଲେ । ତାଙ୍କୁ ସମସ୍ତେ ବହୁତ ଖୋଜିଛନ୍ତି, କିନ୍ତୁ ସେ ମିଳିଲେ ନାହିଁ । ଆଜି ଏତେଦିନ ପରେ ଏହି ତିନି ଲେଖକ ତାଙ୍କୁ ନିକଟରେ ପାଇ ଗଦଗଦ ହୋଇଗଲେ ।

"ଗୁରୁଦେବ, ଆପଣ କୁଆଡେ ଏମିତି ଅନ୍ତର୍ଦ୍ଧାନ ହୋଇଯାଇଥିଲେ ? ଆମେ ଆପଣଙ୍କୁ କେତେ ଖୋଜିଛୁ.. । ଆଜି ଆମର ସୌଭାଗ୍ୟ ଆପଣଙ୍କ ସାକ୍ଷାତ ମିଳିଗଲା ।" ସେମାନେ ଗୁରୁଦେବଙ୍କ ପାଦସ୍ପର୍ଶପୂର୍ବକ ପ୍ରଣାମ କଲେ ।

"କଣ ହୋଇଛି ଆପଣଙ୍କର ଗୁରୁଦେବ ? କଣ ପାଇଁ ଆଜି ଏ ଅବସ୍ଥା ଆପଣଙ୍କର ?" ଜଣେ ବିକଳ ହୋଇ ପଚାରିଲେ ତାଙ୍କୁ । ହେଲେ ସେ ତାଙ୍କ କଥାର କିଛି ଗୁରୁତ୍ୱ ନଦେଇ ବେଶ୍ ଉତ୍ସାହର ସହିତ ହସିହସି କହିଲେ, "ଆରେ ତୁମେ ତିନିଜଣ ଏକାଠି ଆଜି..ବହୁତ ଖୁସି ଲାଗିଲା ତୁମ ତିନିଜଣଙ୍କୁ ଦେଖି । ସତରେ ବହୁତ ଦିନ ପରେ ଦେଖା ହେଲା । ଆଉ କଣ ଖବର କହିପକାଅ । ସାହିତ୍ୟ କ୍ଷେତ୍ର ରେ କେତେ କଣ ଆଗେଇଛ କୁହ ।"

"ଗୁରୁଦେବ, ମୋର ଏକ ଉପନ୍ୟାସ ବି.ଏ. କୋର୍ସରେ ସାମିଲ ହୋଇପାରିଛି । ଏହା ତ ଆପଣଙ୍କର ଆଶୀର୍ବାଦ ।"

"ମୋର ଗୋଟିଏ ଗଳ୍ପ ସଂକଳନ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛି ଗୁରୁଦେବ । ଆପଣଙ୍କ ଆଶିଷ ହିଁ ମୋର ଏହି ଉପଲବ୍ଧି ପାଇଁ ସହାୟ ହୋଇଛି ।"

"ମୋ ଲେଖା ଗଜଲ ର ତିନିଗୋଟି ଆଲବମ୍ ପ୍ରସ୍ତୁତ ହୋଇସାରିଛି ଆଉ ସାରା ଦେଶରେ ଆଲୋଡନ ସୃଷ୍ଟି କରିଚାଲିଛି । ଆକାଶବାଣୀ, ଦୂରଦର୍ଶନରେ ତାହା ବାରମ୍ବାର ପ୍ରସାରିତ ହୋଇ ମୋତେ ଭଲ ପରିମାଣ ର ରୟାଲିଟି ଦେଇ ଚାଲିଛି । ଆପଣଙ୍କ ଆଶୀର୍ବାଦ ବିନା କେବେ ବି ଏହା ସମ୍ଭବ ହୋଇ ପାରି ନଥାନ୍ତା ଗୁରୁଦେବ ।"

"ବାଃ, ସୁନ୍ଦର ଉପଲବ୍ଧି । ଏତକ ଶୁଣି ମୋ ମନ ଖୁସି ହୋଇଗଲା ।" ଗୁରୁଦେବଙ୍କ ଆଖିରେ ସତକୁ ସତ ଏକ ଅଦ୍ଭୁତ ଖୁସିର ଝଲକ ଫୁଟି ଉଠିଲା ।

"ସାହିତ୍ୟ କ୍ଷେତ୍ରରେ ଆପଣ ଆମକୁ ଯେଉଁ ପରାମର୍ଶ, ଉପଦେଶ ଆଉ ମାର୍ଗଦର୍ଶନ ଦେଇଥିଲେ, ତାହାରି ସୁଫଳ ଆମେ ପାଇଛୁ, ଏତକ ସ୍ୱୀକାର କରିବାରେ ଆମେ କୁଣ୍ଠାବୋଧ କରୁ ନାହୁଁ ଗୁରୁଦେବ ।"

"ହଁ .. ଇଏ ତ ସବୁ ଠିକ ଅଛି । ତେବେ ମୋତେ କୁହ, ମୋ କଥା ମାନି ତୁମେ କେତେଜଣ ନବୋଦିତ ଲେଖକଙ୍କୁ ଲୋକଲୋଚନକୁ ଆଣି ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ପାରିଛ । ମୁଁ ପ୍ରଥମେ ସେହି ମାନଙ୍କୁ ହିଁ ଭେଟିବାକୁ ଚାହୁଁଛି ।"

ଏତକ ଶୁଣିବା ପରେ ସେମାନେ ଚୁପ୍ ହୋଇଗଲେ । ମୁଣ୍ଡ ତଳକୁ କରି ସେଇଠି ସେମିତି ଛିଡା ହୋଇ ରହିଲେ । ସେମାନଙ୍କ ମୁହଁ ଶୁଖିଗଲା । ପୂର୍ବର ସେହି ଆତ୍ମବଡିମା ଆଉ ହସହସ ମୁହଁ କୁଆଡେ ହଜିଗଲା ଯେମିତି । ନିଜକୁ ସେମାନେ ଦୋଷୀ ଦୋଷୀ ମନେ କରୁଥିଲେ ଗୁରୁଦେବଙ୍କ ଏଇ କଥା ପଦେ ଶୁଣି ।

"ଓ.. ବୁଝିଗଲି । ସବୁ ବୁଝିଗଲି । ମୁଁ ତୁମମାନଙ୍କ ଠାରୁ କିଛି ଅଧିକା ଆଶା କରି ପକାଇଲି । ଏହା ମୋର ଦୃଷ୍ଟିଭ୍ରମ । ମୋର ଏମିତି ଆଶା କରିବା ଉଚିତ ନଥିଲା ।"

ଏମିତି କିଛି କହିକହି ସେ ସେଠାରୁ ଉଠି ଅନ୍ୟତ୍ର ଚାଲିଗଲେ ଧୀରେଧୀରେ ।


ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ଚିନ୍ତା ଅନୁଚିନ୍ତା (୨୨)

# ଭାରତର ପ୍ରଥମ ପୁସ୍ତକ ଗାଁ 'ଭିଲର' ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ



**କବି ଓ ପ୍ରାବନ୍ଧିକ କାଳୀପଦ ପଣ୍ଡା ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।**

ସୂନାରୁଢ଼, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ସମଗ୍ର ଭାରତବର୍ଷରେ ଗୋଟିଏ ଗାଁକୁ ପୁସ୍ତକ ଗାଁ ଭାବେ ମାନ୍ୟତା ମିଳିବା ପରେ ସାରା ଦେଶର ଲୋକେ ସେହି ଗାଁକୁ କେବଳ ଚିହ୍ନିଲେ ନାହିଁ ବରଂ ଉକ୍ତ ଗାଁକୁ ଦେଖିବା ପାଇଁ କାହିଁ କେତେଦୂରରୁ ଛୁଟି ଯାଉଛନ୍ତି । ଆଉ ଏହିଭଳି ପରିକଳ୍ପନା କରି ଗୋଟିଏ ଗାଁକୁ ପୁସ୍ତକ ଗାଁର ମାନ୍ୟତା ଦେଇଥିବା ମହାରାଷ୍ଟ୍ର ରାଜ୍ୟସରକାର ଓ ମରାଠୀ ଭାଷା ବିଭାଗକୁ ଭୂୟସୀ ପ୍ରଶଂସା ମିଳିଛି । ମୁମ୍ବାଇ ମହାନଗରୀଠାରୁ ୨୫୦କି.ମି. ଦୂରବର୍ତ୍ତୀ ଦୈତ ହିଲ୍‌ଷ୍ଟେସନ୍ ମହାବଳେଶ୍ୱର-ପଞ୍ଚଗନି ନିକଟରେ ଏକ ଛୋଟ ଗାଁ, ଯାହାର ନାଁ 'ଭିଲର୍' । ମରାଠୀ ଭାଷାବିଭାଗ ଓ ରାଜ୍ୟସରକାର ମିଳିତ ଭାବେ ଏଭଳି ଏକ ପ୍ରକଳ୍ପର ପରିକଳ୍ପନା କରିଥିଲାବେଳେ ରାଜ୍ୟସରକାରଙ୍କର ଶିକ୍ଷାମନ୍ତ୍ରୀ ବିନୋଦ ତୱଡ଼େ ଏହାର ନେତୃତ୍ୱ ନେଇଥିଲେ । ସମଗ୍ର ଗାଁର ୨୫ଟି ସ୍ଥାନକୁ ପାଠକଙ୍କ ପାଇଁ ହଟ୍‌ସ୍ପର୍ଟ ବା ଛୋଟ ଲାଇବ୍ରେରୀରେ ପରିଣତ କରାଯାଇଛି । ୭୫ଜଣ ଚିତ୍ରଶିଳ୍ପୀ ସେହି ଗାଁର ୨୫ଟି ସ୍ଥାନକୁ ଖୁବ୍ ଆକର୍ଷଣୀୟ ଭାବେ ଗଢ଼ିଛନ୍ତି । ଏହି ଲାଇବ୍ରେରୀକୁ ସୁସଜ୍ଜିତ କରିବା ଦିଗରେ ଏସିଆନ୍ ପେଣ୍ଟସ୍‌ର ପୂର୍ଣ୍ଣ ସହଯୋଗ ରହିଥିବା ଜଣାପଡ଼ିଛି ।

ସମଗ୍ର ଗାଁରେ ରହିଛି ୬ଶହ ପରିବାର । ସରକାରଙ୍କ ପକ୍ଷରୁ ଏହି ଲାଇବ୍ରେରୀ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୫ହଜାର ପୁସ୍ତକ ପ୍ରଦାନ କରାଯାଇଥିଲା । ଯୋଉଁଥିରେ ରହିଛି ସାହିତ୍ୟ, ଧର୍ମ, ଇତିହାସ, ପରିବେଶ, ଆତ୍ମଜୀବନୀ, ଜୀବନୀ, ନାରୀ, ଶିଶୁ, ଲୋକସାହିତ୍ୟ ସମ୍ବନ୍ଧୀୟ ପୁସ୍ତକସମୂହ । ସବୁଠୁ ଆକର୍ଷଣୀୟ ହୋଇଛି ପାଠକଙ୍କ ପଢ଼ିବା ନିମନ୍ତେ ସୁସଜ୍ଜିତ ପଠନଗୃହ । ଚେୟାର, ଟେବୁଲ୍ ସହ ସୁସଜ୍ଜିତ ଛତା, କାଚର କପ୍‌ବୋର୍ଡ଼ ଆଦିର ବ୍ୟବସ୍ଥା । ଯେ କେହି ବ୍ୟକ୍ତି ନିଜ ମନପସନ୍ଦର କୌଣସି ଏକ ପୁସ୍ତକ ବାଛି ଯେତେ ସମୟ ପାଇଁ ଚାହିଁଲେ ସେଠାରେ ବସି ପଢ଼ି ପାରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି, ନୂତନ ପିଢ଼ିଙ୍କୁ ପୁସ୍ତକ ପଠନ ପ୍ରତି ସ୍ପୃହା ବଢ଼ାଇବା । ଦେଶର ସମୃଦ୍ଧଶାଳୀ ସାହିତ୍ୟିକ ଐତିହ୍ୟ ଓ ବିଶାଳ ସଂସ୍କୃତି ସହ ନବପିଢ଼ି ଯେଭଳି ଅଧିକରୁ ଅଧିକ ପରିଚୟ ଲାଭ କରନ୍ତି, ତାହାହିଁ ଏହିଭଳି ଏକ ପୁସ୍ତକ ଗାଁ ସୃଷ୍ଟି କରିବା ମୂଳରେ ଉଦ୍ଦେଶ୍ୟ ନିହିତ ବୋଲି ସେଠାକାର ଭାଷାବିଭାଗ ମତ ଦେଇଥାନ୍ତି ।

ଏହା ବାସ୍ତବରେ ମହାରାଷ୍ଟ୍ର ସରକାରଙ୍କର ସମୟୋପଯୋଗୀ ପ୍ରଶଂସନୀୟ ପଦକ୍ଷେପ । ଏଭଳି ଏକ ପୁସ୍ତକ ଗାଁ ପ୍ରତିଷ୍ଠା ହେବାପରେ ଏହି ମହତ ଯୋଜନାକୁ ଭାରତର ଅନ୍ୟ ପ୍ରଦେଶରେ ସରକାର ଓ ଭାଷା-ସାହିତ୍ୟ ସଂସ୍କୃତିବିଭାଗ ଅନୁକରଣ କରିବା ଉଚିତ । ବିଶେଷକରି ଆମ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ଏହି ସ୍ଥାନକୁ ଏକ ପ୍ରତିନିଧି ଦଳ ପଠାଇ ଏହାର ନିର୍ମାଣବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଯଦି ଆମ ରାଜ୍ୟ ଓଡ଼ିଶାର ମହାନ ବରପୁତ୍ରମାନଙ୍କ ଜନ୍ମିତ ସେଇ ଛୋଟ ଗାଁଗୁଡ଼ିକୁ ଏଭଳି ପୁସ୍ତକ ଗାଁର ରୂପ ଦେଇପାରନ୍ତେ ତେବେ ଆମର ଭବିଷ୍ୟତ ପିଢ଼ି ତଥା ବର୍ତ୍ତମାନର ନବପିଢ଼ିମାନେ ସେହିସବୁ ଗ୍ରାମକୁ ଦର୍ଶନୀୟ ସ୍ଥାନ ମନେକରି ସେଠାକୁ ଅଧିକ ସଂଖ୍ୟାରେ ଯାଇ ସେହିସବୁ ପାଠାଗାରର ଉପଯୋଗ କରନ୍ତେ ।

ପୁସ୍ତକ ବ୍ୟକ୍ତି ଚେତନାକୁ ଉର୍ଦ୍ଧ୍ୱାୟିତ କରିବା ପାଇଁ ପ୍ରଥମ ଏବଂ ସର୍ବଶ୍ରେଷ୍ଠ ମାଧ୍ୟମ । ଯେକୌଣସି ବିଭାଗର ପୁସ୍ତକ ଅଧ୍ୟୟନ ବିନା ବ୍ୟକ୍ତିର ଚେତନାଜଗତର ପରିବର୍ଦ୍ଧନ ଘଟେ ନାହିଁ । ଏଣୁ ପୁସ୍ତକ ପଠନର ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ସବୁ ସମୟରେ ଅଧିକରୁ ଅଧିକ ନୂତନ ପଦକ୍ଷେପମାନ ଗ୍ରହଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଶ୍ରେଣୀଗୃହରୁ ଶିକ୍ଷାଗ୍ରହଣ ନିମନ୍ତେ ପାଠ୍ୟପୁସ୍ତକ ଅନ୍ତର୍ଗତ ଯେଉଁ ପୁସ୍ତକ ସମୂହ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରନ୍ତି ତା' ବାହାରେ ବିଶାଳ ପୃଥିବୀକୁ ଓ ପୃଥିବୀର ବିବିଧ ବୈଚିତ୍ର୍ୟକୁ ଜାଣିବା ପାଇଁ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପାଠାଗାରମାନ ଅଧିକରୁ ଅଧିକ ସୃଷ୍ଟି କରିବା ଏକାନ୍ତ ପ୍ରୟୋଜନୀୟ ବିଷୟ । ପାଠାଗାର ଯଦି ପ୍ରତି ପଞ୍ଚାୟତ ଏଭଳିକି ପ୍ରତି ଗ୍ରାମରେ ପ୍ରତିଷ୍ଠା ହୋଇପାରନ୍ତା ତେବେ ତାହାର ଯଥେଷ୍ଟ ଲାଭ କେବଳ ଛାତ୍ରଛାତ୍ରୀ ନୁହନ୍ତି ବରଂ ବରିଷ୍ଠ, ଅବସରପ୍ରାପ୍ତ, ସାଧାରଣ ଲୋକେ ମଧ୍ୟ ପାଇ ପାରନ୍ତେ । ଗୋଟିଏ ସମୟ ଥିଲା ଯେତେବେଳେ କି ଗାଁମୁଣ୍ଡର ଭାଗବତଟୁଙ୍ଗୀ ଗାଁଲୋକଙ୍କ ପାଇଁ ଥିଲା ମିଳନର ସ୍ଥଳ ଓ ଜ୍ଞାନ ଆହରଣର ଉତ୍କୃଷ୍ଟ ସ୍ଥାନ । ଆଜି ଦିନରେ ଭାଗବତଟୁଙ୍ଗୀର ସଂସ୍କୃତି ଯଥେଷ୍ଟ ହ୍ରାସ ପାଇଛି । ବିଜ୍ଞାନ କାରିଗରୀ କୌଶଳର ବିସ୍ତୃତି ମଣିଷକୁ ଯେଉଁଭଳି ଭାବରେ ଚଳଚଞ୍ଚଳ କରାଉଛି ତହିଁରେ ପଠନର ସ୍ପୃହା କମି ଯାଉଛି । ଗୁଗୁଲ୍ ବା ୟୁଟ୍ୟୁବ୍ ଜରିଆରେ ବିଭିନ୍ନ ବିଷୟର ସଂକ୍ଷିପ୍ତ ସାର ତଥ୍ୟ ଆହରଣ କରି ଅନେକେ କାମ ଚଳାଇ ଦେଉଛନ୍ତି । କିନ୍ତୁ ତାହା କାମଚଳା ହୋଇପାରେ ମାତ୍ର ବିଶାଳ ଜ୍ଞାନଭଣ୍ଡାର ସହ ପରିଚିତ ହେବାର ଏକମାତ୍ର ଓ ଶ୍ରେଷ୍ଠତମ ମାଧ୍ୟମ ହେଉଛି ପୃଷ୍ଠା ପରେ ପୃଷ୍ଠା ପୁସ୍ତକ ପଠନରେ ମନୋନିବେଶ କରିବା । ପଠନ ପ୍ରକ୍ରିୟା ବ୍ୟକ୍ତିକୁ ମାନସିକ ଶାନ୍ତି ଯୋଗାଇଥାଏ । ତାହା ଏକ ଯୋଗ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସମୟ ଆସିଛି, ଭାରତ ସରକାର ଓ ବିଭିନ୍ନ ରାଜ୍ୟ ସରକାର ଏ ଦିଗରେ ମିଳିତ ପ୍ରୟାସ କରିବାର ଆବଶ୍ୟକତା ରହିଛି । କେବଳ ପାଠାଗାର ସୃଷ୍ଟି କରିଦେଲେ ହେବନାହିଁ, ସେହି ପାଠାଗାରର ଭିତ୍ତିଭୂମି ଅର୍ଥାତ୍ ପଠନଗୃହ, ପୁସ୍ତକର ସଜ୍ଜୀକରଣ ନିମନ୍ତେ ଆବଶ୍ୟକ ସରଞ୍ଜାମ୍ ଏବଂ ନିୟମିତ ପରିଚାଳନା ନିମନ୍ତେ କର୍ମଚାରୀ ନିଯୁକ୍ତି ସହ ସେ ସମ୍ବନ୍ଧରେ ବିସ୍ତୃତ ସୂଚନା ସମସ୍ତଙ୍କୁ ଅବଗତ କରାଇବାର ଆବଶ୍ୟକତା ରହିଛି । ପାଠାଗାରର ସୁପରିଚାଳନା ପାଇଁ ସ୍ଥାନୀୟ ଭାଷା-ସାହିତ୍ୟ ପ୍ରେମୀ ଜନସାଧାରଣଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରି ପ୍ରତିବର୍ଷ ସେହି ପାଠାଗାରର କାର୍ଯ୍ୟଶୈଳୀ ଉପରେ ବ୍ଲକ୍ ଓ ଜିଲ୍ଲାସ୍ତରର ଅଧିକାରୀମାନଙ୍କର ପରିଦର୍ଶନ ପୂର୍ବକ ସମୀକ୍ଷା କରି ଏହାକୁ କ୍ରମଶଃ ଉନ୍ନତ ପର୍ଯ୍ୟାୟକୁ ନେବା ଦିଗରେ ପରାମର୍ଶମାନ ଗ୍ରହଣ କରିବା ଉଚିତ । ଏଭଳି କରାଯାଇ ପାରିଲେ ନିଜ ନିଜ ମାତୃଭାଷାର ପ୍ରଚାର ପ୍ରସାର ସହ ଭାବର ଆଦାନ ପ୍ରଦାନ ସର୍ବୋପରି ସ୍ଥାନୀୟ ଲେଖକମାନଙ୍କର ସେହି ପାଠାଗାର ସହ ସମ୍ପୃକ୍ତିକୁ ସୁନିଶ୍ଚିତ କରାଇପାରିଲେ ପାଠାଗାର ଆନ୍ଦୋଳନର ଅନେକ ସଫଳତା ମିଳି ପାରନ୍ତା । ଆମ ପ୍ରଦେଶର ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ସ୍ୱୀକୃତିଲାଭ କରିଥିବା ଆମପାଇଁ ଗୌରବର ବିଷୟ । ସେହି ଓଡ଼ିଆ ଭାଷାର ବିଲୁପ୍ତପ୍ରାୟ ବହୁ ପୁରାତନ ଗ୍ରନ୍ଥସମୂହର ପୁନର୍ମୁଦ୍ରଣ ପୂର୍ବକ ସେଗୁଡ଼ିକର ପ୍ରଚାର, ପ୍ରସାର ସେହି ପାଠାଗାର ମଧ୍ୟ ଦେଇ କରାଯାଇ ପାରନ୍ତା । ବିଶେଷକରି ସେହି ପାଠାଗାର ଗୃହରେ ଆମ ଜାତୀୟ ଜୀବନର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିକୁ ବରଂ ଛକ ବଜାରରେ ଖୋଲା ଆକାଶ ତଳେ ବସା ନ ଯାଇ ଯଦି ସେଠାରେ ସ୍ଥାପନ କରାଯା'ନ୍ତା ତା'ହେଲେ ତାହାର ମର୍ଯ୍ୟାଦା ଅଧିକ ବଢ଼ି ଯାଆନ୍ତା ।

ମହାରାଷ୍ଟ୍ରର ପୁସ୍ତକ ଗାଁ 'ଭିଲର' ସୃଷ୍ଟିହେବା ପରେ ଆମକୁ ଏହା ଯେ ଅନେକ ପ୍ରେରଣା ଯୋଗାଉଛି ଏହାକୁ ନିଃସନ୍ଦେହରେ ସ୍ୱୀକାର କରିବାକୁ ପଡ଼ିବ ।

## ପ୍ରେମରେ ପ୍ରେମରେ ଗୀତି ....(୧୬)



■ ବିପିନ ମହାନ୍ତି

୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ଗପୁଡ଼ି ପ୍ରେମିକା ପରି ॥

ଶ୍ରାବଣୀ ଗୋ' ତୁମେ ଶ୍ରାବଣରେ ଆସ
କାନ୍ଦୁରୀ ଝିଅଟେ ପରି,
ବରଷଯାକର ଅଭିମାନ ତୁମ
ଲୁହ ହୋଇ ପଡ଼େ ଝରି ।

ଭସା ବାଦଲର ସାଥିରେ ତୁମର
ଯେତେ ଭାବ ଦିଆନିଆ,
ମଉସୁମି ଥରେ ଛୁଇଁଦେଲେ ତୁମ
ଦେହରେ ଲାଗଇ ନିଆଁ,
ଓଦା ଜଡ଼ଜଡ଼ ଭିଜାଦେହୁ ତୁମ
ବିରହ ହୁଅଇ ବାରି ।

ଆକାଶ ଛାତିରେ ତୁମ ସପନର
ଯେତେ ସବୁ ଅଙ୍କା ଝୋଟି,
ସେ କେଉଁ ଅଜଣା ମୋହରେ ତୁଟଇ
ଛୁଇଁବାକୁ ଟିକେ ମାଟି,
ସାରାରାତି ଖାଲି ଟୁପୁରୁ ଟୁପୁରୁ
ଗପୁଡ଼ି ପ୍ରେମିକା ପରି ।

## କଥା କିଞ୍ଚିତ

# ସାହିତ୍ୟରେ କଲ୍ୟାଣ ଚେତନା-୧

■ ଡ. ରମାକାନ୍ତ ବେହେରା



ସାହିତ୍ୟ ଏକ ମନ୍ମୟ ଆଲେଖ୍ୟ । ବିବର୍ତ୍ତିତ ମାନବ ଚେତନାର ଦଲିଲ । ଶୈଳ୍ପିକ ଭାବ ବ୍ୟଞ୍ଜନାର ଝଙ୍କାର । ଏକ ଆନନ୍ଦମୟ ସ୍ମୃତି ଓ ପ୍ରତିଶ୍ରୁତି । କିଛି ସତ୍ୟ, କିଛି ସ୍ୱପ୍ନ, କିଛି ଜିଜ୍ଞାସା, କିଛି ମୀମାଂସାର ଇସ୍ତାହାର । ସର୍ବୋପରି ସାହିତ୍ୟ ଜୀବନ ସାଗର ମନ୍ଥନର ଅମୃତ । ସେହି ଅମୃତ ହିଁ ହୃଦୟର କଲ୍ୟାଣମୟୀ ଚେତନା ।

କଲ୍ୟାଣ କେବଳ ବ୍ୟକ୍ତିର ନୁହେଁ, ସମାଜର ମଧ୍ୟ । ସମାଜ କଲ୍ୟାଣ ଓ ସାହିତ୍ୟ ନେଇ ଚିନ୍ତା କଲେ ଜୀବନ ପାଇଁ କଳାର ଭାବନା ସ୍ୱତଃ ମନକୁ ଆସେ । ସାହିତ୍ୟ ବା କଳାର ମୂଳଉତ୍ସ ଯେ ଏହି ପ୍ରେରଣାରୁ ସୃଷ୍ଟ, ଏହା ସମାଲୋଚକଙ୍କ ଦୃଷ୍ଟିରେ ବେଳେ ବେଳେ ବିତର୍କିତ ବ୍ୟାପାର ହୋଇପାରେ । ଯେହେତୁ 'କଳା ପାଇଁ କଳା' ଭାବନା ମଧ୍ୟ କମ୍ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରେନା । 'ଜୀବନ ପାଇଁ କଳା' କି କଳା ପାଇଁ କଳା' ଏହା ତତ୍ତ୍ୱଗତ ସମସ୍ୟା; ବିଭିନ୍ନ ସାହିତ୍ୟିକ ଓ କଳାକାର ଦୁଇ ଭିନ୍ନ ମତର ପ୍ରବକ୍ତା ହୋଇଥାନ୍ତି । ସ୍ୱୀୟ ଓ ସର୍ଜନଶୀଳ କୃତି ଭିତରେ ନିଜ ନିଜ ଦୃଷ୍ଟିଭଙ୍ଗୀର ପ୍ରତିଷ୍ଠା କରିଥାନ୍ତି । ଅବଶ୍ୟ ଅନ୍ୟମାନଙ୍କ ଭଳି ଏଥିରେ ଗୋଷ୍ଠୀ ଭେଦ ବା ତିକ୍ତତାର ପ୍ରଶ୍ନ ଉଠେନା । ପ୍ରତ୍ୟେକ ନିଜ ନିଜର ସୃଷ୍ଟି ବୈଚିତ୍ର୍ୟ ଭିତରେ ହିଁ ମଗ୍ନଥାନ୍ତି । ଅନ୍ୟ ଏକ ତୃତୀୟ ପନ୍ଥୀ ଏଇ ଦୁଇ ଭାବଧାରାର ମିଳିତ ଆଭିମୁଖ୍ୟ ଉପରେ ଜୋର୍ ଦିଅନ୍ତି । ତେବେ କଳା ବା ସାହିତ୍ୟ ସୃଷ୍ଟି ଏକ ନୈର୍ବ୍ୟକ୍ତିକ ବ୍ୟାପାର । ଏହା କୌଣସି ସୀମା ସରହଦର ଶୃଙ୍ଖଳା ମାନେନା । ତେଣୁ କୌଣସି ନିର୍ଦ୍ଦିଷ୍ଟ ଭାବନା ଉପରେ ସାହିତ୍ୟ କଳାକୁ ଜୋର୍‌କରି ଶ୍ରେଣୀଭୁକ୍ତ କରାଯାଇ ପାରେନା ।

ଏ ନେଇ ପୃଥିବୀର କତିପୟ ପ୍ରଖ୍ୟାତ ସ୍ରଷ୍ଟାଙ୍କ ନାମ ସ୍ମରଣକୁ ଆସେ । ଫ୍ରାନ୍ସର ଦାର୍ଶନିକ କାମ୍ୟୁ, ରୁଷିଆର ମାଇକୋଭସ୍କି, ଟଲଷ୍ଟୟ, ଇଂରେଜ କବି ଶେଲି, ବିଖ୍ୟାତ ଦାର୍ଶନିକ ପ୍ଲୁଟାର୍କ, ଫ୍ରାନ୍ସର ରମାରୋଲାଁ ଆଦି ବିଭିନ୍ନ ପଣ୍ଡିତଙ୍କ ସୃଷ୍ଟିରେ କଳା ଜୀବନ ପାଇଁ ତତ୍ତ୍ୱର ପ୍ରଖ୍ୟାପନ ଦେଖାଯାଏ । ଅନ୍ୟ ପକ୍ଷରେ ୱାର୍ଡ଼ସୱାର୍ଥ, କଲେରିଜ୍, ଜର୍ମାନୀର ସୌନ୍ଦର୍ଯ୍ୟବିତ୍ କ୍ରୋଚେ, ଫ୍ରାନ୍ସର ବଦଲେୟର, ପ୍ଲୁବର୍ଟ ଏବଂ ଆମର କାଳିଦାସ, ରବୀନ୍ଦ୍ରନାଥ, ଜୟଦେବ ଭଂଜ, ରାଧାନାଥ ସ୍ୱୀୟ ସୃଷ୍ଟି ସମ୍ଭାରରେ କଳାର ଶୈଳ୍ପିକ ମୂଲ୍ୟକୁ ବେଶି ଗୁରୁତ୍ୱ ଦେଇଥାନ୍ତି । ଏ ପରିପ୍ରେକ୍ଷୀରେ ଭିକ୍ଟର କଜିନ୍, ଗସିୟର, ରେନନ୍, ସ୍ୱିନବର୍ଣ୍ଣ, ଓସ୍କାର ୱାଇଲଡଙ୍କ ବଳିଷ୍ଠ ଭାବନା ମଧ୍ୟ ବିଚାରକୁ ଆସେ ।

କିନ୍ତୁ ଏ ସମସ୍ତ ପ୍ରଖ୍ୟାତ ସ୍ରଷ୍ଟା ଯେ ଉଭୟର ଗୌରବ ସ୍ୱୀୟ ଅସାମାନ୍ୟ ସୃଷ୍ଟି ସମ୍ଭାରରେ ରକ୍ଷା କରିଛନ୍ତି, ଏହା ସ୍ୱୀକାର୍ଯ୍ୟ-ଏବଂ ସମସ୍ତ ବିତର୍କର ମୀମାଂସା ସେଇଥିରେ ହିଁ ପ୍ରତିପାଦିତ ।

ପୃଥିବୀର ପ୍ରଥମ କବିତା 'ମା ନିଷାଦ ପ୍ରତିଷ୍ଠାଂ' ଶ୍ଳୋକଟି ଉଭୟ ତତ୍ତ୍ୱର ସାର୍ଥକତା ପାଇଁ ଗ୍ରହଣ କରାଯାଇପାରେ ।

ମୈଥୁନରତ କ୍ରୌଂଚର ସଂହାର ଦୃଶ୍ୟରେ ନିଷ୍କରୁଣ ବ୍ୟାଧ ପ୍ରତି ଏ ଅଭିଶାପ ବାଣୀ ସୁସ୍ଥ ସମାଜ କଲ୍ୟାଣ ଓ ମାନବତାବୋଧର ପ୍ରତିଷ୍ଠା ପାଇଁ ଅଭିପ୍ରେତ । ସୁତରାଂ ଏ ସ୍ୱତଃସ୍ଫୂର୍ତ୍ତ ଉଚ୍ଚାରଣ 'କଳା ପାଇଁ କଳା'ର ନୁହେଁ, ଜୀବନ ପାଇଁ, ସମାଜ ପାଇଁ, ବିଶ୍ୱ ମାନବ ପାଇଁ ଉଦ୍ଦିଷ୍ଟ ।

ଏ ଯୁକ୍ତିର ବଳିଷ୍ଠତାକୁ ଅସ୍ୱୀକାର କରାଯାଇପାରେନା, କିନ୍ତୁ ଏ କଥା ବି ଭିନ୍ନ ତତ୍ତ୍ୱଦର୍ଶୀମାନେ ଉପସ୍ଥାପନ କରନ୍ତି ଯେ, ଜଣେ ସାଧାରଣ ଶାସକ ବା ନେତାର ଆଦେଶ ଭଳି ଏ ନିଷେଧାଜ୍ଞା ଜାରି ହୋଇଥିଲେ ଏହା ମହାକାଳଜୟୀ ହୋଇପାରି ନଥାନ୍ତା, କିନ୍ତୁ ଏହା ସାହିତ୍ୟିକ କଳା ଓ ଶୈଳ୍ପିକ ଶ୍ରୀମଣ୍ଡିତ ହୋଇଥିବାରୁ ଶାଶ୍ୱତ ବାଣୀର ମର୍ଯ୍ୟାଦା ପାଇଲା । ଏହା କଳାପାଇଁ କଳାର ଗୌରବରେ କାଳୋତ୍ତୀର୍ଣ୍ଣ ହେଲା-ଏ ଯୁକ୍ତି ମଧ୍ୟ ଉପେକ୍ଷଣୀୟ ନୁହେଁ ।

ଝରଣା ଈଶ୍ୱର ସୃଷ୍ଟ । ତା'ର ନୈସର୍ଗିକ ଶ୍ରୀସୌନ୍ଦର୍ଯ୍ୟ ଚିତ୍ତଜୟୀ ନିଶ୍ଚୟ, କିନ୍ତୁ ମଣିଷର କଲ୍ୟାଣ ପାଇଁ ଯେତେବେଳେ ତା ଉପରେ ବନ୍ଧ ବା ପୋଲ ହୁଏ, ଶୃଙ୍ଖଳିତ ଜୀବନରେ ଝରଣାର ସେ ଅନବଦ୍ୟ ଅନିର୍ବଚନୀୟତା ଥାଏ କି ? କୃତ୍ରିମ ଜଳଧାରାରେ ସୁସଜ୍ଜିତ ସୌନ୍ଦର୍ଯ୍ୟର ବ୍ୟବସ୍ଥା ଥାଇପାରେ, ଭ୍ରମଣକାରୀ ହୃଦୟକୁ ତାହା ସ୍ପର୍ଶ କରିପାରେ, କିନ୍ତୁ କବି କଳାକାରର ଅନନ୍ତ ଭାବୋନ୍ମେଷ ଏଥିରେ ସମ୍ଭବ କି ?(କ୍ରମଶଃ)

ସାଧନାଳୟ, ବିକାଶନଗର, ବାଲେଶ୍ୱର




# ॥ ନିର୍ବାସିତା ॥



ଜାମିଲା ହାସମୀ
(୧୯୨୯-୧୯୮୮)

ପ୍ରଖ୍ୟାତ୍ ପାକିସ୍ଥାନୀ ଗଳ୍ପିକା ଜାମିଲା ହାସ୍‌ମୀ ନିଜେ ଭୋଗିଛନ୍ତି ହରାଇବାର ତଥା ହଜିବାର ଦୁଃଖ । ୧୯୪୭ ମସିହା ଦେଶ ବିଭାଜନ ବେଳେ ସେ ଥିଲେ ଅମୃତସରରେ ମେଟ୍ରିକ୍ ର ଛାତ୍ରୀ । ବିଭାଜନ ତାଙ୍କ ପାଖରୁ ଛଡ଼ାଇ ନେଇଛି ଘର, ପରିବାର, ସାଙ୍ଗସାଥୀ ଓ ସହର । ସେ ଅତି ନିକଟରୁ ଦେଖିଛନ୍ତି ନାରୀକୁ ଯିଏ ସେଇ ସମୟରେ ସହିବାକୁ ବାଧ୍ୟ ହୋଇଛି ଅକଥନୀୟ ଅତ୍ୟାଚାର । ସେସବୁକୁ ତାଙ୍କ ଗଳ୍ପରେ ସ୍ଥାନ ଦେବାକୁ ଚେଷ୍ଟା କରିଛନ୍ତି ହାସ୍‌ମୀ । ଆଜି ଜଣେ ନାରୀ ଚରିତ୍ରକୁ ଭେଟିବା ତାଙ୍କ 'ନିର୍ବାସିତା' ଗଳ୍ପରେ ।

ଦଶହରା ବେଳେ ସଂଗ୍ରାଉଁ ଗ୍ରାମର ଗୁରୁପାଲ ସିଂହ ସପରିବାର ମେଳା ବୁଲିବାକୁ ଆସିଛି ପାଖ ଗାଁ କୁ । ମେଳାରେ ଖୁବ୍ ଗହଳି ଚହଳି । କାଳେ ତା' ଛୁଆମାନେ ହଜିଯିବେ ବୋଲି ଗୁରୁପାଲ ମନରେ ଭାରି ଭୟ । ଦୁଇ ପୁଅଙ୍କ ହାତ ନିଜେ ଧରିଥିବା ବେଳେ ସ୍ତ୍ରୀକୁ କହୁଛି ମୁନ୍ନୀର ହାତ ଧରି ସବୁବେଳେ ସତର୍କ ରହିବାକୁ । ଏତେ ଭିଡ଼ ଭିତରେ ହଜିଗଲେ ମିଳିବା ଭାରି ମୁସ୍କିଲ । ତା' ସ୍ତ୍ରୀ ମୁନ୍ନୀକୁ ଜାବୁଡ଼ି ଧରିଥିବା ଅବସ୍ଥାରେ ଭାବୁଛି, ବିପଦ ବିଷୟରେ ପୂର୍ବରୁ ଅବଗତ ଥାଇ ସତର୍କ ହେଲେ ତାହା କ'ଣ କିଛି ସାହାଯ୍ୟ କରେ ? ଯାହା ଭାଗ୍ୟରେ ହଜିବାର ଅଛି ତା' ଚାରିପଟେ ଲୋକ ଘେରି ରହିଥିଲେ ସୁଦ୍ଧା କ'ଣ ସେ ବିପଦକୁ ଏଡ଼ାଇ ପାରିବ ? ଥରେ ହଜିଗଲେ ସେ ଆଉ କ'ଣ କେବେ ମିଳେ ?

ମୁନ୍ନୀର ହାତଧରି ବୁଲିଲା ବେଳେ ସେ ଭାବୁଥାଏ, ଏଇ ଦୁନିଆଁ ବିତ ଗୋଟେ ମେଳା । ଏଇଠି ଲୋକେ ସବୁବେଳେ ଆଗକୁ ମାଡ଼ି ଚାଲିଥାନ୍ତି । କାହା ପାଖରେ ବା ସମୟ ଅଛି ଯେ ପଛକୁ ଲେଉଟି ଚାହିଁବ । ଥରେ ଦୂରେଇ ଗଲେ ଅତି ଆପଣାର ଲୋକମାନଙ୍କ ମଧ୍ୟରେ ବି ବଢ଼ିଯାଏ ଯୋଜନ ଯୋଜନର ଦୂରତ୍ୱ ଓ ଗଢ଼ିଉଠେ ପରସ୍ପର ଭିତରେ ଅଭେଦ୍ୟ ପ୍ରାଚୀର । ଅତୀତର ରାସ୍ତା ପାଣିର ଗାର ଭଳି ନିମିଷକେ ଆଖି ଆଗରୁ ଉଭେଇ ଯାଇଥାଏ ମଧ୍ୟ । ସମୟ ବି ରୁକୁଣା ରଥ, ଥରେ ଗଡ଼ିଗଲେ ଆଉ ଫେରେନି । ସେଇଥିପାଇଁତ କଣ୍ଢେଇ ଖେଳରେ ମାତିଥିବାବେଳେ ଭାଇ ସର୍ବଦା ତାଗିଦା କଲା ଭଙ୍ଗୀରେ ତାକୁ କହୁଥିଲେ ପ୍ରତ୍ୟେକ ମୁହୂର୍ତ୍ତର ସଦୁପଯୋଗ କରିବା ପାଇଁ । ଏତେ କଥା ସେ ବା କୋଉଠୁ ବୁଝିଥିଲା ଯେ । ଅବ୍‌ବୁ ଆଣି ଦେଇଥିବା କଣ୍ଢେଇ ଘର ତା' ଲାଗି ଥିଲା ସବୁକିଛି ।

ମେଳା ବୁଲି ସାରିବା ପରେ ସମସ୍ତେ ରାବଣପୋଡ଼ି ଦେଖନ୍ତି । ଜ୍ୱଳନଶୀଳ ପଦାର୍ଥରେ ନିର୍ମିତ ରାବଣର ଏକ ପ୍ରକାଣ୍ଡ ପ୍ରତିକୃତିରେ ବାଣ ଖଞ୍ଜି ସେଥିରେ ଅଗ୍ନି ସଂଯୋଗ କରାହୁଏ । ହୁତୁହୁତୁ ହୋଇ ନିଆଁ ଜଳିବା ଦେଖି ଛୁଆମାନେ ତାଳି ମାରି ନାଚୁଥିବାବେଳେ ବୟସ୍କମାନେ ରାକ୍ଷସ ଉପରେ ନର ତଥା ବାନରଙ୍କ ବିଜୟୋତ୍ସବ ମନାଉଥାନ୍ତି । ମେଳା ବୁଲା ସରିବାରୁ ଏଥର ଗାଁ ଆଡ଼େ ମୁହାଁଉଛନ୍ତି ଗୁରୁପାଲ ସିଂହର ପରିବାର । ମୁନ୍ନୀ ତା' ମା'ର ହାତ ଧରି ଚାଲୁଥିବା ବେଳେ ପୁଅ ଦୁଇଜଣଙ୍କୁ କାନ୍ଧରେ ବସାଇ ଶ୍ରମଭାର ଲାଘବ ଉଦ୍ଦେଶ୍ୟରେ ସେମାନଙ୍କୁ ଗୁରୁପାଲ କହୁଛି ରାବଣ ଗପ । ହେଲେ ଜାଣି ପାରୁନାହିଁ ଯେ ରାବଣଟି ସେ ନିଜେ ଆଉ ତାକୁ ଅନୁସରଣ କରୁଥିବା ନାରୀ ଜଣକ ସୀତା । ମୁନ୍ନୀର ଗପ ଶୁଣିବାର ଇଚ୍ଛା ନାହିଁ । ତା' ମନ ଭିତରେ ଢେର ପ୍ରଶ୍ନ । ତା' ସାଙ୍ଗ 'ସ୍ୱରୂପା'ର ମାମୁଁ ପ୍ରତିବର୍ଷ ଏଇ ଦଶହରା ବେଳେ ଆସନ୍ତି । ନୂଆ ଫୁଲପକା ଜାମା ଆଣନ୍ତି । ଭଉଣୀ ଓ ଭାଣିଜୀଙ୍କୁ ତାଙ୍କ ଘରକୁ ନେଇ ଯାଆନ୍ତି । ହେଲେ ତା' ମାମୁଁମାନେ ତ କେବେ ଆସନ୍ତିନି ! ତାଙ୍କର କ'ଣ ଭଉଣୀ କି ଭଣଜା ଭାଣିଜୀଙ୍କ କଥା ମନେ ପଡ଼େନି ? କେତେ ସବୁଦିନ ଏଇ ଅପର୍ଚ୍ଛନିଆଁ 'ସଂଗ୍ରାଉଁ' ଗାଁରେ ରହିଥିବ ସେ ? ଏମିତି ପୂଜାପାର୍ବଣ ଅବସରରେ କେବେ କେମିତି ମାମୁଁଘରକୁ ଯିବାକଥା । ତା ମାମୁଁ ତଥା ମାମୁଁଘର ବିଷୟରେ ପଚାରୁଛି ଝିଅ । ମା' ପାଟିରୁ କଥା ବାହାରୁନି । ଗଳା ପାଖରେ କୋହ ଭର୍ତ୍ତି ହୋଇ ଯେମିତି ଶ୍ୱାସରୁଦ୍ଧ ଅବସ୍ଥା । ଆଖିକୋଣରେ ଠୁଳେଇ ଯାଉଛି ଲୁହ । ତାକୁ ଦେଖି ମୁନ୍ନୀ ପଚାରୁଛି, "ମା' ତୁମେ କାନ୍ଦୁଛ ? ଚାଲି ଚାଲି ଥକିଗଲଣି କି ? ଚାଲ ଟିକିଏ କୋଉଠି ବସି ପଡ଼ିବା ।" ଆକାଶରେ ଉଇଁଲାଣି ସନ୍ଧ୍ୟାତାରା । ଏଇ ତାରା ସେଦିନ ବି ଠିକ୍ ଏଇମିତି ମିଟ୍‌ମିଟ୍ କରୁଥିଲା ଯୋଉଦିନ ସାରା ପରିବାରର ଲୋକେ ବନ୍ଦରକୁ ଯାଇଥିଲେ ଭୈୟାଙ୍କୁ 'ପେରିସ୍' ଅଭିମୁଖେ ଯାଉଥିବା ଜାହାଜରେ ଚଢ଼େଇବା ପାଇଁ । ତା' ମନରେ ଜାହାଜ ତଥା ସମୁଦ୍ରକୁ ନେଇ ଢେର ପ୍ରଶ୍ନ ଉଙ୍କି ମାରୁଥିଲା । ସେସବୁର ଉତ୍ତର ଦେବାକୁ ସେଦିନ ଭୈୟା ପାଖରେ ସମୟ କୋଉଠି ଥିଲା ଯେ ! ମୁଣ୍ଡରେ ହାତ ବୁଲାଇ ଗାଲ ଟିକିଏ ଚିପିଦେଇ ସେ କହିଥିଲେ, "ବିବି, ବଡ଼ହେଲେ ସବୁକଥା ଜାଣିବୁ ଲୋ । ଏବେ ବ୍ୟସ୍ତ କାହିଁକି ହେଉଛୁ ।" ଅତିକ୍ରାନ୍ତ ସମୟ ସହ ବିବି ବଡ଼ ହୋଇଛି । ଢେର କଥା ଜାଣିଛି ବି ସଂସାର ବିଷୟରେ । ହେଲେ... ତା' ଭୈୟା ଆଜି ଆଉ ପାଖରେ ନାହିଁ !! ନାହିଁ ମଧ୍ୟ ତାଙ୍କର କିଛି ଖବରଅନ୍ତର । ଗଲାବେଳେ ବିବିକୁ କୁଣ୍ଢେଇ ଚୁମା ଦେଉ ଦେଉ କହିଥିଲେ ଦୁଇବର୍ଷ ପରେ ପେରିସ୍‌ରୁ ଫେରିଲା ବେଳେ ତା ପାଇଁ କେତେ କ'ଣ ଉପହାର ଆଣିଦେବେ ବୋଲି । ଜାହାଜଟି ଆଖିରୁ ଅଦୃଶ୍ୟ ହେବା ପୂର୍ବରୁ ତା' ଭିତରେ ଜଳୁଥିବା ଆଲୋକ ଠିକ୍ ଆଜିକା ସନ୍ଧ୍ୟାତାରା ଭଳି ଦେଖାଯାଉଥିଲା । ବନ୍ଦରରୁ ଫେରିବା ବାଟରେ ମା'ଙ୍କୁ କୁଣ୍ଢେଇ କାନ୍ଦୁଥିଲା ବେଳେ ତାକୁ କେହି ଯେମିତି କହୁଥିଲା ଏଇଟି ତା' ଭୈୟା ସହ ଶେଷ ସାକ୍ଷାତ ବୋଲି ।

ଭାଇଜାନ୍‌ଙ୍କୁ ସେ ଖୁବ୍ ଡରୁଥିଲା । ସେ ଦୂର ସହରରେ ବଡ଼ ଚାକିରି କରୁଥାନ୍ତି । ଖୁବ୍ କମ୍ ଛୁଟି ତାଙ୍କର । ଯେବେ ଘରକୁ ଆସିଲେ ବଡ଼ ଆଦର କରନ୍ତି । ଭାତ ଚକଟି ଖୁଏଇବା ସହ ସାଙ୍ଗରେ ଶୁଆଇ କେତେ ଜାତିର ଗପ କହନ୍ତି ତାକୁ । ତାଙ୍କ ଅକ୍ଷର ଖୁବ୍ ସୁନ୍ଦର । ସାମାନ୍ୟ ଦାଗ ଟିକିଏ ବି ନଥାଏ କାଗଜରେ । ସବୁବେଳେ କହନ୍ତି, "ବିବି, ତୁ ବଡ଼ହେଲେ ଠିକ୍ ମୋ'ରି ଭଳି ଲେଖିବୁ । ସୁନ୍ଦର ଓ ଦାଗହୀନ ।" ଆଜି ତାଙ୍କ ଭଉଣୀକୁ ଦେଖିଲେ ସେ କ'ଣ ଭାବନ୍ତେ ? ବିବିର ଜୀବନ କାହାଣୀ ଲେଖାଥିବା କାଗଜରେ ତ ମନ୍ଦା ମନ୍ଦା କଳା ଚିହ୍ନ ! ସରଳରେଖାଟିଏ ସୁଦ୍ଧା ଦୃଶ୍ୟମାନ ନୁହେଁ । ହାୟ ! ଭାଇଜାନ୍‌ଙ୍କ ଭଳି ସୁନ୍ଦର ଓ ପରିଷ୍କାର ହସ୍ତାକ୍ଷର ସେ ଜୀବନରେ କେବେ ଶିଖି ପାରିଲାନି । ପବନ ବୋହିଲେ ସଭିଙ୍କୁ ନଇଁବାକୁ ପଡ଼େ । ଗୁରୁପାଲ ସାଙ୍ଗରେ ଏତେବାଟ ଅତିକ୍ରମ କରି ସାରିଲା ପରେ ଆଉ କ'ଣ ଫେରିହେବ ? କିଏ ବା ତାକୁ ଗ୍ରହଣ କରିବ । ସବୁ ଦ୍ୱାର ଯେ ତା' ପାଇଁ ବନ୍ଦ । ମୁନ୍ନୀ ଏବେ ତା'ର ଓ ସୀମା ଆରପାରିରେ ରହୁଥିବା ତା' ପରିବାର ମଧ୍ୟରେ ମୁଖ୍ୟ ପ୍ରତିବନ୍ଧକ । ଦୂରତ୍ୱ ଖୁବ୍ ବେଶି । ଆଉ ସମ୍ଭବ ନୁହେଁ । କିନ୍ତୁ ଆଖି ବନ୍ଦକଲେ ଆଜି ବି ହୃଦୟ କୁହେ ସେମାନେ ନିଶ୍ଚୟ ଆସିବେ । ଏମିତି ମଇଳା ତଥା ଗାଉଁଲୀ ପୋଷାକରେ ତାକୁ ଦେଖି ଭାଇଜାନ୍ କ'ଣ ଭାବିବେ ! ବିରକ୍ତ ହେଲା ଭଙ୍ଗୀରେ କହିବେ, "ଏମିତି କ'ଣ ପିନ୍ଧିଛୁ ବିବି ! ତୋତେ ଜମା ମାନୁନି । ତାକୁ କାଢ଼ି ଫିଙ୍ଗିଦେ । ଦେଖ୍ ତ, କାମ କରି କରି ହାତ ଦୁଇଟିର ଅବସ୍ଥା କ'ଣ କଲୁଣି ଯେ ! ଏସବୁ ବନ୍ଦ କର । ଆ, ଏଠି ମୋ ପାଖରେ ବସ । ଦେଖ୍, ମୁଁ ତୋ ପାଇଁ କେତେ କ'ଣ ଆଣିଛି ।" ଭାଇଜାନ୍ ସବୁଦିନେ ଏମିତି । କାହାରି ଦୁଃଖ ଟିକିଏ ବି ଦେଖି ପାରନ୍ତିନି ।

ଗୁରୁପାଲ କହେ, ସମୟ ବଦଳି ଗଲାଣି । ଅତୀତକୁ ଆଉ ଘାଣ୍ଟି ଲାଭ କ'ଣ ? ସେ କେମିତି ତାକୁ ବୁଝେଇବ ଯେ ସମୟ କେବେ ବଦଳେନି । ଅତୀତକୁ କେବେ ଭୁଲି ପାରୁ ନଥିବାରୁ ଲୋକେ କଷ୍ଟ ପାଆନ୍ତି । ପିଛିଲା ପ୍ରତ୍ୟେକ ଘଟଣା ତା'ର ଟିକିନିଖି ମନେ ଅଛି । ଚାରିଆଡ଼େ ନିଆଁ ଜଳୁଥିଲା ହୁତୁହୁତୁ ହୋଇ । ତାହା ଥିଲା ଦେଶ ବିଭାଜନର ସମୟ । ପରିବାରରେ ସମସ୍ତଙ୍କ ମନୋବଳ ଦୃଢ଼ କରିବା ଲକ୍ଷ୍ୟରେ ଅବ୍‌ବୁ ସବୁବେଳେ କହୁଥିଲେ, "ଯେଉଁମାନେ ଡରି ଦେଶଛାଡ଼ି ଚାଲିଯାଉଛନ୍ତି ସେମାନେ ଗୋଟେ ଗୋଟେ ପାଗଳ । ଆରେ, ନିଜ ଲୋକଙ୍କୁ ଭୟ କ'ଣ ? ଏଠି ଆମେ କୋଉ କାଳରୁ ଭାଇବନ୍ଧୁ କୁଟୁମ୍ବ ହୋଇ ଚଳୁଛୁ । ଆମର କିଏ ଅନିଷ୍ଟ କରିବାର ସାହସ କରିବ ?" କେତେ ନିରୀହ ଥିଲେ ଅବ୍‌ବୁ ଆଉ ଅମ୍ମି । ଆତ୍ମୀୟମାନେ ହିଁ ତ ଆମକୁ କଷ୍ଟ ଦେଇଥାନ୍ତି । ଅପରିଚିତଙ୍କ ଦ୍ୱାରା ସୃଷ୍ଟ କ୍ଷତ ତ ଅବାସ୍ତବ । ହସିଲା ଖେଳିଲା ସଂସାରରୁ ହଠାତ୍ ଆଖି ମିଟିକାକେ ସୁଖ ଉଭେଇ ଯାଏ । ତାଜା ଲାଲ୍ ରକ୍ତର ସୁଅରେ ସବୁକିଛି ବୁଡ଼ି ଉବୁଟୁବୁ । ଦୀର୍ଘଦିନର ଭ୍ରାତୃଭାବ ନିମିଷକେ ଧୂଳିରେ ମିଳେଇ ଯାଇଥିବା ବେଳେ ସମସ୍ତେ ରକ୍ତ ପିପାସୁ ବନିଯାଆନ୍ତି । ଅନ୍ୟର ମା' ଭଉଣୀଙ୍କ ଲାଗି ଜୀବନ ଦେଉଥିବା ଲୋକେ ନିଜେ ହିଁ ସାଜନ୍ତି ନାରୀ ମାଂସଲୋଭୀ ରାକ୍ଷସ । ଅମ୍ମି ବାରମ୍ବାର ଅଳି କରୁଥିଲେ ଝିଅମାନଙ୍କୁ କୌଣସି ସୁରକ୍ଷିତ ଜାଗାକୁ ପଠାଇ ଦେବାପାଇଁ । ସେତିକି ବେଳକୁ ରାସ୍ତାଘାଟ ମଧ୍ୟ ହୋଇ ସାରିଥାଏ ଅସୁରକ୍ଷିତ । ଟେନ୍‌କୁ ଅଟକାଇ ସମସ୍ତଙ୍କୁ ଗୋଟି ଗୋଟି କରି ହାଣି ଦିଆହେଉଥାଏ । ଅପହରଣ ଓ ଧର୍ଷଣ ହୋଇଯାଇଥାଏ ଖୁବ୍ ସାଧାରଣ କଥା । ଅବ୍‌ବୁ ଦିନକୁ ଦିନ ଠାକୁର ବିଶ୍ୱାସୀ ହୋଇ ଯାଉଥାନ୍ତି । ଅତୀତର ଜୀବନ ଓ ମୂଲ୍ୟବୋଧ ଉପରେ ତାଙ୍କର ଢେର ଭରସା । ଯାହାର ପ୍ରଚୁର ମୂଲ୍ୟ ଦେବାକୁ ପଡ଼େ ତାଙ୍କୁ । ଗୁରୁପାଲ ଘର ଭିତରେ ଧସେଇ ପଶି ତାକୁ ହାତଧରି ଘୋଷାଡ଼ି ଆଣିଲା ବେଳେ ଅବ୍‌ବୁଙ୍କ ଶରୀରଟି ରାସ୍ତାକଡ଼ ନାଳ ଭିତରେ ଓ ମୁଣ୍ଡଟି ରାସ୍ତା ମଝିରେ ପଡ଼ିଥାଏ । ସେତେବେଳେ ବି ତାଙ୍କ ଚକ୍ଷୁଦ୍ୱୟ ମୁଦ୍ରିତାବସ୍ଥାରେ, ସତେକି ସେ ପ୍ରାର୍ଥନା କରୁଛନ୍ତି । ଶେଷ ପର୍ଯ୍ୟନ୍ତ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଏଇ ଘୋର ଦୁର୍ଦ୍ଦିନରେ ମଧ୍ୟ ଆଲ୍ଲା ନିଶ୍ଚିତ ତାଙ୍କର ପ୍ରାର୍ଥନା ଶୁଣିବେ । ଅମ୍ମିର ଛାତି କଣା କରି ବର୍ଚ୍ଛାଟିଏ ପିଠି ପଟକୁ ବାହାରି ପଡ଼ିଥିବାରୁ ସେଇ ପୂଜାକରିବା ଜାଗାରେ ହିଁ ଟଳି ପଡ଼ିଥାନ୍ତି । ଭାଇଜାନ୍ ତ ଦୂର ସହରରେ ଆପଣା ଚାକିରି ଜାଗାରେ । ସେ ଥିଲେ କେହି ତାଙ୍କ 'ବିବି'କୁ ଛୁଇଁବାକୁ ବି ସାହସ କରି ନଥାନ୍ତେ । ଗୁରୁପାଲ ତାକୁ ଘୋଷାଡ଼ି ଘୋଷାଡ଼ି ନେଇଯାଏ ତା' ଘରକୁ । ଅଗଣାରେ ବସି ଗହମ ବାଛୁଥିବା ବୁଢ଼ୀଟିଏର ସାମ୍ନାକୁ ଠେଲିଦେଇ କହେ, "ହେଇ ଦେଖ୍ ଜେଜେମା' ତୋ ପାଇଁ ଅନିନ୍ଦ୍ୟ ସୁନ୍ଦରୀ ବୋହୂଟିଏ ଆଣି ଦେଇଛି । ସାତଖଣ୍ଡ ମୌଜାରେ ଏମିତି ସୁନ୍ଦରୀ ଝିଅଟିଏ ଦେଖି ନଥିବୁ କେବେ । କାମବାଲୀମାନେ ସିନା ତୁ କିଛି କହିଲେ ଗରଗର ହୁଅନ୍ତି ହେଲେ ୟା'କୁ ଯାହା କହିଲେ କି ଖଟାଇଲେ ବି ଇୟେ କିଛି କହିବନି ।" ସେଦିନ ରାତିରେ ତାକୁ ମନଭରି ଭୋଗିଥିଲା ଗୁରୁପାଲ । ନଥିଲା ଫୁଲର ଶେଜ, ବୋହୂର ବେଶ କି ଉଲ୍ଲାସର ପରିବେଶ । ମା' କାନ୍ଧରେ ମୁଣ୍ଡ ରଖି କାନ୍ଦିବାର ସୁଯୋଗ ବି ପାଇଲାନି ବିଚାରୀ । କେହି ନଥିଲେ ଲୁହ ଝରାଇ ବିଦାୟ ଗୀତିକା ଗାଇବା ଲାଗି । ପ୍ରଥମେ ପ୍ରଥମେ ଗୁରୁପାଲ ଓ ତା' ଜେଜେମା'ର ଦୁର୍ବ୍ୟବହାର ସେ ସହି ଯାଉଥିଲା ଏଇୟା ଭାବି ଯେ କିଛିଦିନ ଭିତରେ ତା' ଭାଇଜାନ୍ ଓ ଭୈୟା ଖୋଜି ଖୋଜି ଆସି ତାକୁ ଏଇ ନର୍କରୁ ଉଦ୍ଧାର କରି ନେଇଯିବେ ସାଙ୍ଗରେ । ବୁଢ଼ୀ ଆଗରେ ଟିକିଏ ହସି ଆଉ ଗୁରୁପାଲ ଆଡ଼କୁ ଆଦୌ ନଚାହିଁ ସେ ଡଗ ଡଗ ଚାଲିଯିବ ସେମାନଙ୍କ ସହ । କିନ୍ତୁ ମୁନ୍ନୀର ଜନ୍ମ ପରେ ସେସବୁ ସ୍ୱପ୍ନର ଜାବ ଟିକିଏ ହୁଗୁଳା ହୋଇଯାଏ । ହୃଦୟକୁ ଘେରି ରହିଥିବା ଅସୁମାରୀ ଆଶା ଭାଙ୍ଗି ଖଣ୍ଡ ଖଣ୍ଡ । ପଛକୁ ବାରମ୍ବାର ଲେଉଟିବା ଛାଡ଼ି ଏଥର ସେ ନିଜ ଦୁନିଆଁକୁ ବେଶି ଦୃଷ୍ଟି ଦେବା ଆରମ୍ଭ କରେ । କିଛି ସ୍ୱେଚ୍ଛାସେବୀ, ସୈନ୍ୟ ସହାୟତାରେ ଅପହୃତା ନାରୀମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଆସନ୍ତି ହେଲେ ତା' ଭାଇମାନେ ଆସନ୍ତିନି । ସୈନିକମାନେ କୋଉ ଦେଶର କିଏ ଜାଣିଛି । କୋଉ ଭରସାରେ ସେ ସେମାନଙ୍କ ସହ ଯିବାପାଇଁ ଘରୁ ଗୋଡ଼ କାଢ଼ିଥାନ୍ତା ଯେ ? ସୀତା ସାଜି ଦ୍ୱିତୀୟବାର ନିର୍ବାସନ ଭୋଗିବା ବଦଳରେ ବରଂ ପରିସ୍ଥିତି ସହ ବୁଝାମଣା କରି ରାବଣ ସହ ରହିଯିବା ଭଲ । ଜୀବନ ଗଛର ଚେର ଏଇ ଗୁରୁପାଲ୍‌ର ଗାଁ ମାଟିରେ ତଳକୁ ତଳକୁ ବିସ୍ତାରି ଚାଲେ । ଝିଅ ଜନମତ ପର ଘରକୁ । ବାଜା ନବାଜିଲା ଯେ କ'ଣ ହେଲା, ଗୁରୁପାଲ୍ ତ ତା' ଆଗମନକୁ ସ୍ୱାଗତ କରିବା ଲାଗି ମଣିଷ ଶବ ର ଗାଲିଚା ବିଛାଇବା ସହ ପଥକୁ କରିଥିଲା ରକ୍ତରଞ୍ଜିତ । ଦୁଇପାଖରେ ଥିବା ଘରଗୁଡ଼ିକ ହୁତୁହୁତୁ ଜଳି ତା' ଯିବାର ରାସ୍ତାକୁ କରିଥିଲେ ଆଲୋକିତ । ଉପସ୍ଥିତ ଭୀତତ୍ରସ୍ତ ଜନତା ତା'ର ବିବାହୋତ୍ସବ ମନେଇଛନ୍ତି ଗଳାଫଟା ଚିତ୍କାର ଓ ଦୀର୍ଘଶ୍ୱାସ ସହ ।

ତୋତେ ଖୋଜିବାକୁ ତୋ ମାମୁଁ କେବେ ଆସିଲେନି ଲୋ ମା' । ଆସିଲେନି ମଧ୍ୟ ତାଙ୍କ ଅଲିଅଳି ଭଉଣୀର ଖବର ଅନ୍ତର ବୁଝିବାକୁ । କାହା ପାଖରେ ସମୟ ଅଛି ଅନ୍ୟପାଇଁ ଚିନ୍ତା କରିବାକୁ ଯେ ? ତାଙ୍କ ଛୁଆମାନେ ବି ତୋ ଭଳି ବଡ଼ ହୋଇଯିବେଣି । ସେମାନେ ତାଙ୍କ ମାମୁଁଙ୍କ ବିଷୟରେ ପଚାରିଲେ ବାପାମା'ଙ୍କୁ କୌଣସି ବାହାନା କରିବାକୁ ନପଡୁ । ସେମାନେ ଯୋଉଠି ବି ଥାଆନ୍ତୁ ସୁଖରେ ଯୁଗରାଇଜ କରନ୍ତୁ । ଅତିକ୍ରାନ୍ତ ସମୟ ସହ ବୁଢ଼ୀ ଭଲ ପାଇବା ଆରମ୍ଭ କରିଛି । ଅତି ସରାଗରେ 'ଲକ୍ଷ୍ମୀ' ବୋଲି ଡାକୁଛି ତା ବୋହୂକୁ । ଅତୀତ ସହ ବନ୍ଧନ କ୍ରମଶଃ କ୍ଷୀଣ ହୋଇଗଲା ବେଳେ ବର୍ତ୍ତମାନ ସହ ହୋଇଯାଉଛି ଗାଢ଼ । ତ୍ରିତଳ ପ୍ରାସାଦର ଦୋଳିରେ ଝୁଲୁଥିବା ଝିଅ ଆଜି ଚୂଲି ଜାଳୁଛି, ଗୁହାଳ କାଢ଼ୁଛି ଓ ଘସି ଥାଡ଼ୁଛି । ତାକୁ ଲୁହ ଝରାଇବା ମନା । ଆଖିରେ ଲୁହ ଦେଖିଲେ ମୁନ୍ନୀ ପୁଣି ଖୋଳିତାଡ଼ି କେତେ କ'ଣ ପଚାରିବ ଯାହାର ଉତ୍ତର ତା' ପାଖରେ ନାହିଁ । କେନାଲ ବନ୍ଧ ଉପରେ ଥକ୍‌କା ମେଣ୍ଟାଇ ସେମାନେ ପୁଣି ଚାଲିବା ଆରମ୍ଭ କରନ୍ତି । ଏଇଠି ଜାମିଲା ହାସ୍‌ମୀଙ୍କ ଗପ ସରିଯାଉଛି ସିନା କିନ୍ତୁ ଜୀବନ ସରୁନି । ଅଙ୍କାବଙ୍କା ପଥରେ ଦ୍ୱିତୀୟ ନିର୍ବାସନର ସମ୍ଭାବନାକୁ ଏଡ଼ାଇ ସୀତା ଅନୁସରଣ କରୁଛି ରାବଣର । କାରଣ ସେ ଭଲଭାବେ ଜାଣିଛି ଯେ ଯୁଗ ବଦଳିଗଲେ ସୁଦ୍ଧା ମଣିଷ କେବେ ବଦଳେନି କି ବଦଳେନି ତା'ର ମାନସିକତା । ପୁରୁଷର ଅହଂ ଲାଗି ନାରୀ ସବୁଦିନେ ହୁଏ ନିର୍ବାସିତା । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ସେପ୍ଟମ୍ବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୪୭)



# ପୁରାଣ କାହାଣୀର ବାସ୍ତବ ଅଧ୍ୟୟନ

ଡ. ରାଧାରଂଜନ ପଟ୍ଟନାୟକ

ଅନେକ ଦିନ ପୂର୍ବରୁ ହରିଦ୍ୱାର ପାଖରେ ପ୍ରବାହିତ ଗଙ୍ଗା ନଦୀ ତଟ ଉପରେ କିଛି ଲୋକ ଜ୍ୟୋତିର୍ଲିଙ୍ଗ କାହାଣୀ କୁ ନେଇ ଥଟ୍ଟା ପରିହାସ କରୁଥିଲେ। କାହାଣୀଟି ଏହି ପ୍ରକାର ଥିଲା । ବ୍ରହ୍ମା ଓ ବିଷ୍ଣୁ ପରସ୍ପର ମଧ୍ୟରେ ଯୁକ୍ତିତର୍କ କରୁଥିଲେ । ଯାହାର ନିର୍ଯ୍ୟାସ ଥିଲା - ସେମାନଙ୍କ ଭିତରେ କିଏ ବଡ଼ । ଠିକ ଏଇସମୟରେ ସେମାନଙ୍କ ମଝିରେ ଶିବଲିଙ୍ଗ ଟିଏ ଛିଡା ହୋଇ ଗଲେ। ତାଙ୍କର ଆଦି ଅନ୍ତ କିଛି ଦେଖା ଯାଉ ନଥିଲା । ବିଷ୍ଣୁ ସେହି ଲିଙ୍ଗର ଆଦି ଖୋଜିବା ପାଇଁ ପାତାଳକୁ ଗଲେ ଏବଂ ବ୍ରହ୍ମା ଆକାଶ ଉପରକୁ ଖୋଜିବାକୁ ବାହାରିଲେ । କିନ୍ତୁ ଅନେକ ଖୋଜିଲା ପରେ ମଧ୍ୟ ଦୁଇଜଣ ବିଫଳ ହୋଇ ଫେରିଲେ ।

ଏଇ ପ୍ରସଙ୍ଗ ଉଠାଇ ପରିହାସ କରୁଥିବା ଲୋକଙ୍କ ପାଖରେ ଜଣେ ସାଧୁ ପହଂଚି ସେମାନଙ୍କ କଥା ଶୁଣିବା ପରେ କହିଲେ-'ଆପଣ ମାନଙ୍କୁ ଲିଙ୍ଗ ଶବ୍ଦର ଅର୍ଥ କଣ ଜଣାଅଛି ? ଏହି ଶବ୍ଦର ଏକ ଅର୍ଥ ପରିଚାୟକ ଚିହ୍ନ । ମାତ୍ର ଦ୍ୱିତୀୟ ଅର୍ଥ ପ୍ରତ୍ୟେକଙ୍କୁ ନିଜ ନିଜ ଭିତରେ ଲୀନ କରିବା ।

ଏହାରି ଭିତରେ ସଭିଏଁ ପରାମ୍ଭାକୁ ଭେଟି ଥାନ୍ତି । ଯଦି ଏହି ଦ୍ୱିତୀୟ ଅର୍ଥଟିକୁ ଯଦି ଜାଣିଥାନ୍ତେ, ତେବେ ଏପରି ଉପହାସ କରିନଥାନ୍ତେ । ସୃଷ୍ଟିର ଯିଏ ରଚୟିତା, ତାଙ୍କର ଆଦି ଏବଂ ଅନ୍ତ କଣ କେହି ପାଇଛନ୍ତି ନା ପାଇବେ ? ପୁରାଣ କାହାଣୀ ରେ କେତେ କେତେ ଗୂଢ ତତ୍ତ୍ୱ ନିହିତ ହୋଇଥାଏ । ଏଠାରେ ଦୁଇଟି ଉଦାହରଣ ଦିଆଯାଇପାରେ । ଗୋଟିଏ କାହାଣୀ ଧ୍ରୁବଙ୍କର ଅନ୍ୟଟି ଗଜ ଉଦ୍ଧାରର। ଏଇ ଦୁଇଟି କାହାଣୀ ଖୁବ ଲୋକପ୍ରିୟ ତଥା ପୁରପଲ୍ଲୀର ଜନମାନସରେ ଏବେବି ଜୀବନ୍ତ ।

ଧ୍ରୁବ କାହାଣୀ ଅନ୍ତରାଳ ରେ ଜଣେ ରାଜା ଥିଲେ ଉତ୍ତାନପାଦ । ତାଙ୍କର ଦୁଇ ରାଣୀ ଥିଲେ। ବଡ଼ରାଣୀ ସୁନୀତି ଏବଂ ଛୋଟରାଣୀ ସୁରୁଚି । ବଡ଼ ରାଣୀଙ୍କର ପୁତ୍ର ଥିଲେ ଧ୍ରୁବ, ଛୋଟ ରାଣୀଙ୍କର ପୁତ୍ର ଥିଲେ ଉତ୍ତମ । ରାଜା ଛୋଟ ରାଣୀ ଏବଂ ଛୋଟ ପୁଅକୁ ଅଧିକ ସ୍ନେହ କରୁଥିଲେ। ଏକଦା ଧ୍ରୁବ ଖେଳୁ ଖେଳୁ ଛୋଟ ମାଙ୍କର ମହଲକୁ ଚାଲି ଗଲା । ସେଠାରେ ସେ ଦେଖିଲା ରାଜା ଓ ଛୋଟ ରାଣୀ ବସିଛନ୍ତି ଏବଂ ଉତ୍ତମ କୋଳରେ ବସିଛି । ଧ୍ରୁବ ମଧ୍ୟ ରାଜାଙ୍କ କୋଳରେ ବସିବା ପାଇଁ ଉତ୍ସୁକତା ଦେଖାଇଲା । ମାତ୍ର ରାଜା ସେଥିପ୍ରତି ଧ୍ୟାନ ଦେଲେନାହିଁ । ଏପରିକି, ବିମତା କଟାକ୍ଷ ପୂର୍ଣ୍ଣ ଭାଷାରେ କହିଲେ- 'ଯଦି ରାଜାଙ୍କ କୋଳରେ ବସିବା ପାଇଁ ଏତେ ଆଗ୍ରହ, ତେବେ ତୋତେ ମୋ ଗର୍ଭରୁ ଜନ୍ମ ନେବାର ଥିଲା । 'ଏହା ଶୁଣି ଧ୍ରୁବ କ୍ରୋଧିତ ହେଲେ ଏବଂ କାନ୍ଦିଲେ ବି ।

କାନ୍ଦିକାନ୍ଦି ନିଜ ମା'ଙ୍କ ପାଖକୁ ଯାଇ ସବୁ କଥା କହିଲେ। ମା ତାଙ୍କୁ ବୁଝାଇବା ପାଇଁ ଚେଷ୍ଟା କରି କହିଲେ - 'ରାଜାଙ୍କ କୋଳଠାରୁ ଆହୁରି ଖୁବ ଭଲ କୋଳ ବି ଅଛି । ପାରାମ୍ଭାଙ୍କ କୋଳ । ତୁ ସେଠି ବସିବା ପାଇଁ ପ୍ରୟାସ କର'। ଏହି କଥା ଧ୍ରୁବଙ୍କ ମନରେ ବାରମ୍ବାର ପ୍ରତିଧ୍ୱନି ସୃଷ୍ଟି କଲା । ତୁରନ୍ତ ସେ ପରମାତ୍ମାଙ୍କୁ ଖୋଜିବାରେ ବାହାରି ପଡିଲେ । ରାସ୍ତାରେ ଯାଉଁ ଯାଉଁ ମହର୍ଷି ନାରଦଙ୍କ ସହ ସାକ୍ଷାତ ହେଲା । ଏତେ ଛୋଟ ବାଳକ ଏକୁଟିଆ ବୁଲୁଥିବା ଦେଖି ତାଙ୍କୁ ଜଙ୍ଗଲ ଭିତରକୁ ଯାଉଥିବାର ତାତ୍ପର୍ଯ୍ୟ ଜୀଜ୍ଞାସା କଲେ ।

ଧ୍ରୁବ କହିଲେ- 'ସେ ପରମାତ୍ମାଙ୍କ ଖୋଜରେ ବାହାରିଛନ୍ତି । 'ନାରଦ ତାଙ୍କୁ ଅଟକାଇବା ପାଇଁ ଚେଷ୍ଟା କଲେ । ମାତ୍ର ଧ୍ରୁବ ମାନିଲେ ନାହିଁ । ଧ୍ରୁବଙ୍କର ଏତାଦୃଶ ଜିଦ୍ ଦେଖି ନାରଦ ତାଙ୍କୁ ଗୋଟିଏ ମନ୍ତ୍ର ଦୀକ୍ଷା ପ୍ରଦାନ କଲେ । ତାହା ଥିଲା- 'ଓଁ ନମଃ ବାସୁ ଦେବାୟ ନମଃ'

ଧ୍ରୁବ ଏମିତି ଏକ ବୀଜମନ୍ତ୍ର ଜପି ଜପି ଚାଲିଲେ । ଶେଷରେ ତାଙ୍କର ପରମାତ୍ମାଙ୍କ ସହ ସାକ୍ଷାତ ହେଲା । ସେ ଈଶ୍ୱର ଭକ୍ତିରେ ଏପରି ମଗ୍ନ ହୋଇ ଗଲେ ଯେ, ଯେତେବେଳେ ତାଙ୍କୁ ରାଜ୍ୟ ମିଳିଲା, ସେତେବେଳେ ତାହା ତାଙ୍କ ଛୋଟ ଭାଇ ଉତ୍ତମକୁ ଦେଇଦେଲେ ।

ଏବେ ଆମେ ଏହି କାହାଣୀରେ ନିହିତ ତତ୍ତ୍ୱ କୁ ବୁଝିବାକୁ ହେବ, ଠିକ ଏହିପରି- ରାଜାଙ୍କ ନାମ ଉତ୍ତାନପାଦ। ଯାହାର ଅର୍ଥ ଉପର ଆଡକୁ ପାଦ ବିଶିଷ୍ଟ । ଚିନ୍ତା କରିବାର କଥା, ମଣିଷ ଯେତେବେଳେ ମୁଣ୍ଡ ତଳକୁ ଏବଂ ପାଦ ଉପରକୁ କରିଥାଏ, ସେତେବେଳେ ପ୍ରତ୍ୟେକ ମଣିଷର ଦୁଇଟି ବୃତ୍ତି ଲାଗିରହିଥାଏ । ଏହାର ଅର୍ଥ ଠିକ ରାସ୍ତାରେ ଚାଲିବାର ପ୍ରେରଣା ଏବଂ ଦୁଃଖଦ ରାସ୍ତାରେ ଚାଲିବାର ଅଦମ୍ୟ ଇଚ୍ଛା।

କାହାଣୀରେ ଏଇ ଦୁଇ ରାଣୀଙ୍କ ରୂପରେ ଚିତ୍ରଣ କରାଯାଇଛି ।

ସୁରୁଚି ଏବଂ ସୁନୀତି । ଉପନିଷଦରେ ଏହାଙ୍କୁ ଶ୍ରେୟ ଏବଂ ପ୍ରେୟ ମାର୍ଗ ରୂପରେ ବର୍ଣ୍ଣନା କରାଯାଇଛି । ଅଧିକାଂଶ ମଣିଷ ପ୍ରେୟ ମାର୍ଗ (ରାଣୀ ସୁରୁଚି )କୁ ଗୁରତ୍ୱ ଦେଇଥିଲା ବେଳେ ଖୁବ କମ୍ ସଂଖ୍ୟକ ମଣିଷ (ରାଣୀ ସୁନୀତି)କୁ ପ୍ରାଧାନ୍ୟ ଦେଇଥାନ୍ତି । ସୁନୀତିଙ୍କର ପୁତ୍ର ଧ୍ରୁବ ଏବଂ ସୁରୁଚିଙ୍କ ପୁତ୍ର ଉତ୍ତମ ଅର୍ଥାତ୍ ଖୁବ ଭଲ ଦ୍ରବ୍ୟ, ଭଲ ଉପଭୋଗ, ଭଲ ବସ୍ତ୍ର, ଭଲ ଭୋଜନ ଏମିତି ଅନେକ କିଛି । ମାତ୍ର ସୁନୀତି ସାଧାରଣ ଜୀବନ ନିର୍ବାହର ଏକ ପ୍ରତୀକ । ଏଇ ଦୁଇ ଜଣଙ୍କ ଭିତରେ ଏହାହିଁ ପାର୍ଥକ୍ୟ ଲକ୍ଷ୍ୟ କରାଯାଇ ଥାଏ ।

ଅବିଶିଷ୍ଟ କାହାଣୀକୁ ବୁଝିବାପାଇଁ ଭଗବାନଙ୍କ ପ୍ରତି ଭକ୍ତି ଏବଂ ସାକ୍ଷାତକାର କେବଳ ଏମିତି ସାଧକ ମାନଂକର ଭାଗ୍ୟରେ ଆସିଥାଏ, ଯେଉଁମାନେ ଦୃଢତା ଏବଂ ସାଧନା ମାର୍ଗରେ ଚାଲିଥାନ୍ତି । ଅନ୍ୟ ଏକ କାହାଣୀ ଗଜ ରାଜଙ୍କର ମୋକ୍ଷ ସମ୍ପର୍କିତ । ଗଜରାଜ ଏକଦା ନିଜ ସାଥି ମାନଙ୍କ ସହ ଗୋଟେ ବଡ଼ ପୋଖରୀରେ ସ୍ନାନ କରୁଥିଲେ । ଯେଉଁ ପୋଖରୀ ଥିଲା ପଦ୍ମଫୁଲରେ ଭରପୂର । ହାତୀ ଖୁବ ଆନନ୍ଦରେ ସ୍ନାନ କରିବା ସହ ଆନନ୍ଦ ଅନୁଭବ କରୁଥିଲେ । ଠିକ୍ ଏହିସମୟରେ ଗୋଟିଏ କୁମ୍ଭୀର ଯିଏ କି ସେଇ ପୋଖରୀରେ ରହୁଥିଲା, ସେ ଗଜରାଜଙ୍କର ଗୋଟିଏ ପାଦକୁ ଧରି ନେଲା । ଗଜରାଜ ନିଜର ପୁରା ଶକ୍ତି ଖଟାଇ କୂଳକୁ ଆସିବା ପାଇଁ ପ୍ରଯତ୍ନ କରୁଥିଲା ମାତ୍ର କୁମ୍ଭୀର ଖୁବ ଜୋରରେ ପାଣିର ମଧ୍ୟ ଭାଗକୁ ଟାଣୁ ଥିଲା । ଅନେକ ଚେଷ୍ଟା ପରେ ମଧ୍ୟ ହାତୀକୁ ମୁକ୍ତି ମିଳିଲା ନାହିଁ । ସେ କ୍ଲାନ୍ତ ହୋଇଯିବାରୁ ନିଜର ମୃତ୍ୟୁ ଆସନ୍ନ ଭାବି ଭଗବାନ ଶ୍ରୀହରିଙ୍କୁ ସ୍ମରଣ କରି ସ୍ତୁତି ଗାନ କଲା । ଗଜ ରାଜଙ୍କ ଡାକ ଶୁଣି ଶ୍ରୀହରି ଗରୁଡ଼ ଉପରେ ବସି ଖୁବ୍ ଜଲ୍‌ଦି ସେଠାରେ ପହଂଚି ଗଲେ ଏବଂ କୁମ୍ଭୀରର ମସ୍ତକ ନିଜ ସୁଦର୍ଶନ ଚକ୍ରରେ ଛେଦନ କରିଦେଲେ । ଗଜରାଜଙ୍କୁ ମୁକ୍ତି ମିଳିଲା ।

ଏଇ ଗଳ୍ପର ବିଶ୍ଳେଷଣ କରାଯାଇ ପାରେ । ଠିକ ଏମିତି - ଗଜ ଚେତନାର ପ୍ରତୀକ । 'ଗ୍ରହ' କେବଳ କୁମ୍ଭୀର ନୁହେଁ, ପରନ୍ତୁ କୌଣସି ଦ୍ରବ୍ୟ ଯିଏ ଧରିନିଏ । ଯେପରି ଗ୍ରହଣ ଆଗ୍ରହ ଇତ୍ୟାଦି । 'ହ୍ରଦ' ଶବ୍ଦଟି ପୋଖରୀ ପାଇଁ ପ୍ରାୟୋଗ କରାଯାଇଛି । ତାହା କୌଣସି ପାଣି ସମୂହ ପାଇଁ ପ୍ରୟୋଗ କରା ଯାଇଥାଏ । ଯେମିତି ସମୁଦ୍ର, ଝରଣା, ପୋଖରୀ ଏବଂ ଏହି ଶବ୍ଦ 'ମନ' ପାଇଁ ବି ବ୍ୟବହାର ହୋଇଥାଏ ।

ଯେତେବେଳେ ଆମେ ଶବ୍ଦର ବୈକଳ୍ପିକ ଅର୍ଥ ଜାଣି ଯାଉଁ, ସେତେବେଳେ ଅନ୍ୟ ଅର୍ଥ ବୁଝିବା ସହଜ ସାଧ୍ୟ ହୋଇଥାଏ । ମନୁଷ୍ୟର କୌଣସି ଅଚେତନ ଅଥବା ଅବଚେତନ ଭୟ ଅଥବା ଇଚ୍ଛାଗ୍ରସ୍ତ ହେଲେ ନିଜ ବୁଦ୍ଧିକୁ ଲକ୍ଷେବାର ବୁଝାଇବା ପରେ ମଧ୍ୟ ସେ ଭୟ କିମ୍ବା ଇଚ୍ଛାମୁକ୍ତ ହୋଇ ନଥାଏ । ମନୋବୈଜ୍ଞାନିକ ଏବଂ ଡାକ୍ତର ଏହି କଥାକୁ ଖୁବ ଭଲ ଭାବେ ଜାଣିବାସହ ମନର ନିଦାନବି କରିଥାନ୍ତି । ସମସ୍ତ ଶକ୍ତି ହ୍ରାସ ପାଇବା ପରେ ପ୍ରତ୍ୟେକ

ଈଶ୍ୱରଙ୍କର ଶରଣରେ ଯାଇଥାଏ । ତାଙ୍କର ସ୍ତୁତି ବି କରିଥାଏ । ଯଦି ଏଇ ସ୍ତୁତି ପୂର୍ଣ୍ଣ ସମର୍ପଣ ଭାବନାରେ ହୋଇ ଥାଏ, ତେବେ ଈଶ୍ୱର ସହାୟତା କରିଥାନ୍ତି । ଆଶ୍ରୟ ବି ଦେଇଥାନ୍ତି । ଏବଂ ପ୍ରାଣୀ ଭୟମୁକ୍ତ ହୋଇଥାଏ ।

ଏଠାରେ ଗଜରାଜଙ୍କର ଏକାଗ୍ର ସ୍ତୁତି ହିଁ ସିଦ୍ଧ ସହାୟକ ହୋଇଛି । ଯେଉଁଠି ମନୋ ବିଶ୍ଳେଷଣ ହିଁ କାମ କରିଥାଏ । ଶେଷରେ ହିନ୍ଦୁ ଧର୍ମକୁ ନେଇ ଯେଉଁମାନେ ପରିହାସ କରୁଥିଲେ, ସେମାନଙ୍କୁ ହିନ୍ଦୁ ଧର୍ମ ର ଗହନ ଅଧ୍ୟୟନ କରିବାକୁ ପଡ଼ିବ ବୋଲି ସାଧୁ ଜଣକ ରୋକଠୋକ ଶୁଣାଇଦେଲେ । ଯଦି ହିନ୍ଦୁ ଦର୍ଶନର ଅସୀମ ବିବେଚନା, ପରିକଳ୍ପନା କରାଯାଏ, ତେବେ ବିଶ୍ୱବାସୀ ଅଭିଭୂତ ହୋଇ ପଡିବେ - ଏହା ନିଃସନ୍ଦେହ ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨








# ଆଖି ଦେଖିଲା ସେ ବିରଳ ନାଗାର୍ଜୁନ ବେଶ-୩

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନିଜ ହାତ ତିଆରି ଗୁଜୁରାତି ମିଶା ଚା' ର ଗୁଣ ଯେ ଏତେ ଚମତ୍କାର ତା' ମୁଁ ଆଜିଯାଏଁ କେମିତି ଜାଣି ନଥିଲି ? କେମିତି ଏକଥା ହୃଦୟଙ୍ଗମ ମଧ୍ୟ କରିପାରିନଥିଲି ଯେ, କପେ ଚା' ମନରେ ଦୁଇଟି ପର ଖଞ୍ଜିଦେଇପାରେ ବୋଲି ? କେବଳ ମନ ନୁହେଁ ତା' ସାଙ୍ଗେ ସାଙ୍ଗେ ଆମ ଗାଡିର ଚାରୋଟି ଯାକ ଚକରେ ମଧ୍ୟ ପବନ ଡେଣା ଖଞ୍ଜି ହୋଇଗଲା । ପବନ ବେଗରେ ରମାରମଣ ଗାଡି ଚଲାଇ ପୁରୀରେ ନେଇ ଆମକୁ ପହଞ୍ଚାଇ ଦେଲେ ।

ଯା ହେଉ, ଆମେ ଶେଷରେ ଶ୍ରୀକ୍ଷେତ୍ରରେ ପହଁଂଚିଗଲୁ। ପୁରୀ ଆସିବା ସିଦ୍ଧାନ୍ତ ଏତେ ଶୀଘ୍ର ନିଆଗଲା ଯେ, ଆମେ କାହାକୁ କହି ପାରି ନଥିଲୁ, କିଛି ରିଜର୍ଭେସନ ମଧ୍ୟ କରିନଥିଲୁ। ଅଗତ୍ୟା ଆମକୁ ଲମ୍ୱା ଧାଡିରେ ଠିଆ ହୋଇ ଅପେକ୍ଷା କରିବାକୁ ପଡ଼ିଲା। କିନ୍ତୁ ଏତେ ବଡ ଲମ୍ୱାଧାଡି ଦେଖି ଆମର ହୋସ୍ ଉଡିଗଲା। ଶ୍ରୀମନ୍ଦିର ଠାରୁ ହସ୍‌ପିଟାଲ୍ ଯାଏଁ ଲାଇନ୍। ଲାଇନ୍‌ରୁ ବାହାରି ଆସି କପେ କପେ କଫି ପିଇଲୁ ଏବଂ ସିଧା ଡିଷ୍ଟ୍ରିକ୍ଟ ଜଜ୍‌ଙ୍କ ଘରେ ଯାଇଁ ପହଂଚିଲୁ। ତାଙ୍କର ଜଣେ କର୍ମଚାରୀ ଆମ ସାଙ୍ଗରେ ଆସି ଆମକୁ ମନ୍ଦିର ଭିତରକୁ ନେଇ ଗଲେ। ପ୍ରବଳ ଭିଡ ଓ ଜନଗହଳି। ମନ୍ଦିର ଭିତରେ ପହଂଚି ଠାକୁରଙ୍କ ପାଖକୁ ଗଲାବେଳକୁ ରାତି ୧୨ଟା ହେଲାଣି। ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖରେ ଠିଆହୋଇ ସେ ଅନିନ୍ଦ୍ୟ ସୁନ୍ଦର ବେଶ ଦେଖି ଆମେ ସ୍ତମ୍ଭିଭୂତ ହୋଇଗଲୁ। ଶ୍ରୀଜିଉଙ୍କ ବେଶ, ପୋଷାକ, ପଗଡି, ଅସ୍ତ୍ରଶସ୍ତ୍ର ରେ ଆଭୂଷିତ, ସାରା ଶରୀରରୁ ଏକ ଉଜ୍ଜ୍ୱଳ ଦୀପ୍ତି ବିକୀରଣ ହେଉଥିଲା। ଅନିର୍ବଚନୀୟ ସେ ବେଶ। ବିଶ୍ୱର ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟମୟ ଐଶ୍ୱର୍ଯ୍ୟମୟ ଯୋଦ୍ଧା ଭାବରେ ସେ ରତ୍ନ ସିଂହାସନରେ ଉଭା ହୋଇଥିଲେ।

ଶ୍ରୀଜିଉଙ୍କର ସେବକମାନେ ହଠାତ୍ ଡଃ ଷଡ଼ଙ୍ଗୀଙ୍କୁ ଧାଡିରୁ କାଢିନେଲେ ଏବଂ ତାଙ୍କ ହାତଧରି ମୁଁ ମଧ୍ୟ ଟାଣି ହୋଇଗଲି। କିଏ ଟାଣିନେଲା ମତେ ? ନିର୍ନିମେଷ ନୟନରେ ଆମେ ଚନ୍ଦନ ଅର୍ଗଳି ଆଗରେ ଠିଆହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲୁ। ଆମେ ଭୁଲିଗଲୁଁ ଆମର ପରିଚୟ, ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ଆମେ କ'ଣ ପହଂଚିଗଲୁ ବିଷ୍ଣୁ ପୁରୀରେ ? ପଛରେ ବହଳ ଅନ୍ଧାର, ସାମ୍ନାରେ ବିରାଜମାନ ଅପୂର୍ବ ସୌନ୍ଦର୍ଯ୍ୟମୟ ନାଗାର୍ଜୁନ ବେଶ। ହେ ପ୍ରଭୁ, ଏ କ'ଣ ସେଇ ନାଗାର୍ଜୁନ ଯିଏ ନିଜ ଅଜାଣତରେ ନିଜ ବାପାଙ୍କର ମୁଣ୍ଡ କାଟ କରିଥିଲେ। ସତରେ, ନାଗାର୍ଜୁନବେଶର ପ୍ରତିଟି ବିନ୍ଦୁରେ ଉଦ୍ଭାସିତ ହେଉଛି ତାଙ୍କର ଦିପ୍ତୀ, ଆଲୋକିତ କରୁଛି ରତ୍ନ ସିଂହାସନ ଓ ଶ୍ରୀମନ୍ଦିର ଗମ୍ଭୀରା, ସୁନାର ପାଦ ଓ ହାତ ପ୍ରସାରିତ। ଦୀର୍ଘକାୟ ବପୁ, ଅସ୍ତ୍ରଶସ୍ତ୍ର ଓ ସାଜ୍ଜରେ ସୁସଜ୍ଜିତ। ଆମେ ଦୁହେଁ ଆଣ୍ଠେଇ ପଡିଲୁ ତାଙ୍କ ପାଦପଦ୍ମରେ, କେତେ ଜନ୍ମର ତପସ୍ୟାର ଫଳ ଆମେ ଆଜି ପାଇଲୁ ! ସେ ରୂପର ବର୍ଣ୍ଣନା କରିବାକୁ ମୋ ଓଠରେ ଭାଷା ନାହିଁ କି ମୋ ଲେଖନୀରେ ଶବ୍ଦ ନାହିଁ। କେବଳ ଏକ ପଦ୍ମଫୁଲର ମହ ମହ ସୁଗନ୍ଧରେ ସାରା ଶରୀର, ମନ ଓ ଆତ୍ମା ମହକି ଉଠିଲା ଏବଂ ଆମର ସାରା ଜୀବନକୁ ନେଇ ଆକାଶର କେଉଁ ଶୀର୍ଷ ଦେଶରେ ବସାଇ ଦେଲା। ପରିପୂର୍ଣ୍ଣ ହୋଇଗଲା ଦୁଇ ଚକ୍ଷୁ, ପରିପୂର୍ଣ୍ଣ ହୋଇଗଲା ଶୂନ୍ୟ ଆଂଜୁଳା ଆମର। ସମସ୍ତଙ୍କର ଏ ଅନନ୍ତ ବିଶ୍ୱରୂପ ଦର୍ଶନ କରିବାର ଭାଗ୍ୟ ନଥାଏ। ତାଙ୍କ ମହିମାକୁ ଯିଏ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପ୍ରମାଣ, ବଚନ, ବନ୍ଦନ, ସଖ୍ୟପଣ, ଭୃତ୍ୟପଣ ଓ ଆତ୍ମସମର୍ପଣ କରେ ସେ ସିଦ୍ଧି ଲାଭ କରେ। କିନ୍ତୁ ବେଳେବେଳେ ଏଇଭଳି ବିନ୍ଦୁଏ କୃପାଜଳ ପଡିଥାଏ ଭକ୍ତର ଦୁଇ ପାପୁଲିରେ ଏବଂ ବେଳେବେଳେ ରେଣୁଏ ରଶ୍ମୀ, ଭକ୍ତକୁ ଚକ୍ଷୁସ୍ନାନ୍ କରିଦିଏ ଏବଂ ମୋକ୍ଷର ବାଟଟିଏ ଫିଟାଇ ଦିଏ।

କହିବା ବାହୁଲ୍ୟ ଆମେ କିପରି ରାତି ୩ଟାରେ ଗାଡିରେ ଡ୍ରାଇଭ୍ କରି ପୁରୀରୁ କଟକ ଫେରିଲୁ ଜାଣିନାହୁଁ। ଯେପରି ଟ୍ରାନ୍ସରେ ଥିଲୁ, ମୋହିତ ହୋଇଯାଇଥିଲୁ, ଆମେ ଆମ ଭିତରେ ନଥିଲୁଁ, ଗାଡିସିନା ଚାଲୁଥିଲା କିନ୍ତୁ ଆମେ ଥିଲୁ ସେମିତି ଆଣ୍ଠେଇ ପଡି ପ୍ରଭୁଙ୍କ ପଦ୍ମପାଦ ତଳେ। ପ୍ରଭୁଙ୍କର ଏ ଦିବ୍ୟ ଦର୍ଶନ, ଏକ ସତେଜ ସ୍ପନ୍ଦନଟିଏ ହୋଇ ରହିବ ଏବଂ ପ୍ରଭୁ ପ୍ରତିଭାତ ହେଉଥିବେ ହୃଦୟରେ ଏକ ମୁଗ୍ଧ ସମାହିତ ସୂକ୍ଷ୍ମାତି ସୂକ୍ଷ୍ମ ରୂପରେ ଚିରକାଳ। (କ୍ରମଶଃ)

ଜୟ ଜଗନ୍ନାଥ

> ଶ୍ରୀଜିଉଙ୍କର ସେବକମାନେ ହଠାତ୍ ଡଃ ଷଡ଼ଙ୍ଗୀଙ୍କୁ ଧାଡିରୁ କାଢିନେଲେ ଏବଂ ତାଙ୍କ ହାତଧରି ମୁଁ ମଧ୍ୟ ଟାଣି ହୋଇଗଲି। କିଏ ଟାଣିନେଲା ମତେ ? ନିର୍ନିମେଷ ନୟନରେ ଆମେ ଚନ୍ଦନ ଅର୍ଗଳି ଆଗରେ ଠିଆହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲୁ। ଆମେ ଭୁଲିଗଲୁଁ ଆମର ପରିଚୟ, ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ଆମେ କ'ଣ ପହଂଚିଗଲୁ ବିଷ୍ଣୁ ପୁରୀରେ ? ପଛରେ ବହଳ ଅନ୍ଧାର, ସାମ୍ନାରେ ବିରାଜମାନ ଅପୂର୍ବ ସୌନ୍ଦର୍ଯ୍ୟମୟ ନାଗାର୍ଜୁନ ବେଶ। ହେ ପ୍ରଭୁ, ଏ କ'ଣ ସେଇ ନାଗାର୍ଜୁନ ଯିଏ ନିଜ ଅଜାଣତରେ ନିଜ ବାପାଙ୍କର ମୁଣ୍ଡ କାଟ କରିଥିଲେ।

## ତପସ୍ୟାର ତପୋବନ : ପ୍ରଫେସର ଆଦିକନ୍ଦ ସାହୁ

# ମୋ ବହି ମୋ ଜୀବନ ୩



> ମୋ କରକେଗାର୍ଡୀୟ ଏକଲା ମଣିଷର ପ୍ରାଣକୁ ବୁଝୁ ନଥିବା ମୋ ପୁଅବୋହୂମାନେ ସେକଥା କରିବେ କି ନାହିଁ କେଜାଣି ? ମୁଁ ଆଜି ଆଶଙ୍କିତ ଯେ ମୋ ମରଣ ପରେ ମୋ ବହିସବୁ ବଡ ଅଣହେପାଜତରେ ରହିବେ । ଅଧିକ କୀଟଦ୍ରଂଷ୍ଟି ହେବା ଭୟରେ ହୁଏତ ମୋ ପୁଅବୋହୂମାନେ ମୋ ଦୁର୍ଲ୍ଲଭ ସଂପତ୍ତିକୁ ଠୁଁଗା ତିଆରି ବାଲାକୁ ନିର୍ବିଚାର ଭାବରେ ବିକ୍ରି କରିଦେବେ ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନର ସମସ୍ତ ଚମତ୍କାରିତା ହିଁ ଗୌରବ । ଗୋଟେ ଭଲ ବହି କହିଲେ ମୁଁ ବୁଝେ ତାହା ମଣିଷର ପ୍ରାଣରସକୁ । ପାଠକ ମୋତେ କହିଛନ୍ତି, ସେମାନେ ସବୁ କୁଆଡେ ମୋ ବହିରେ ପ୍ରେମ ସହିତ ବେଦନାକୁ ଯୋଡି ହେବା କଥା ଦେଖିଛନ୍ତି । ଆତ୍ମା ଶୋକ ଜର୍ଜରିତ ହେଲେ ଯାଇ ଜଣେ ସୁବର୍ଣ୍ଣଦୀପ୍ତ ଶୃଙ୍ଗାରକୁ ଅନୁଭବ କରିପାରିବ ।

ମୁଁ ଶୃଙ୍ଗାରୀ ସୌନ୍ଦର୍ଯ୍ୟ (Erotic Aesthetics) ବିଷୟ ନେଇ ଉଚ୍ଚତର ଡି.ଲିଟ୍. ଡିଗ୍ରୀ କରିଛି । ସୌନ୍ଦର୍ଯ୍ୟତତ୍ତ୍ୱ ଉପରେ ଚର୍ଚ୍ଚା କରିବା ପାଇଁ ମୁଁ ବେଶି ଭଲ ପାଏଁ ଓ ତାହା ମୋର ପ୍ରିୟ ବିଷୟ ।

ମୁଁ ପଢାପଢି କରି ସିଦ୍ଧାନ୍ତରେ ପହଂଚିଛି ଯେ ସମ୍ଭୋଗରେ ନୁହେଁ ବିପ୍ରଲମ୍ଭରେ ହିଁ ପ୍ରକୃତରେ ପ୍ରେମର ନିବିଡ ଅନୁଭବ । ଏଇକଥାକୁ ନେଇ ମୁଁ ମୋର 'ଶୃଙ୍ଗାର' ବହିରେ ଭାବନିଷ୍ଠ ଆଲୋଚନା କରିଛି ।

ସମୁନ୍ନତ ଶୃଙ୍ଗାର ବିପ୍ରଲମ୍ଭର । ଏହା ଭାରତୀୟ ବାଙ୍ମୟରେ ଉଦ୍ଭାସିତ ହୋଇଛି ନାନା ଭାବରେ । ମୋର ଏହି ଶୃଙ୍ଗାର ଚର୍ଚ୍ଚାକୁ ମୁଁ କେବେ ଅଦିବ୍ୟ ମନେ କରିନି । କୌତୂହଳର ବିଷୟ ଏହି ଯେ, ମୋ ଶ୍ୱଶୁର ବ୍ୟତୀତ ଅନ୍ୟ କେହି ମୋର ସତୀର୍ଥ ପ୍ରଫେସର କିମ୍ବା ସାହିତ୍ୟକ ମୋ ସହିତ ଶୃଙ୍ଗାର ବିଷୟରେ ଏତେ ନିମଜ୍ଜିତ ହୋଇ ଆଲୋଚନା କରିନାହାନ୍ତି । ସେ ଅମୂଲ୍ୟ ରତ୍ନ କରି ସାଇତି ରଖିଥିବା ଅଭିନବ ଗୁପ୍ତଙ୍କ ପ୍ରସିଦ୍ଧ ତନ୍ତ୍ରସାର ବହିଟି ମୁଁ ତାଙ୍କଠାରୁ ଆଣି ସଯତ୍ନରେ ମୋ ପାଖରେ ରଖିଛି । ମୁଁ ଏଠାରେ କହିବାକୁ ଭୁଲୁନି ଯେ ମୋ ପତ୍ନୀ କିନ୍ତୁ ଦୁଇ ଦୁଇଟି ବିଷୟରେ ସ୍ନାତକୋତ୍ତର ଡିଗ୍ରୀ କରିଥିଲେ ହେଁ ମୋ ପ୍ରଧାନ ଶିକ୍ଷୟିତ୍ରୀ ପତ୍ନୀ ରେନେୟର, ମାଇକେଲ ଏଂଜୋଲୋ, ପିକାଶୋଁଙ୍କ ପରି ମହାନ ଶିଳ୍ପୀଙ୍କ ଇରୋଟିକ୍ ଆର୍ଟ ମୋ ପଢାଘରେ ଝୁଲାଇବାକୁ ପସନ୍ଦ କରି ପାରିନାହାନ୍ତି । ଏହି ବିଶ୍ୱପ୍ରସିଦ୍ଧ କଳାକୃତିକୁ ଘରେ ଟାଙ୍ଗିବାକୁ ମୋ ଉଚ୍ଚଶିକ୍ଷିତା ପତ୍ନୀ ଅନୈତିକ ବୋଲି ମନେକରି ତାଙ୍କ କତିପୟ ଜ୍ଞାନଦାରିଦ୍ର୍ୟ ଥିବା ବାନ୍ଧବୀମାନଙ୍କ ପାଖରେ ମୋ ବିରୋଧରେ ଅଭିଯୋଗ କରିଛନ୍ତି । ଅଥଚ ମୋର ଏହି ଫଟୋ ସବୁକୁ ଚଉରଂଜନ ଦାସଙ୍କ ପରି ଗୁଣୀ ଓ ଜ୍ଞାନୀ ବ୍ୟକ୍ତି ପ୍ରଶଂସକ ଦୃଷ୍ଟିରେ ଦେଖିଥିଲେ । ଏଇ ଘଟଣାକୁ ମୁଁ ଅନ୍ୟ ଲେଖାରେ ମଧ୍ୟ ଉଲ୍ଲେଖ କରିଛି ।

ଜୀବନ ଅଭ୍ୟନ୍ତରକୁ ନିଜ ବ୍ୟତୀତ ଆଉ କିଏ କେତେ ପ୍ରତ୍ୟକ୍ଷ ଓ ନିବିଡ ଭାବେ ଉପଲବ୍ଧି କରିପାରିବ ? ଯେ ଆପଣା ଜୀବନ ଅତଳକୁ ବୁଝିବା ପାଇଁ ପ୍ରଣୋଦିତ ହୁଏନାହିଁ, ଦୁର୍ନିର୍ବାର ଆଦିମତାକୁ ମୂଳ ବୋଲି ମନେକରେନି, ତା ଲେଖା ସେତେ ଜୀବନମୟ ଲାଗେନି । ଗଭୀର ପ୍ରାଣପ୍ରାଚୁର୍ଯ୍ୟ (abundance of Life) ହିଁ ଯେ କୌଣସି ବାସ୍ତବବାଦୀ ଲେଖାର ମୂଳ ଉପାଦାନ ।

ସେଥିପ୍ରତି ମୋର ସତ୍ୟଶୀଳତାକୁ ମୋ ଲେଖା ପ୍ରତିପାଦନ କରିଛି । ମୋର ନାନ୍ଦନିକ ଚେତନା ତଥା ସୌନ୍ଦର୍ଯ୍ୟତାତ୍ତ୍ୱିକ ଦୃଷ୍ଟିଭଙ୍ଗୀର ମୂଳଭୂମି ହେଉଛି ଗଭୀର ପ୍ରାଣ ପିପାସା ବା ଜୀବନ ପ୍ରବୃତ୍ତି (Life Intinct) । ଜୀବ ବୈଜ୍ଞାନିକ ବାସ୍ତବତାକୁ ଉପେକ୍ଷା କରି ମୁଁ ପ୍ରାଚୀନ ହେଉ କି ଆଧୁନିକ ହେଉ କୌଣସି ସାହିତ୍ୟ କୃତିର ଆଲୋଚନା କରିବା ପାଇଁ ପ୍ରବୃତ୍ତ ହୋଇନି ।

ମୋ ରଚିତ 'ଗଳ୍ପ ଉପନ୍ୟାସର ନବଦିଗନ୍ତ' ଶୀର୍ଷକ ସାହିତ୍ୟ ସମାଲୋଚନା ଗ୍ରନ୍ଥଟି ଅଧିକ ଫ୍ରୟେଡୀୟ ତଥା ଡାରଉଇନୀୟ ଚିନ୍ତନ ଦ୍ୱାରା ପୁଷ୍ଟ ହୋଇଛି । ମୋ ଆଲୋଚନାରେ ଏକାନ୍ତ ଜୀବନନିଷ୍ଠ ୟୁରୋପୀୟ ନବଚେତନାକୁ ମୁଁ ତେଣୁ ଅଧିକ ପ୍ରାଧାନ୍ୟ ଦେଇଛି । ମୁଁ ଜାଣେ ଏ ପୃଥିବୀର ଯେ କୌଣସି ଭଲବହିରେ ମାନବାତ୍ମାର ବୋକ ଅଧିକରୁ ଅଧିକ ଥାଏ । ଚିନ୍ତାନାୟକ କାର୍ଲାଇଲ ଥରେ କହିଲେ, ଉତ୍ତମ ପୁସ୍ତକ ମାନବାତ୍ମାର ନିର୍ଯ୍ୟାସ ଅଟେ ।

ସତରେ ମୋ ବହି ସବୁର ଉପସ୍ଥିତି ମୋ ପଢାଘରକୁ ବସ୍ତୁତଃ ଉପାସନା ମନ୍ଦିର କରିଦେଇଛି। ଯେ କୌଣସି ଦେବଳୟ ଠାରୁ ମୋ ସେ ଛୋଟିଆ ପଢାଘରଟିକୁ ମୁଁ ଅଧିକ ପବିତ୍ର ମନେ କରିଛି ।

ମୋ ପଢାଘର ବହି ଗଦା ଭିତରେ ମୋର ମରଣ ହେଉ ବୋଲି ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି । ବାଟଘାଟରେ ଅବା ବହିର୍ଦେଶରେ ଯଦି ମୋର ଜୀବନ ଦୀପ ଲିଭିଯାଏ ତା' ହେଲେ ମୋ ଜ୍ଞାତିବନ୍ଧୁ ମାନଙ୍କୁ ମୁଁ କହିଯାଇଛି ସେମାନେ ମୋ ଶବକୁ ଶେଷଥର ପାଇଁ ମୋ ପଢାଘରକୁ ଆଣିବେ । ମୋ ଶବାଧାରକୁ ସ୍ୱର୍ଗଦ୍ୱାର କିମ୍ବା ଶ୍ମଶାନକୁ ନେବା ପୂର୍ବରୁ ମୋ ଛାତି ଉପରେ ମୋର ଲିଖିତ ବହି ସବୁକୁ ରଖିଦେବେ ।

ମୋ କରକେଗାର୍ଡୀୟ ଏକଲା ମଣିଷର ପ୍ରାଣକୁ ବୁଝୁ ନଥିବା ମୋ ପୁଅବୋହୂମାନେ ସେକଥା କରିବେ କି ନାହିଁ କେଜାଣି ? ମୁଁ ଆଜି ଆଶଙ୍କିତ ଯେ ମୋ ମରଣ ପରେ ମୋ ବହିସବୁ ବଡ ଅଣହେପାଜତରେ ରହିବେ । ଅଧିକ କୀଟଦ୍ରଂଷ୍ଟି ହେବା ଭୟରେ ହୁଏତ ମୋ ପୁଅବୋହୂମାନେ ମୋ ଦୁର୍ଲ୍ଲଭ ସଂପତ୍ତିକୁ ଠୁଁଗା ତିଆରି ବାଲାକୁ ନିର୍ବିଚାର ଭାବରେ ବିକ୍ରି କରିଦେବେ ।

ଏ ଉତ୍ତୀର୍ଣ୍ଣ ବୟସରେ ମୁଁ ଏମିତି ଦୁଶ୍ଚିନ୍ତାରେ ବୁଡିଯାଇଛି । ମୋ ବହିକୁ ମୁଁ ମୋ ଜୀବନରେ ସର୍ବଶ୍ରେଷ୍ଠ ସଂପତ୍ତି ବୋଲି ଜ୍ଞାନ କରିଛି ତ ଈଶ୍ୱରଙ୍କ ଏକ ପ୍ରତିମା ବୋଲି ମନେକରିଛି ଯାହା ହୁଏତ ମୁଁ ପୂର୍ବରୁ କହିସାରିଛି ।

ଗଳ୍ପ, ପ୍ରବନ୍ଧ ସମାଲୋଚନା ସବୁ ଲେଖିବା ଦ୍ୱାରା ମୋ ଭିତରେ ପ୍ରଚୁର ବୁଝାମଣା ତିଆରି ହୋଇଛି । ମୋ ଆତ୍ମାକୁ ମୁଁ ଅଧିକ ବିନୀତ ଓ ଉଦାର କରିପାରିଛି । ପୂର୍ବାପେକ୍ଷା ମୁଁ ଅଧିକ ସହନଶୀଳ ହୋଇପାରିଛି ବୋଲି ମେତେ ଲାଗୁଛି ।

ସୃଜନ ରସିକତା ଓ ସାହିତ୍ୟପ୍ରୀତି ଯାହା ଭିତରେ ନାହିଁ ସେ ତ ମୂଢମତି । ପଶୁପରି ଶରୀରରେ ବଂଚେ କେବଳ । ଲେଖାପଢା କରିବା ଯୋଗୁଁ ମୁଁ ପଶୁପରି ଇନ୍ଦ୍ରିୟ ଲାଳସା ଭିତରେ କେବଳ ବଂଚିନି ।

ସମୁନ୍ନତ ଜୀବନ ବଂଚିବାର ସ୍ୱପ୍ନ ଯାହାର ନାହିଁ, ଯାହା ଜୀବନରେ ସେମିତି ଖସଡା ନାହିଁ ଇହକାଳ ପରକାଳ ପାଇଁ ସତ କହିଲେ ତା' ଜୀବନର କିଛି ପ୍ରତିଷ୍ଠା ନଥାଏ କି ପରିଚୟ ନଥାଏ । ମଣିଷ ଜାତିର ଇତିହାସରେ ଖତଗଦାରେ ପଚିସଢି ଯିବାପାଇଁ ଯେପରି ସେ ଭାଜନ ନୁହେଁ । ସେ ଗୋଟେ ଅତି ଅପାଂକ୍ତେୟ ତୁଚ୍ଛପ୍ରାଣୀ (ଡାସାଇନ) ପରି ଜୀବନ ବଂଚେ ।

ସେମିତି ଲୋକ ତା' କୁଳର ମାଣିକ ହେବ କିପରି ?

ପ୍ରକୃତରେ ଯେଉଁ ଘରେ ବହିର ଆଦର ନାହିଁ ସେ ଘରେ କେହି କୁଳର ମାଣିକ ହୋଇ ପାରିବେନି । କାରଣ ଉଭୟର ଲକ୍ଷ୍ୟ ହେଉଛି ଗୋଟେ ମହନୀୟ ନାନ୍ଦନିକ ବିଳାସ ।

ମୋ ଜୀବନର ପ୍ରାଣବାନ ଅଭିଜ୍ଞତାକୁ ମୁଁ ଯେତେବେଳେ ସେମିତି ଉପଯୁକ୍ତ ଶବ୍ଦ ଭିତରେ ବ୍ୟକ୍ତ କରିଦେଇପାରେ, ସେତେବେଳେ ପ୍ରାଣରେ ଗୋଟେ ପରମପୁଲକ ଓ ମୁକ୍ତିର ସ୍ୱାଦ ଚାଖେ ।

ଏ ମୋର କଣ୍ଠର ଭାଷା ନୁହେଁ, ବରଂ ପ୍ରାଣର ଭାଷା ।

ଖାଲି ଭଲ ଲେଖିବା ଭିତରେ ନୁହେଁ ଭଲବହି ପଢିବା ଭିତରେ ମୁଁ ଆପଣ ଦୁଃଖକୁ ଗୁରୁ କରିଛି । (ସମାପ୍ତ)

## କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିଆପାଳ,୦୪/୦୯ (ନି.ପ୍ର): ସୁବର୍ଣ୍ଣରେଖା କଲେଜର ଅନ୍ୟତମ ପ୍ରତିଷ୍ଠାତା ତଥା ସମାଜସେବୀ ଶ୍ରୀହରି ଚରଣ ନାଥଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ରମେଶ ଚନ୍ଦ୍ର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ପ୍ରାଧାପକ ଗୌରାଙ୍ଗ ରାଉତ,ରଞ୍ଜନ କୁମାର ପାଢୀ,କାର୍ମିନୀକାନ୍ତ ମହାନ୍ତି,ପ୍ରାକ୍ତନ ମୁଖ୍ୟକିରାଣୀ ସନାତନ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାଥଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ନାଥଙ୍କ ପୁତ୍ର ମଧୁସୂଦନ ନାଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ଅଧାପକ ଅଜୟ ସାହୁ,ବ୍ରହ୍ମପ୍ରକାଶ ନାଥ,ମନୋଜ ମହାପାତ୍ର ,ଯତିରଞ୍ଜନ କବାଟ.ସଞ୍ଜୟ ଡାକୁଆ, ଡ.ସରୋଜ ଗିରି, ଅଧାପିକା ରଶ୍ମିତା ପାଢୀ, ଶୁଭସ୍ମିତା ନନ୍ଦ,ପାର୍ବତୀ ମୁର୍ମୁ, ଇମାମି ସାହୁ, ରଣଜିତ ସାହୁ, ରାଜେନ୍ଦ୍ର ପ୍ରଧାନ,ଦେବେନ୍ଦ୍ର ଦାସ, ବିଶ୍ୱନାଥ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

## ଚଳାଚଳ କରିବ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଓ ଡିଏମ୍ୟୁ ଲୋକାଲ ଟ୍ରେନ୍

ଜଳେଶ୍ୱର,୦୪/୦୯ (ନି.ପ୍ର): ୨୦୨୦ମାର୍ଚ୍ଚ ୨୫ ତାରିଖରୁ କରୋନା ସଂକ୍ରମଣ ଯୋଗୁଁ ରେଳବିଭାଗ ଯାତ୍ରୀଟ୍ରେନ୍ ଗୁଡିକ ବନ୍ଦ ରଖିଥିଲେ । ବନ୍ଦ ହୋଇଥିବା ବିଭିନ୍ନ ରେଳଗାଡି ମଧ୍ୟରୁ ଆସନ୍ତା ୭ ତାରିଖରୁ ଏକ ଲୋକାଲ ଟ୍ରେନ୍ (୬୮୦୪୯/୪୮୦୫୦) ସ୍ୱତନ୍ତ୍ରଭାବେ ଖଡଗପୁର ରୁ ଭଦ୍ରକ ଯାଏ ଚଳାଚଳ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ହାଓଡା-ପୁରୀ ଜଗନ୍ନାଥ ସ୍ପେଶାଲ (୦୮୪୦୯/୦୮୪୧୦) ଟ୍ରେନ୍‌ଟି ଆସନ୍ତା ୧୫ ତାରିଖରୁ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ । ଖଡଗପୁର-ଭଦ୍ରକ ମେମୋ ଲୋକାଲ ଟ୍ରେନ୍ ୭ ତାରିଖ ସକାଳ ୫.୩୧ ଖଡଗପୁର ରୁ ଛାଡି ୮.୫୫ରେ ଭଦ୍ରକ ପହଞ୍ଚିବ ଓ ଅପରାହ୍ନ ୧.୨୫ ଭଦ୍ରକରୁ ଛାଡି ୫.୫୦ରେ ଖଡଗପୁର ପହଞ୍ଚିବ । ଏହି ଟ୍ରେନ୍‌ଟି ଜଳେଶ୍ୱର ରେଳ ଷ୍ଟେସନରେ ଯଥାକ୍ରମେ ସକାଳ ୬.୪୦ ଓ ଅପରାହ୍ନ ୩.୩୪ରେ ପହଞ୍ଚିବ ବୋଲି ଜଣାଯାଇଛି । ସେହିପରି ଜଗନ୍ନାଥ ସ୍ପେଶାଲ ଟ୍ରେନ ୧୫ ତାରିଖ ରାତି ୧୦.୪୦ରେ ପୁରୀ ଛାଡି ଜଳେଶ୍ୱରରେ ୪.୨୧ ଓ ୧୬ ତାରିଖ ସଂଧ୍ୟା ୭.୦୫ରେ ହାଓଡା ଛାଡି ଜଳେଶ୍ୱରରେ ୧୦.୦୪ରେ ପହଞ୍ଚିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ପ୍ରଳମ୍ବାସୁର ବଧ ବେଶରେ ପ୍ରଭୁ ବଳଭଦ୍ର

ପୁରୀ,୦୪/୦୯ (ନି.ପ୍ର): ଶନିବାର ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ପ୍ରଳମ୍ବାସୁର ବଧ ବେଶ । ତେବେ ମହାମାରୀ କରୋନା ଜନିତ କଟକଣା ଯୋଗୁଁ ପ୍ରଭୁବଳଭଦ୍ରଙ୍କ ଏହି ଚିତାକର୍ଷକ ବେଶ ଦର୍ଶନରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି । ପ୍ରଭୁ ବଳଭଦ୍ର ପ୍ରଳମ୍ବାସୁର ବଧ ବେଶରେ ଦୁଇ ହସ୍ତରେ ହଳ ଓ ମୂଷଳ ଧାରଣ କରିଥିଲେ । ବଳଭଦ୍ରଙ୍କ ପାଦଦେଶରେ ପ୍ରାୟ ୪ଫୁଟ ଉଚ୍ଚତା ବିଶିଷ୍ଟ କାଠ ନିର୍ମିତ ପ୍ରଳମ୍ବାସୁର ମୂର୍ତ୍ତି ରଖାଯାଇଥିଲା । ବେଶରେ ପ୍ରଭୁ ବଳଭଦ୍ର ପ୍ରଳମ୍ବାସୁରର ସ୍କନ୍ଧ ଓ ଦୁଇଭୁଜରେ ବସିବା ପତୀୟମାନ ହୋଇଥିଲା । ସନ୍ଧ୍ୟାଧୂପ ପରେ ରାମକୃଷ୍ଣ ଭିତରେ ସିଂହାସନ ବିଜେ କରିଥିଲେ । ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ମହାଜନ ସେବକମାନେ ରାମକୃଷ୍ଣଙ୍କୁ ଜଗମୋହନରେ ପକାଯାଇଥିବା ଖଟ ଉପରେ ବିଜେ କରାଇଥିଲେ ।

# ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୦୪/୦୯ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାମାଜିକ ସଂଗଠନ 'ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସହରର ପୁଲବଜାରସ୍ଥିତ ନିକାହ ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷଜ୍ଞ ଡାକ୍ତର ଅଜୟ ସିଂହ, ହସପିଟାଲ ମ୍ୟାନେଜର ବିନୋଦ କୁମାର ନାୟକ, ଫାର୍ମାସିଷ୍ଟତଟ କୌଶଲ୍ୟା ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଆଖି ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ପୁଲବଜାର ଓ ତାର ଆଖପାଖ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଏହି ଶିବିରରେ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ତନ୍ମଧ୍ୟରୁ ୧୦ଜଣଙ୍କର ମୋତିଆବିନ୍ଦୁ ଥିବା ଜଣାପଡ଼ିଥିଲା। ସେମାନଙ୍କର ଅପରେସନ ପାଇଁ ସୋସାଇଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋସାଇଟିର ନୂତନ ସଦସ୍ୟ ହାଇଦର ଖାଁ ଓ ଶେଖ ନଜିମଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ସୋସାଇଟିର ସଭାପତି ମହମ୍ମଦ ମୁକ୍ତାର ଅହେମ୍ମଦ, ଉପ-ସଭାପତି ଅସଲମ ଖାନ ଓ ସଲିମ ରାଜା, ସମ୍ପାଦକ ଶେଖ ଆୟୁବ, ଅବଦୁଲ ମୁକ୍ତାର ଖାଁ, ଶେଖ ରଜବ ଅଲ୍ଲି, କୋଷାଧ୍ୟକ୍ଷ ହାଜି ଶେଖ ଜମାଲ, ମିଡିଆ ସଂଯୋଜକ ଶେଖ ଅଲ୍ଲି ମହମ୍ମଦ, ହାଜି ମହମ୍ମଦ ଗୁଲାମ ଖାଁ, ମହମ୍ମଦ ଆବିଦ, ହାଜି ଶେଖ ମଜିଦ, ହମିଦ ଖାଁ ପ୍ରମୁଖ ସୋସାଇଟିରେ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ




ଭଦ୍ରକ,୦୪/୦୯ (ନି.ପ୍ର): ଚରମ୍ପା ପଞ୍ଚାୟତ ଅନ୍ତର୍ଗତ ଜାନୁମଞ୍ଜ ସାହି ଅଙ୍ଗନୱାଡି କେନ୍ଦ୍ରରେ ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏଏନ୍‌ଏମ୍ ଦିଦି ସୁମତୀ ସ୍ୱାଇଁ ଯୋଗ ଦେବା ସହ ଅଙ୍ଗନୱାଡି ଦିଦି ଶ୍ରଦ୍ଧାଞ୍ଜଳି ମିଶ୍ର, ଆଶାଦିଦି ନର୍ମଦା ବାରିକ, ଅଙ୍ଗନୱାଡି ସହାୟିକା ରଂଜିତା ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିବା ଗର୍ଭବତୀ ମହିଳା, ପ୍ରସୂତୀ ମାଆମାନଙ୍କୁ ପୋଷଣ ଭିତ୍ତିକ ମୁଖ୍ୟ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ଆବଶ୍ୟକ ମୁତାବକ ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଶର୍କରା ଓ ଭିଟାମିନ୍ ଜାତୀୟ ଖାଦ୍ୟର ଅଭାବ ହେଲେ ଆମକୁ ହେଉଥିବା ବିଭିନ୍ନ ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମହିଳାମାନଙ୍କ କ୍ଷେତ୍ରରେ ଏହାର ପ୍ରଭାବ, ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ବନ୍ଧନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ବରିଷ୍ଠ କର୍ମକର୍ତ୍ତା ମନ୍ମଥ କେଶରୀ ବାରିକ, ସଭାପତି ଜ୍ୟୋତିପ୍ରଭା ଜେନା, ସ୍ୱାସ୍ଥ୍ୟକର୍ମୀ ଅନିତା ମହାନ୍ତି ଏବଂ ରଂଜିତା ପାତ୍ର, ସ୍ୱାସ୍ଥ୍ୟ ସାୟିକା ଦିଦି ସସ୍ମିତା ବାରିକ, ବିଷ୍ଣୁପ୍ରିୟା ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ବାଲିଆପାଳରେ ସେରୋ ସର୍ଭେ ଆରମ୍ଭ



ବାଲିଆପାଳ,୦୪/୦୯ (ନି.ପ୍ର): ବର୍ତ୍ତମାନ ସମଗ୍ର ଦେଶରେ କରୋନାର ତୃତୀୟ ଲହରକୁ ନେଇ ଆତଙ୍କିତ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସେରୋ ସର୍ଭେ ଆରମ୍ଭ କରାଯାଇଛି । ଏହି ସର୍ଭେ ମାଧମରେ ବିଭିନ୍ନ ବୟସ ବର୍ଗର ପିଲା ଓ ବୟସ୍କଙ୍କ ନିକଟରେ ନମୁନା ସଂଗ୍ରହ କରାଯାଇ କେତେ ଜଣଙ୍କ ଦେହରେ କେତେ ପରିମାଣରେ କରୋନା ବିରୋଧରେ ଏଂଟିବଡି ତିଆରି ହୋଇଛି ତାର ଆକଳନ କରିହେବ । ଏହି ସର୍ଭେରେ ଉଭୟ କରୋନା ଟିକା ନେଇଥିବା ଏବଂ ଟିକା ନେଇ ନ ଥିବା ବ୍ୟକ୍ତିମାନଙ୍କୁ ସାମିଲ କରାଯାଉଛି । ବାଲିଆପାଳ ବ୍ଲକରେ ଆଜି ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ରିଜୋନାଲ ମେଡିକାଲ ଏଣ୍ଡ ରିସର୍ଚ୍ଚ ସେଣ୍ଟର ଭୁବନେଶ୍ୱରର ଦୁଇଟି ଟିମ ବାଲିଆପାଳ ବ୍ଲକର ପାଳପଡା ଏବଂ ମଧୁପୁରାରେ ୮୧ ଜଣଙ୍କ ନିକଟରୁ ନମୁନା ସଂଗ୍ରହ କରିଛନ୍ତି । ଏଥିରେ ୪ରୁ ୬ ବର୍ଷ ବର୍ଗର ୮ ଜଣ ,୭ରୁ ୧୪ ବର୍ଷର ୧୬ ଜଣ,୧୬ରୁ ୧୮ ବର୍ଷର ୧୬ ଜଣ ରହିଛନ୍ତି । ଡ. ଅରୂପ ଦାସଙ୍କ ନେତୃତ୍ୱରେ ଡ. ଅଞ୍ଜନ କୁମାର ବିଶୋଇ,ସନ୍ତୋଷ ସାହୁ,ପ୍ରକାଶ କୁମାର ନାୟକ,ସିଦ୍ଧିକିନ ଖାନ,ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଇଜର ରମାନାଥ କର ,ଅଜୟ ପାତ୍ର,ପିଏଚଇଓ ଝୁନାବାଳା ଦେ,ଆଶାକର୍ମୀ ଗାୟତ୍ରୀ ନାୟକ,ସୁପ୍ରିୟା ସାହୁ,ଅଙ୍ଗନବାଡି କର୍ମୀ ଅମିତା ଧଳ,ରଞ୍ଜିତା ପରିଡା ଓ କଳ୍ପନା ଗିରି ପ୍ରମୁଖ ସାମିଲ ହୋଇଥିଲେ ।

# ପୌର ପରିଷଦର ବରିଷ୍ଠ ଗୋଷ୍ଠୀ ସାଙ୍ଗଠିକା ତରାମଣିଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ବାରିପଦା,୦୪/୦୯ (ନି.ପ୍ର): ବାରିପଦା ପୌରାଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀ ସମୂହ ତରଫରୁ ବାରିପଦାଚପୌର ପରିଷଦର ବରିଷ୍ଠ ଗୋଷ୍ଠୀ ସାଙ୍ଗଠିକା ତରାମଣି ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସର ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଅନ୍ୟା ଦାସ ଯୋଗଦେଇ ଶ୍ରୀମତୀ ମହାପାତ୍ରଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଶ୍ରୀମତୀ ମହାପାତ୍ର ଦୀର୍ଘ ଜୀବନ ନିଷ୍ଠାର ସହ ନିଃସ୍ୱାର୍ଥପର ସେବା ଯୋଗାଇ ଅଗଣିତ ଗରିବ, ଅସହାୟ ବ୍ୟକ୍ତି ତଥା ମହିଳାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି ବୋଲି ତାଙ୍କ ଅବସର କାଳିନ ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ତଥା ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ମାନେ କହିଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବାଲେଶ୍ୱର,୦୪/୦୯ (ନି.ପ୍ର): ଆଇନଜୀବୀ ବିଶ୍ୱନାଥ ରଣାଙ୍କ ମାତା ତଥା ବାଲେଶ୍ୱର ସହର ଦାମୋଦରପୁରର ଅନ୍ୟତମ ଧର୍ମପରାୟଣା ମହିଳା କନକଲତା ରଣାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଗତ ଏକ ତାରିଖ ମଧ୍ୟାହ୍ନ ୧୨ଟା ବେଳେ ତାଙ୍କର ଦେହାନ୍ତ ଘଟିଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଜଣେ ପରୋପକାରୀ, ଧର୍ମାପ୍ରାଣା ମହିଳା ଭାବେ ଦାମୋଦରପୁରର ବହୁ ପୁରାତନ ଶ୍ୟାମସୁନ୍ଦର ମନ୍ଦିର ପୁନରୁଦ୍ଧାରରେ ତାଙ୍କର ଭୂମିକା ଥିଲା । ତାଙ୍କର ବିୟୋଗରେ ଦାମୋଦରପୁର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପୁରୁଷୋତ୍ତମ ଏକ୍ସପ୍ରେସ୍‌ରୁ ଗଞ୍ଜେଇ ଜବତ :୨ ଗିରଫ

ପୁରୀ,୦୪/୦୯ (ନି.ପ୍ର): ପୁରୁଷୋତ୍ତମ ଏକ୍ସପ୍ରେସ୍‌ଟ୍ରେନ୍‌ର ଏକ ବଗିରୁ ପୁରୀ ଆରପିଫ୍ ୭.୮ କେଜି ଗଞ୍ଜେଇ ଜବତ କରିଛି। ଏହି ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ସତ୍ୟବାଦୀ ଅଞ୍ଚଳର ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସତ୍ୟବାଦୀ ଅଞ୍ଚଳର ଚିତ୍ତରଞ୍ଜନ ପ୍ରଧାନ ଓ ଅଜୟ କୁମାର ନାୟକ। ଗତକାଲି ପୁରୁଷୋତ୍ତମ ଏକ୍ସପ୍ରେସ୍ ପୁରୀରୁ ଯାତ୍ରା କରୁଥିବା ବେଳେ ଆରପିଏଫ୍ ଏଏସ୍‌ଆଇ ଜେ ଏମ୍ ସୁନ୍ଦରାୟ ଓ ଅନ୍ୟବିଭାଗୀୟ କର୍ମଚାରୀମାନେ ଏସ୍କଟ୍ ଡିୟୁଟିରେ ନିୟୋଜିତ ଥିଲେ। ଟ୍ରେନ୍ ଯାତ୍ରା ସମୟରେ ସ୍ଲିପଙ୍ଗକୋଚ ଏସ୍ ୬ ବଗରି ଯାଞ୍ଚ ବେଳେ ୬୫ ନମ୍ବର ସିଟ୍ ତଳୁ ଦୁଇଟି ପ୍ୟାକେଟ୍‌ରେ ଗଞ୍ଜେଇ ଥିବା ଦେଖିବାକୁ ପଇଥିଲେ। ଚିତ୍ତରଞ୍ଜନ ଓ ଅଜୟ ସେହି ଗଞ୍ଜେଇ ନେଇଯାଉଥିବା ଜାଣିବା ପରେ ଉଭୟଙ୍କୁ ଆରପିଏଫ୍ କର୍ମଚାରୀମାନେ ଅଟକ ରଖିଥିଲେ। ଭୁବନେଶ୍ୱର ଷ୍ଟେସନ୍‌ରେ ଟ୍ରେନ୍ ଅଟକିବା ସମୟରେ ସେମାନଙ୍କୁ ଗଞ୍ଜେଇ ସହିତ ଭୁବନେଶ୍ୱର ଜିଆର୍‌ପିକୁ ହସ୍ତାନ୍ତର କରିଥିଲେ। ଜିଆରପି ଥାନାରେ ଏନ୍‌ଡ଼ିପିଏସ ଆକ୍ଟରେ ୬୧/୨୧ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।ଞ୍ଜ

## ଜିଲ୍ଲା କାରାଗାରରେ ଏନ୍‌ସିଡ଼ି ଟିମ୍

ପୁରୀ,୦୪/୦୯ (ନି.ପ୍ର): ନନ୍ କମୁନିକେବୁଲ ଡ଼ିଜିଜ୍(ଏନ୍‌ସିଡ଼ି)ଟିମ୍ ଆଜି ବାଙ୍ଗରସ୍ଥିତ ପୁରୀ ଜିଲ୍ଲା କାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କୁ ଫିଜିଓ ଥୋରଫି ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ତାଲିମ୍ ପ୍ରଦାନ କରିଛନ୍ତି। ଟିମ୍‌ର ସଦସ୍ୟ ମନସ୍ତୋତ୍ତବିତ୍ ଅପର୍ଣ୍ଣା ମହାନ୍ତି,ଫିଜିଓ ଥୋରାପିଷ୍ଟି ଡ଼ାକ୍ତର ଶିଦ୍ଧାର୍ଥ ଶେଖର ପାତ୍ର ଓ ଏନ୍‌ସିଡ଼ି କାଉନ୍‌ସେଲର ଲକ୍ଷ୍ମୀଧର ଦାସ ପ୍ରମୁଖ ଜିଲ୍ଲା କାରାଗାରର ପ୍ରାୟ ୧୦୦ଜଣ ଅନ୍ତେବାସୀଙ୍କୁ ଫିଜିଓ ଥୋରାପି ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଅବଗତ କରାଇଥିଲେ। ବର୍ତ୍ତମାନ ସମୟରେ ରକ୍ତଚାପ ଓ ମଧୁମେହ ଭଳି ରୋଗର ନିରାକରଣ ଲାଗି ଫଜିଓ ଥୋରାପି ଚିକିତ୍ସା କିପରି ଉପାଦେୟ ହୋଇପାରୁଛି ସେ ସମ୍ପର୍କରେ ସେମାନେ ଅନ୍ତେବାସୀମାନଙ୍କୁ ବସ୍ତୃତ ଭାବେ ବୁଝାଇଥିଲେ। ଜେଲ୍‌ଡ଼ାକ୍ତର ସନତଜିତ୍ ମହାପାତ୍ର ଓ ଫାର୍ମାଶିଷ୍ଟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆଗାମୀ ଦିନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଜେପି ଉଠାଇଲା ଆବାସ....

କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ମଧ୍ୟ ଲେଖିଥିଲା । ହେଲେ ରାଜ୍ୟ ସରକାର କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଅନ୍ୟ ପଟେ ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ଅନ୍ୟ ମାନଙ୍କର ମଧ୍ୟ ଶୂନ୍ୟକାଳରେ କହିବାର ଅଛି । ଏଥିରେ ମୋହନ ମାଝୀ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ ଯେ ମୁଖ୍ୟ ବିରୋଧୀ ଦଳକୁ କହିବାର ସୁଯୋଗ ଦିଆ ଯାଉ ନାହିଁ । ଏହା ଅତ୍ୟନ୍ତ ଦୁଖଦ । ଏହା କହିବା ପରେ ବିଜେପି ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ଏହା ପରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଓ ବିଜେଡି ବିଧାୟକ ଅମର ପ୍ରସାଦ ସତପଥୀ ମଧ୍ୟ ହଟ୍ଟଗୋଳ ମଧ୍ୟରେ କହିଥିଲେ । ଗୃହର ସୁପରିଚାଳନା କରିବା ପାଇଁ ବାଚସ୍ପତି ଶ୍ରୀ ପାତ୍ର ଗୃହକୁ ସ୍ଥଗିତ କରିବା ସହ ତାଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ଡାକିଥିଲେ ।

## ପୁଣି ଘୁଞ୍ଚିଲା ଆଫଗାନରେ ....

ଘୁଞ୍ଚାଇ ଚାଲିଛି ତାଲିବାନ ? ଆଭ୍ୟନ୍ତରୀଣ କନ୍ଦଳ ଏହାର ଏକ କାରଣ ହୋଇପାରେ ବୋଲି ତାଲିବାନ ଉପରେ ନଜର ରଖୁଥିବା କିଛି ବିଶେଷଜ୍ଞ କହିଛନ୍ତି । ତାଲିବାନ ଅଧୀନରେ ହକ୍କାନି ନେଟୱର୍କ ପରି ବିଭିନ୍ନ ସଂଗଠନ ଏକାଠି ହୋଇଛନ୍ତି । ହେଲେ ସରକାର ଗଠନ ବେଳେ ଏହି ସବୁ ସଂଗଠନ ନିଜର ପ୍ରତିନିଧିତ୍ୱ ଚାହୁଁଛନ୍ତି । ସେପଟେ ଗୁଲବୁଦ୍ଦିନ ହେକମାତୟାରଙ୍କ ପରି ପୂର୍ବ ୱାଲର୍ଡ ମାନେ ମଧ ସରକାରରେ ପ୍ରମୁଖ ପଦବୀ ପାଇଁ ଲବି କରୁଛନ୍ତି । ଏପଟେ ପାକିସ୍ତାନ ମଧ ନିଜର କାର୍ଡ଼ ଖେଳୁଛି । ତେବେ ଏକଥା ଏକପ୍ରକାର ନିଶ୍ଚିତ ହୋଇଯାଇଛି ମୁଲ୍ଲା ବରଦାର ସରକାରର ମୁଖ୍ୟ ହେବେ । ଅନ୍ତର୍ଜାତୀୟ ଫୋରମରେ ତାଲିବାନର ପକ୍ଷ ରଖିଥିବା ବରାଦର କେମିତି ସବୁ ଗୋଷ୍ଠୀଙ୍କୁ ଏକାଠି କରି ସରକାର ଗଢ଼ିବେ ଓ ଚଳାଇବେ, ତା' ଉପରେ ଅନ୍ତର୍ଜତୀୟ ସମୁଦାୟର ନଜର ଅଟକିଛି ।

## ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ....

ଆଣ୍ଡ ଟେକ୍ନୋଲୋଜି (ସିଇଟି) ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଏହା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ନାମିତ ହେବ। ବିଜ୍ଞାନର ବିକାଶ କରାଯିବ। ସମାଜର ଉନ୍ନତି ସାଧନ ପାଇଁ ଯାନ୍ତ୍ରିକ ବିଦ୍ୟା, ପ୍ରଯୁକ୍ତି ବିଦ୍ୟା ଏବଂ ତାର ପ୍ରୟୋଗ, ସ୍ଥପିତ ବିଦ୍ୟା, ଯୋଜନା, ମ୍ୟାନେଜମେଂଟ ଓ ପ୍ରାୟୋଗିକ ବିଜ୍ଞାନ କ୍ଷେତ୍ରରେ ଶିକ୍ଷା, ଗବେଷଣା ଓ ତାଲିମକୁ ବିକଶିତ କରାଯିବ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅତ୍ୟାଧୁନିକ ବିକାଶ ସମ୍ପର୍କରେ ଅବଗତ ହେବା ଲକ୍ଷ୍ୟରେ ଭାରତ ତଥା ବିଦେଶର ଖ୍ୟାତିସମ୍ପନ୍ନ ଅନୁଷ୍ଠାନ ଗୁଡ଼ିକ ସହ ଅଦାନପ୍ରଦାନ କାର୍ଯ୍ୟକ୍ରମ ସଂଗଠିତ କରାଯିବ।

## ୪୮ ଘଂଟାରେ ବଙ୍ଗୋପସାଗରରେ ....

ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏରୁ ୨ଟି ସ୍ଥାନରେ ଘଡ଼ଘଡ଼ି ସହ ବଜ୍ରପାତ ହୋଇପାରେ । ସେହିପରି ୫ ତାରିଖରୁ ୬ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ଜଗତସିଂହପୁର , ପୁରୀ ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ରାଜ୍ୟରେ ୨୪ ଟି ନୂଆ....

ପ୍ରେମାନନ୍ଦ ନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ପିଲାଙ୍କୁ ଅଧିକରୁ ଅଧିକ ତାଲିମ ଦେବା ପାଇଁ ବିଭାଗ ଫୋକସ୍ କରୁଛି । ଆମେ ତାଲିମ ଦେବା ଉପରେ ପ୍ରାଧାନ୍ୟ ଦେଉଛୁ, ମାତ୍ର ନିଯୁକ୍ତି କ୍ଷେତ୍ରରେ ଆମେ ଫୋକସ୍ ଦେଉନୁ। ପିଲାଙ୍କୁ ନିଯୁକ୍ତି ଦେବା କାର୍ଯ୍ୟ ସରକାରଙ୍କ ଦାୟିତ୍ୱ, ବିଭାଗ କେବଳ ତାଲିମ ଦେଇ ଥାଏ। ବିଧାୟକ ମାନେ ଏହି ପ୍ରଶ୍ନର ଆଲୋଚନା ବେଳେ ସ୍ଥାନୀୟ ପିଲାଙ୍କୁ ଚାକିରୀ ନ ଦିଆଯିବାକୁ ନେଇ ଉଦବେଗ ପ୍ରକାଶ କରିବାର ଦେଖା ଯାଇଥିଲା ।

## ୮୭ ଦିନର ସଂଘର୍ଷ ପରେ ....

ରଖି ଚିକିତ୍ସା କରାଯାଇଥିଲା । ଅଭିଷେକଙ୍କ ଫୁସଫୁସ ସଂକ୍ରମଣ ଯୋଗୁଁ ଇକମୋ ଚିକିତ୍ସା ପାଇଁ ଜୁନ ୯ ତାରିଖରେ କୋଲକାତା ନିଆଯାଇଥିଲା । ତେବେ ଇକମୋ ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ଅଭିଷେକଙ୍କ ଜୀବନ ବଞ୍ଚାଇବାକୁ କ୍ରାଉଡ ଫଣ୍ଡିଂ ଜରିଆରେ ସହାୟତା ମାଗିଥିଲେ ପରିବାର । ମିଲାପ ଫାଉଣ୍ଡେସନ ଜରିଆରେ ହୋଇଥିବା କ୍ରାଉଡ ଫଣ୍ଡିରେ ଅଭିଷେକଙ୍କ ଜୀବନ ବଞ୍ଚାଇବାକୁ ଆର୍ଥିକ ସହାୟତା ଦେଇଥିଲେ ସାଙ୍ଗ ସାଥୀଙ୍କ ଠାରୁ ଆରମ୍ଭ କରି ଶହ ଶହ ଜନତା । ସେହି ସମୟରେ ଅଭିଷେକଙ୍କ ଆରୋଗ୍ୟ କାମନା କରି ତାଙ୍କ ନବବିବାହିତା ପତ୍ନୀ ସାବିତ୍ରୀ ବ୍ରତ ପାଳନ କରୁଥିବା ଦୃଶ୍ୟ ମଧ ସମସ୍ତଙ୍କୁ ବିଚଳିତ କରିଥିଲା ।

# ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇଁ ନାଟ୍ୟଶ୍ରୀଙ୍କୁ ବହୁ ଅଭିନନ୍ଦନ



ଭଦ୍ରକ,୦୪/୦୯ (ନି.ପ୍ର): ଭଦ୍ରକର ସୁପ୍ରସିଦ୍ଧ ନାଟ୍ୟକାର, ଦୂରଦର୍ଶନ, ମଞ୍ଚ, ଆକାଶବାଣୀ, ଚଳଚ୍ଚିତ୍ର କଳାକାର ନାଟ୍ୟଶ୍ରୀ ନିର୍ମଳ ରାଉତ ଚଳିତ ବର୍ଷ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ହେବା ପରେ ଭଦ୍ରକ ଜିଲ୍ଲା ତଥା ସମଗ୍ର ଓଡିଶା, ଓଡ଼ିଶା ବାହାରୁ ତାଙ୍କୁ ବହୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟିଛି । ଗୀତିନାଟ୍ୟ ରଚନା କ୍ଷେତ୍ରରେ ନାଟ୍ୟଶ୍ରୀଙ୍କୁ ୨୦୨୦ ମସିହା ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଛନ୍ତି । ତାଙ୍କର ଏହି ସଫଳତା ପ୍ରାପ୍ତି ପରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅଧାପକ ନିହାର ରଂଜନ କର, ଇଂ ଅଭୟ ସୂତାର, ସାମ୍ବାଦିକ ରବି ଖିଲାର, ଇଂ ଶଶାଙ୍କ ପଣ୍ଡା, କଳାକାର ମଞ୍ଚର ସମ୍ପାଦକ କାଳନ୍ଦୀ ମଲ୍ଲିକ, ହେମନ୍ତ ନାୟକ, କଳ୍ପନା ଜେନା, ଜାନକୀ ପାଢୀ, ବିଜୟ ବହଲୀ, ନର ପରିଡ଼ା, ସୁବାସ ମଲ୍ଲିକ, ଅମିୟ ମହାପାତ୍ର, କାଦମ୍ବରୀ କରଶର୍ମା, ଗୌରାଙ୍ଗ ବାରିକ, ପଦ୍ମନାଭ ପଣ୍ଡା, ପ୍ରକାଶ ମହାପାତ୍ର, ସନ୍ତୋଷ ଦାସ, ଅରୂପାନନ୍ଦ ନାୟକ, ଅକ୍ଷୟ ଜେନା, ଦିବ୍ୟସିଂହ ଦାସଅଧିକାରୀ, ଡ. ଅବନୀ ପ୍ରଧାନ, ଶ୍ରୀକାନ୍ତ ନାୟକ, ସୁବାସ ରାମ, ଡ. କେଶବ ଜେନା, ସୁରେଶ ଜେନା ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନୁରୂପ ଭାବେ ନାଟ୍ୟଶ୍ରୀଙ୍କ ପକ୍ଷରୁ ସଂଗୀତଜ୍ଞ ଡ. କୀର୍ତ୍ତନ ନାରାୟଣ ପାଢୀ, ଜିଲ୍ଲାର ପୂର୍ବତନ ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ରୋଟାରିଆନ ଶିଶିର ମିଶ୍ର, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଡ. ପଦ୍ମକାନ୍ତ ଧଳ, ନାଟ୍ୟକାର ପ୍ରଫେସର ଅଟଳ ବିହାରୀ ନାୟକ, ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ପବିତ୍ର ପାଣିଗ୍ରାହୀ, ଡ. ମନିନ୍ଦ୍ର ମହାନ୍ତି, ଅଭୟ ଦ୍ୱିବେଦୀ, ବାସୁଦେବ ବାରିକ, ଡ ଅଭୟ ଦାସ, କବି ନରେଶ ମଣ୍ଡଳ, କଳାନିର୍ଦ୍ଦେଶକ ବାବୁ ନିରନ୍, ବିଶ୍ୱଭର ପଣ୍ଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦୃଷ୍ଟି ବାଧିତ ଛାତ୍ରକୁ ଜିଲ୍ଲାପାଳଙ୍କ ଦ୍ୱାରା ଲାପ୍‌ଟପ୍ ପ୍ରଦାନ



ବାରିପଦା,୦୪/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ୍ ଆଜି ତିରିଂ ବ୍ଲକ ଅନ୍ତର୍ଗତ ରେଂଗାଲବେଢା ଗ୍ରାମର ଜନୈକ ଦୃଷ୍ଟିବାଧିକ ଛାତ୍ର ଶ୍ରୀ ବଳଭଦ୍ର ପାଟବନ୍ଧାଙ୍କୁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଏକ ମାଗଣା ଲାପ୍‌ଟପ୍ ପ୍ରଦାନ କରିଥିଲେ। ଶ୍ରୀ ପାଟବନ୍ଧା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ର ଅଟନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଉପସ୍ଥିତ ରହି ଶ୍ରୀ ପାଟବନ୍ଧାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସମସ୍ତ ସରକାରୀ ସାହାର୍ଯ୍ୟ ଯୋଗାଇବା ସହିତ ତାଙ୍କ ଭବିଷ୍ୟତର ଉନ୍ନତି କାମନା କରିଥିଲେ।

# ପଶ୍ଚିମବଂଗରୁ ଓଡିଶାକୁ ପ୍ରତ୍ୟେହ ପଶୁଛି ୫ହଜାର ଚୋରାମଦ

ଜଳେଶ୍ୱର, ୪/୯ (ନି.ପ୍ର) : ପ୍ରତିଦିନ ପଶ୍ଚିମବଂଗ ଉପାନ୍ତ ଅଂଚଳ ଗୁଡିକରୁ ବାଲେଶ୍ୱର ଜିଲାର ଉତ୍ତର ଉପାନ୍ତ ଅଂଚଳକୁ ୫୦୦୦ ଲିଟର ଚୋରାମଦ ପ୍ରବେଶ କରୁଥିବାର ଜାଣି ଅବକାରୀ ବିଭାଗର ଉଚ୍ଚ କର୍ମକର୍ତ୍ତା ଏକ ଟିମ୍ ପଠାଇ ରାଇବଣିଆ ଥାନାର ଖୁଆଡ ପଂଚାୟତ ଅଧିନ ନୂଆଗାଁ ଠାରେ ଲୁଚି ରହିଥିଲେ । ସାଧା ପୋଷାକରେ କେନ୍ଦ୍ରୀୟ ଅବକାରୀ ଏଏସ୍ଆଇ ବ୍ରଜକିଶୋର ବିନ୍ଧାଣି ଓ କନେଷ୍ଟବଳ ଅଜୟ ବେହେରା ଛକି ରହିଥିବା ବେଳେ ପଶ୍ଚିମମେଦିନୀପୁର ଜିଲା ଅଂଚଳରୁ ଏକ ନମ୍ବର ବିହିନ ଅଟୋ ସଂଦେହଯୁକ୍ତ ଅବସ୍ଥାରେ ଆସୁଥିବାର ଜାଣି ତାକୁ ଅଟକାଇଥିଲେ । କିନ୍ତୁ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଥିବା ବେଳେ ମଦମାଫିଆଶ୍ରାଇବଣିଆ ଥାନା ଅନ୍ତର୍ଗତ ବରଡିହା ଅନ୍ତର୍ଗତ ଶାଳବଣୀ ଗାଁର ରଜେଶ ଜେନା ଧରାପଡିଥିଲା । ଏ ସମ୍ପର୍କରେ ଅବକାରୀ ବିଭାଗ କୁଷଗଡ ଫାଣ୍ଡିକୁ ଜଣାଇବାରୁ ପୋଲିସ୍ ସହାୟତାରେ ମଦ ମାଫିଆ, ଟେମ୍ପୋକୁ କୁଷଗଡ ଫାଣ୍ଡିଠିକୁ ନିଆଯାଇଥିଲା । ମଦମାଫିଆ ରାଜେଶର ଭାଇ ଉମେଶ ଜେନା କିଛି ସହଯୋଗୀଙ୍କ ସହାୟତାରେ ଆସି ଫାଣ୍ଡି ହତାରୁ ଅଟୋସହ ରାଜେଶକୁ ଜବରଦସ୍ତ ଧରି ପଳାଇ ଯାଇଥିଲେ । ଫାଣ୍ଡି ଅଧିକାରୀ ସନ୍ତୋଷ କର, ରାଇବଣିଆ ଥାନା ଅଧିକାରୀ ଗୋପାଳ ସିଂ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ବିଳମ୍ବିତ ରାତିରେ ଜଳେଶ୍ୱରର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଂକିତା କୁମ୍ଭାର ଘଟଣାସ୍ଥଳରେ ପହଞ୍ଚି ଥିଲେ । ଅବକାରୀ କର୍ମଚାରୀ ଓ ରାଇବଣିଆ ପୁଲିସ୍ ସହାୟତାରେ ଶ୍ରୀମତୀ କୁମ୍ଭାର ରାଜେଶ ଘରେ ଚଢାଉ କରିଥିଲେ ମଧ୍ୟ ଅଭିଯୁକ୍ତ ମାନଙ୍କୁ ନ ପାଇ ସେମାନଙ୍କ ବାପା ରତିକାନ୍ତ ଜେନା, ସହଯୋଗୀ ସାଗର ବିନ୍ଧାଣୀ ଓ ଗୁରୁଚରଣ ମହାନ୍ତଙ୍କୁ ଉଠାଇ ନେଇଥିଲେ । ରାଇବଣିଆ ଥାନାରେ ୬୦/୨୧ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଏବେ ମଦମାଫିଆଙ୍କ ମଧ୍ୟରେ ଆତଙ୍କ ଖେଳିଛି ।

## ଗାଁ ସାଥୀ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ବାଲେଶ୍ୱର,୦୪/୦୯ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ଗାଁ'ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶନିବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୀତାଞ୍ଜଳି ଦାସ, ସଂଧ୍ୟାରାଣୀ ପଣ୍ଡା, କୈଳାସ ଦାସ, ନକୁଳ କୁମାର ସାହୁ, ହେମନ୍ତ ପରିଡ଼ା ପ୍ରମୁଖ ସଂଘର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲାପାଳଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ ସ୍ଥିତିରେ ଗାଁ ସାଥୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ମନରେଗା ଯୋଜନାରେ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ କାର୍ଯ୍ୟ ସାଙ୍ଗକୁ ଗାଁ ସାଥୀଙ୍କୁ ମାସିକ ସର୍ବନିମ୍ନ ୮ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ରାଜ୍ୟ ପଞ୍ଚାୟତ ବିଭାଗ ନିର୍ଦ୍ଦେଶ ଅନୁସାରେ ପ୍ରତିମାସ ୧୦ ଦିନର ନିଶ୍ଚିତ କାର୍ଯ୍ୟ ବାବଦୀୟ ଅର୍ଥ ପ୍ରଦାନ କରିବା, ପ୍ରତ୍ୟେକ ସାଥୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ କୋଭିଡ ସହାୟତା ପ୍ରଦାନ କରିବା ଆଦି ଦାବି ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ। ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ ଆଗାମୀ ଦିନରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ମେଡିକାଲ କଲେଜ ଶିକ୍ଷାରମ୍ଭର ୪ର୍ଥ ବାର୍ଷିକ ଉତ୍ସବ

ବାଲେଶ୍ୱର,୦୪/୦୯ (ନି.ପ୍ର): ଫକୀର ମୋହନ ମେଡିକାଲ କଲେଜ ଡାକ୍ତରୀ ଶିକ୍ଷାରମ୍ଭର ଚତୁର୍ଥ ବାର୍ଷିକ ଉତ୍ସବ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଓ ମେଡିକାଲ କଲେଜର ମିଳିତ ସହଯୋଗରେ ଏହି ଉତ୍ସବ ପାଳନ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କ୍ରିୟାନୁଷ୍ଠାନ କମିଟି ସଭାପତି ମମତା ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମେଡିକାଲ କଲେଜ ଅଧ୍ୟକ୍ଷ ଡାକ୍ତର ରାମଚନ୍ଦ୍ର ଗିରି, ସହକାରୀ ଅଧ୍ୟକ୍ଷା ଡାକ୍ତର ମନୋରମା ସ୍ୱାଇଁ, ପ୍ରଶାସନିକ ଅଧିକାରୀ ମନୋରମା ଭୂୟାଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନଜଗଦ୍ଦେବ, କ୍ରିୟାନୁଷ୍ଠାନ କାର୍ଯ୍ୟକାରୀ ସଭାପତି ନିରଂଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମେଡିକାଲ କଲେଜ ପ୍ରତିଷ୍ଠାରେ ଜିଲାବାସୀଙ୍କ ଗଣତାନ୍ତ୍ରିକ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ଉଦ୍ଦେଶ୍ୟରେ ପ୍ରତିଷ୍ଠା ହୋଇଥିବା ଏହି ମେଡିକାଲ କଲେଜ ଆଗାମୀ ଦିନରେ ଲୋକଙ୍କ ଆଶା ପୂରଣ କରିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ଅତିରିକ୍ତ ସାଧାରଣ ସମ୍ପାଦକ ଇଂ ହୃଷୀକେଶ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଟିଏ ଦିନରେ ୬୮୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୮୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୦୭୫୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୧୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୫୪୭୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୧୮୬ ରହିଛି । ଆଜି ଚିହ୍ନଟ ହୋଇଥିବା ୬୮୧ ଜଣଙ୍କ ମଧ୍ୟରୁ ୩୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୮୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୪ ଜଣ, ବରଗଡ଼ରୁ ୧୪ ଜଣ, ଭଦ୍ରକରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୧୦୧, ଦେବଗଡ ଜିଲ୍ଲାରୁ ୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୯ ଜଣ, ଯାଜପୁରରୁ ୩୩ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ମଟରସାଇକେଲ କାର ମୁହାଁ ମୁହାଁ ଧକ୍କା ମଟର ଆରୋହି ଗୁରୁତର



ବସ୍ତା,୦୪/୦୯ (ନି.ପ୍ର): ଷାଠିଏ ନଂ ଜାତୀୟ ରାଜ ପଥର ଭେଲୋରା ଛକନିକଟରେ ଆଜି ସକାଳ ନଅଟାସମୟ ରେ ଏକ କାର ହୋଣ୍ଡାଇ ଟୁଏଣ୍ଟି ନଂଡବବ୍ଲୁବି ୨୪ ଓ୍ୱାୟି ୬୧୬୧ ଭୁବେନେଶ୍ୱର ଅଭିମୁଖେ ଯାଉଥିବାବେଳେ ଅପର ଦିଗରୁ ହୋଣ୍ଡା ୟୁନିକନ ନଂ ଓଡି ୦୫ଏ ଡବ୍ଲୁ ୧୧୩୭ଆସୁଥିଲା ଉଭୟ ମଧ୍ଯରେ ଧକ୍କା ହୋଇଥିଲା ଫଳରେ ବାଇକ ଆରୋହୀ ଛିଟିକିପଡି ବାରୁ ମୁଣ୍ଡରେ ଜୋର ରେ ଆଘାତ ହୋଇଥିବା ଫଳରେ ଗୁରୁତର ହୋଇଥିଲେ । ଖବର ପାଇ ଷାଠିଏନଂ ରାଜପଥ ରେ ବ୍ୟବହୃତ ଆମ୍ବୁଲେନସ ର ଫାରର୍ମାସିଷ୍ଟ ନିଶାନ୍ତ ମଣ୍ଡଳ ଓ ତାଙ୍କ ସହଯୋଗି ମାନେ ଆସି ଆହତ ମଟର ସାଇକେଲ ଆରୋହିଙ୍କୁ ବାଲେଶ୍ୱର ବଡ ଡାକ୍ତର ଖାନାରେ ଭର୍ତ୍ତୀକରିଛନ୍ତି ତେବେ ଯୁବକର ସଠିକ ପରିଚୟ ମିଳିନାହିଁଏଠାରେ ପ୍ରକାଶ ଥାଉକୀଉକ୍ତ ଛକ ର ଅଦ୍ୟା ବଧି ୪୨ ଜଣଙ୍କର ଜୀବନ ଗଲାଣି ପ୍ରାୟ ୫୦୦ଶହରୁ ଉର୍ଦ୍ଧ ଛୋଟା ବଡ ଦୁର୍ଘଟଣା ଘଟିଲାଣି । ଏ ହି ବାଦରେ ସ୍ଥାନୀୟ ନେତୃବୃନ୍ଦ ଧୃବ ଚରଣ ନାୟକ ଅଞ୍ଚଳବାସୀ ବହୁବାର ଅଭିଯୋଗ କରିଥିଲେ ଏଠାରେ ବାୟପାସ ପାଇଁ ହେଲେ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ ।

## ମୃତ ଶିକ୍ଷା କର୍ମଚାରୀଙ୍କୁ ଓଷ୍ଟା ପକ୍ଷରୁ ସହାୟତା

ଜଳେଶ୍ୱର,୦୪/୦୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଧବଚନ୍ଦ୍ର-ଶିବନାରାୟଣ ନୋଡାଲ ବିଦ୍ୟାଳୟର କର୍ମଚାରୀ କାର୍ତ୍ତୀକ ଚନ୍ଦ୍ର ଦେଙ୍କ ଅକାଳ ବିୟୋଗରେ ଓଷ୍ଟା ପକ୍ଷରୁ ୫ହଜାର ଟଙ୍କାର ସହାୟତା ରାଶି ଦିଆଯାଇଛି । ଶନିବାର ଅପରାହ୍ନରେ ଆୟୋଜିତ ସଭାରେ ଜିଲା ଓଷ୍ଟା ସମ୍ପାଦକ ତଥା ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋରଂଜନ ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ, ଓଷ୍ଟାର ପୂର୍ବତନ ସଂପାଦକ ଶଶାଙ୍କ ଶେଖର ମହାନ୍ତି, ଓଷ୍ଟାର ବ୍ଲକ ସଭାପତି ସୁକୁମାର ମିଶ୍ର, ବ୍ଲକ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ହରେକୃଷ୍ଣ ଜେନା, ପ୍ରଦୀପ କୁମାର ପ୍ରଧାନ, ମନୋରଂଜନ ଦତ୍ତ, ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରଦୀପ କୁମାର ଗିରି ପ୍ରମୁଖ ଏହି ସଭାରେ ଯୋଗ ଦେଇ ସ୍ୱର୍ଗତ ଦେଙ୍କର ସ୍ମୃତି ଚାରଣ କରିଥିଲେ । ଫଟୋଚିତ୍ରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସ୍ୱର୍ଗତ ଦେଙ୍କ ପୁଅଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା ।

## ଜୁଆ ଆଡା ଉପରେ ଚଢାଉ : ଦୁଇ ଜୁଆଡି ଗିରଫ

ବାଲିଆପାଳ,୦୪/୦୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ନୂଆଗାଁ ହାଟରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ବେଆଇନ ଜୁଆ ଆଡ୍ଡା ଉପରେ ଚଢାଉ କରି ଦୁଇ ଜଣ ଜୁଆଡିକୁ ଗିରଫ କରାଯିବା ସହ ଟଙ୍କା ଓ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବଦ ହୋଇଛି । ମିଳିଥିବା ସୂଚନା ମୁତାବକ ନୂଆ ଗାଁ ସାପ୍ତାହିକ ହାଟରେ ଦୀର୍ଘ ଦିନ ଧରି ବେଆଇନ ଭାବେ ଜୁଆ ଖେଳ ଚାଲିଆସୁଥିଲା । ଏଥିରେ ଜୁଆ ଖେଳି ସ୍ଥାନୀୟ ଅଂଚଳର ବହୁ ଶ୍ରମିକ.ଖଟିଖିଆ ଠାରୁ ଆରମ୍ଭ କରି ବହୁ ଯୁବକ ସର୍ବସାନ୍ତ ହେଉଥିଲେ । ଜୁଆ ଖେଳ ଯୋଗୁଁ ସ୍ଥାନୀୟ ଅଂଚଳରେ ଚୋରି,ରାହାଜାନି ଭଳି ଘଟଣା ବଢି ଚାଲିଥିଲା । ସର୍ବ ସମ୍ମୁଖରେ ଏହି ଖେଳ ହେଉଥିବା ବେଳେ ପୁଲିସ ସବୁ ଜାଣି ଅଜଣା ହେଉଥିଲା । ଏହି ଜୁଆ ଆଡା ବନ୍ଦ କରିବା ପାଇଁ ଅଂଚଳ ବାସୀଙ୍କ ପକ୍ଷରୁ ବାରମ୍ବାରା ଦାବି ହୋଇଆସୁଥିଲା । ବାଲିଆପାଳ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଆଜି ଅତର୍କିତ ଭାବରେ ଏହି ଜୁଆ ଆଡା ଉପରେ ଚଢାଉ କରିଥିଲେ । ଏହି ଚଢାଉ ସମୟରେ କାଳିସିମୁଳି ଗ୍ରାମର ନିତ୍ୟା ପାତ୍ର,ଯମୁନା ଶୂଳ ଗ୍ରାମର ସଞ୍ଜୟ ଜେନାଙ୍କୁ ଗିରଫ କରିବାକୁ ସଫଳ ହୋଇଥିବା ବେଳେ ଅନ୍ୟମାନେ ଖସି ପଳାଇଯାଇଥିଲେ । ଏମାନଙ୍କଠାରୁ ନଗଦ ଟଙ୍କା ଏବଂ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବଦ କରାଯାଇଛି । ଏନେଇ ବାଲିଆପାଳ ଥାନା କେଶ ନଂ ୧୪୯/୨୧ରେ ଏକ ମାମଲା ରୁଜୁ କରାଯାଇ ଆସନ୍ତା କାଲି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଶ୍ରୀ ସାହୁ କହିଛନ୍ତି । ତେବେ ଏଭଳି ଭାବେ ମାନ୍ଧାତା ହାଟ, ଲଙ୍ଗଳେଶ୍ୱର, ପାରୁଳିଆ ହାଟ, ବଡାପାଳ, କଚୁଆପଡା ପ୍ରଭୃତି ସ୍ଥାନରେ ନିୟମିତ ଜୁଆ ଖେଳ ଚାଲିଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୦ ଗିରଫ, ୫୯୨ ବାହନ ଜବତ

ଭୁବନେଶ୍ୱର,୦୪/୦୯ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୯୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୭୧,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ସାନ୍ତାଳୀ ଭାଷାରେ କୋର୍ସ କରିଥିବା ବେକାରଙ୍କୁ ନିଯୁକ୍ତି ଦାବି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ




ବାରିପଦା,୦୪/୦୯ (ନି.ପ୍ର): ସାନ୍ତାଳୀ (ଅଲଚିକି) ଭାଷାରେ କୋର୍ସ କରି ବେକାର ଥିବା ଯୁବକ-ଯୁବତୀ ମାନେ ଆଜି ନିଯୁକ୍ତି ଦାବୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାରିପଦାରୁ ୨୦୧୩ ମସିହାରୁ ୨୦୨୦ ପର୍ଯ୍ୟନ୍ତ ମୋଟ ୬ ଗୋଟି ବ୍ୟାଚ ସାନ୍ତାଳୀ ଭାଷାରେ ଡି.ଇ.ଏଲ.ଇ.ଡି. କୋର୍ସ ଅନେକ ଛାତ୍ରଛାତ୍ରୀ ସମାପ୍ତ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ନିଯୁକ୍ତି ମିଳି ପାରିନାହିଁ । ବାରମ୍ବାର ସରକାରଙ୍କ ନିକଟରେ ନିଯୁକ୍ତି ନିମନ୍ତେ ଦାବି କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ସରକାର ନିଯୁକ୍ତି ଦେବାରେ ବିଫଳ ରହିଛନ୍ତି । ଯାହାକୁ ନେଇ ଆଜି ଏହି ବେକାର ଯୁବକ ଯୁବତୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଯଦି ସେମାନଙ୍କୁ ଶୀଘ୍ର ନିଯୁକ୍ତି ଦିଆନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି କହିଛନ୍ତି ପୁଷ୍ପାଞ୍ଜଳି ପାତ୍ର, ସୁମିତ ସୋରେନ ପ୍ରମୁଖ ଆନ୍ଦୋଳନ ରତଛାତ୍ରଛାତ୍ରୀ ।

## ଋଷ କ୍ଷେତରେ ସାର ପକାଇବାକୁ ଯାଇ ଋଷୀଙ୍କ ମୃତ୍ୟୁ

ନୀଳଗିରି,୦୪/୦୯ (ନି.ପ୍ର): ଋଷ କ୍ଷେତରେ ସାର ପକାଇବାକୁ ଯାଇ ଚାଷୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅନ୍ତର୍ଗତ ଆରବନ୍ଧ ପଞ୍ଚାୟତର ଶାଳଡହର (ମାଙ୍କଡ଼ାପାଳ) ଗ୍ରାମର ନରହରି ପାତ୍ରଙ୍କ ପୁତ୍ର ଅନାଦି ପାତ୍ର (୬୨) ଆଜି ଦିନ ୧୦ଟା ସମୟରେ ଋଷ କ୍ଷେତକୁ ସାର ପକାଇବାକୁ ଯାଇଥିଲେ । ସେ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଋଷ କ୍ଷେତରେ ଖୋଜାଖୋଜି କରିଥିଲେ । ସେଠାରେ ଥିବା ଏକ ପାଣି ନାଳରେ ମୁଁହ ମାଡ଼ି ପଡ଼ିଥିବା ଦେଖିଥିଲେ । ପରିବାର ଲୋକେ ୧୦୮ ଯୋଗେ ବରହମପୁର ମେଡିକାଲ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ହେଁ ପୋଷ୍ଟମୋର୍ଟମ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ବରହମପୁର ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରିଥିବା ଜଣାପଡ଼ିଛି । ଏନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଜଣାପଡ଼ିଛି ।

## ଶାରୀରିକ ଶିକ୍ଷା ଓ କଳା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି



ବାରିପଦା,୦୪/୦୯ (ନି.ପ୍ର): ଜିଲ୍ଲାରେ କାର୍ଯ୍ୟରତ ଅସ୍ଥାୟୀ ଶାରୀରିକ ଶିକ୍ଷା ଓ କଳା ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ସେମାନଙ୍କର ସ୍ଥାୟୀ ନିଯୁକ୍ତି ଦାବୀ କରି ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଦାବୀପତ୍ର ପ୍ରଦାନ କରାଯାଇଛି । ସୂଚନା ମୁତାବକ ୨୦୧୩ ମସିହା ଠାରୁ କଳା ଓ କ୍ରୀଡା ଶିକ୍ଷକ ମାନେ ନିଯୁକ୍ତି ପାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାର ତାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିନାହାନ୍ତି । ଏବାବଦରେ ବହୁବାର ସରକାରଙ୍କୁ ଅବଗତ କରାଯାଇଥିଲେ ମଧ କୌଣଷି ସୁଫଳ ମିଳିନାହିଁ । ତେବେ ଆଜି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯିବା ସହିତ ସହ ତୁରନ୍ତ କଳା ଓ କ୍ରୀଡା ଶିକ୍ଷକଙ୍କୁ ସ୍ଥାୟୀ କରାଯିବା ପାଇଁ ଦାବି କରିଛନ୍ତି । ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ହୈମବତୀ ସିଂ ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଧାରଣାରେ ସାମିଲ ହୋଇ ଥିଲେ । ତେବେ ଆଜି ଏସମ୍ବନ୍ଧରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କଳା ଓ କ୍ରୀଡା ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଗୁରୁତ୍ୱପୂର୍ଣ ନିଷ୍ପତି ମାନ ନିଆଯାଇଥିବାର ଜଣା ଯାଇଛି ।

## ଗ୍ରାମ ବୈଦ୍ୟଙ୍କୁ ଅକ୍ସିମିଟର ଓ ଥର୍ମୋଗନ ବଣ୍ଟନ



ଉଦଳା,୦୪/୦୯ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ତରଫରୁ ମହାମାରୀ କରୋନାର ମୁକାବିଲା ପାଇଁ ଆରମ୍ଭ ହୋଇଛି ଗ୍ରାମ ବୈଦ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ । ଅଭିଯାନ ଦ୍ୱାରା ନିଯୁକ୍ତି ପାଇଥିବା ବନବାସୀ ଭାଇ ଭଉଣୀ, ଯେଉଁମାନେ ସଞ୍ଚ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି ସେମାନଙ୍କୁ ଏହି ତାଲିମ ପ୍ରଦାନ କରାଯିବା ସହିତ ଗ୍ରାମାଞ୍ଚଳରେ ନିଜର କାର୍ଯ୍ୟକୁ ସହଜ କରିବା ପାଇଁ ଆବଶ୍ୟକ ଅକ୍ସିମିଟର ଓ ଥର୍ମୋଗନ ଯୋଗାଇଦିଆଯାଇଛି । ଏହି ବଣ୍ଟନ କାର୍ଯ୍ୟଦିନ ସମସ୍ତ ଗ୍ରାମ ବୈଦ୍ୟ (ସଞ୍ଚ ପ୍ରମୁଖ) ଉଦଳାସ୍ଥିତ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ । ପ୍ରାରମ୍ଭରେ ସମସ୍ତେ ଏକ ସ୍ୱରରେ ହନୁମାନ ଚାଳିଶା ପାଠ କରିଥିଲେ । ଏହାପରେ ପୂର୍ବଭାଗର ଅଭିଯାନ ପ୍ରମୁଖ ସୁକେଶ ବେହେରା ଅକ୍ସିମିଟର ଓ ଥର୍ମୋଗନର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ପରେ ସମାଜସେବୀ ପ୍ରମିଳା ପଣ୍ଡା ସମସ୍ତ ସଞ୍ଚ ପ୍ରମୁଖ (ଗ୍ରାମବୈଦ୍ୟ) ଯଥା- ଉଦଳାର ଅଜୟ କୁମାର ବେହେରା, କପ୍ତିପଦାର ଭାଗିରଥି ନାୟକ, ଶରତର ଦେବକି ମହାନ୍ତ, ଖଇରାର ଗୀତାପ୍ରଭାସିନି ପାଢ଼ୀ, ଗୋପବନ୍ଧୁନଗରର ରିତାଞ୍ଜଳି ପ୍ରଧାନ, କୁଳିଅଣାର ଚନ୍ଦ୍ରମୋହନ ମାଝୀ, ଶ୍ୟାମାଖୁଣ୍ଟାର ସରୋଜ କୁମାର ମହାନ୍ତ, ଈଶ୍ୱରପୁରର କନକଲତା ଘଡ଼େଇ, ମିତ୍ରପୁରର ସ୍ୱପ୍ନେଶ୍ୱର ନାୟକଙ୍କୁ ଅକ୍ସିମିଟର ଓ ଥର୍ମୋଗନ ବଣ୍ଟନ କରିଥିଲେ । ଅଞ୍ଚଳ ଅଭିଯାନ ପ୍ରମୁଖ ମହିନ୍ଦ୍ର ମାର୍ଣ୍ଡି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରାଥମିକ ଶିକ୍ଷା ପ୍ରମୁଖ ବେଣୁଧର କଣ୍ଡାବାଉଁଶିଆ, ଗତିବିଧି ପ୍ରମୁଖ ଗୌରଚନ୍ଦ୍ର ଜେନା ଓ ସଂପାଦକ ସୁବ୍ରତ କୁମାର ମହାନ୍ତି ସହଯୋଗ କରିଥିଲେ ।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer,
Jambhira Canal Division, Morada

Mail- eejcdivisionmorada@gmail.com

Tender Call Notice No.– 04 / 2021-22 of SE, J. C. Division, Morada

| | | |
|---|---|---|
| i | Name of Work | Repair and Restoration of Service Bank from RD 78340m to RD 80400m of Jambhira Left Main Canal with pothole filling and moorum spreading |
| ii | Estimated Cost | Rs 6.71 lakh |
| iii | Period of Completion | 3 calendar months |
| iv | Availability of bid document in **the O/O the Superintending Engineer, Jambhira Canal Division, Morada** | 07.09.2021 at 10.00 AM to 17.09.2021 at 5.00 PM |
| v | Last date for receipt of bids | 18.09.2021 up to 11.00 AM |
| vi | Date of opening of Bid | 18.09.2021 at 11.30AM |
| vii | Name & Address of the O.I.T | Superintending Engineer, O/O the SE, Jambhira Canal Division, Morada, Mayurbhanj |

**Superintending Engineer,**
**Jambhira Canal Division,**
**Morada**

**OIPR : 32200/11/0005/2122**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo